R.N.I. REGN. No. 65000/96 POSTAL REGN. No. OR/BN-32/12-14

ଏକତ୍ରିଂଶତମ ବର୍ଷ
ସଂଖ୍ୟା : ୦୨
ତିଥି : ସପ୍ତମୀ
୦୩ ଅକ୍ଟୋବର ୨୦୨୬, ଶନିବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦
03 October 2026, Saturday

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

30th ANNIVERSARY

Bhubaneswar | Balasore | Angul | Berhampur | Sambalpur

## ୪୪ ବର୍ଷ ଅପେକ୍ଷାର ଅନ୍ତ

# ଏସିଆଡ୍ ମହିଳା ହକିରେ ଭାରତର ସ୍ୱର୍ଣ୍ଣିମ ଇତିହାସ

ନାଗୋୟା, ୨।୧୦ : ଗୋଟିଏ ଦିନ, ଛଅଟି ସ୍ୱର୍ଣ୍ଣ ଏବଂ ଭାରତୀୟ କ୍ରୀଡ଼ା ଇତିହାସରେ ଅନେକ ନୂଆ ଅଧ୍ୟାୟ। ଏସିଆନ୍ ଗେମ୍ସ ୨୦୨୬ର ଦିନ-୧୩ ଭାରତ ପାଇଁ ପାଲଟିଯାଇଛି ଏକ ଅବିସ୍ମରଣୀୟ 'ଗୋଲ୍ଡେନ୍ ଡେ'ରେ। ହକିରେ ୪୪ ବର୍ଷର ଅପେକ୍ଷାର ଅନ୍ତ, ବକ୍ସିଂ ରିଙ୍ଗ୍ରେ ତିନିଟି ସ୍ୱର୍ଣ୍ଣ, କୁସ୍ତି ମ୍ୟାଟ୍ରେ ଅବିଶ୍ୱସନୀୟ ପ୍ରତ୍ୟାବର୍ତ୍ତନ ଏବଂ ରିକର୍ଭ ଆର୍ଚେରୀରେ ଐତିହାସିକ ପ୍ରଥମ ସ୍ୱର୍ଣ୍ଣ- ଏକାଧିକ ଇଭେଣ୍ଟରେ ଭାରତୀୟ ଖେଳାଳିମାନେ ନିଜ ଦମ୍ ଦେଖାଇଛନ୍ତି। ଶୁକ୍ରବାରର ଏହି ଅସାଧାରଣ ସଫଳତା ପରେ ଭାରତ ୭୬ଟି ପଦକ ସହ ପଦକ ତାଲିକାର ପଞ୍ଚମ ସ୍ଥାନକୁ ଉଠିଥିଲା। ଏଥିରେ ୧୬ ସ୍ୱର୍ଣ୍ଣ, ୨୫ ରୌପ୍ୟ ଓ ୩୫ କାଂସ୍ୟ ରହିଥିଲା। ଚତୁର୍ଥ ସ୍ଥାନରେ ଥିବା ଉଜବେକିସ୍ତାନଠାରୁ ଭାରତର ମୋଟ ପଦକ ଅଧିକ ଥିଲେ ମଧ୍ୟ ସ୍ୱର୍ଣ୍ଣ ସଂଖ୍ୟାରେ ତଫାତ ରହିଛି ।




ଚାରି ଦଶନ୍ଧିରୁ ଅଧିକ ସମୟର ଅପେକ୍ଷା। ଅନେକ ହାର, ଅନେକ ନିରାଶା ଏବଂ ସ୍ୱର୍ଣ୍ଣ ପଦକ ପାଇଁ ବାରମ୍ବାର ଅସଫଳ ପ୍ରୟାସ। ଶେଷରେ ଶୁକ୍ରବାର ଏସିଆନ୍ ଗେମ୍ସ ୨୦୨୬ରେ ଭାରତୀୟ ମହିଳା ହକି ଦଳ ଏହି ଦୀର୍ଘ ଅପେକ୍ଷାର ଅନ୍ତ ଘଟାଇଛି। ଡିଫେଣ୍ଡିଂ ଚାମ୍ପିଅନ୍ ଚୀନ୍କୁ ଏକ ରୋମାଞ୍ଚକର ଫାଇନାଲ୍ରେ ୧-୦ ଗୋଲ୍ରେ ପରାସ୍ତ କରି ଭାରତ ୪୪ ବର୍ଷ ପରେ ଏସିଆନ୍ ଗେମ୍ସ ମହିଳା ହକିରେ ପୁଣି ସ୍ୱର୍ଣ୍ଣ ଜିତିଛି। ଏହା ସହ ଭାରତ ୨୦୨୮ ଲସ୍ ଆଞ୍ଜେଲସ୍ ଅଲିମ୍ପିକ୍ସ ପାଇଁ ସିଧାସଳଖ ଯୋଗ୍ୟତା ମଧ୍ୟ ହାସଲ କରିଛି। (୯ ପୃଷ୍ଠାରେ)

## କ୍ୟାପ୍ଟେନ୍ ସ୍ମିତ୍ଙ୍କ ସହ କଥା ହେଲେ ପ୍ରଧାନମନ୍ତ୍ରୀ

# ଭାରତୀୟ ଜୀବନ ବଞ୍ଚାଇବା ଲୋକ ବୋଲି ପ୍ରମାଣିତ

ନୂଆଦିଲ୍ଲୀ, ୨।୧୦ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଭିଡିଓ କଲ୍ ମାଧ୍ୟମରେ କ୍ୟାପଟେନ୍ ସ୍ମିତ୍ ମଚ୍ଛାରଙ୍କ ସହ କଥା ହୋଇଛନ୍ତି । ଶ୍ରୀ ମୋଦୀ କଥାବାର୍ତ୍ତା ଆରମ୍ଭରେ ତାଙ୍କର ସ୍ୱାସ୍ଥ୍ୟାବସ୍ଥା ବିଷୟରେ ପଚାରି ବୁଝିବା ସହ ସମଗ୍ର ଦେଶ ତାଙ୍କ ଆରୋଗ୍ୟ କାମନା କରୁଛି ବୋଲି ଆଶ୍ୱାସନା ଦେଇଥିଲେ । ଅନେକ ଜୀବନ ବଞ୍ଚାଇବା ପାଇଁ ମାତ୍ର କିଛି ସେକେଣ୍ଡ ମଧ୍ୟରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାରେ ପାଇଲଟଙ୍କ ସାହସ, ଧୈର୍ଯ୍ୟ ଏବଂ ତୁରନ୍ତ ନିଷ୍ପତ୍ତି ନେବାର କ୍ଷମତାକୁ ସେ ପ୍ରଶଂସା କରିଛନ୍ତି । ପ୍ରଧାନମନ୍ତ୍ରୀ କହିଛନ୍ତି, ଜୀବନ-ମୃତ୍ୟୁର ସଂଘର୍ଷ ଏବଂ ଗୁରୁତର ଆହତ ହେବା ସତ୍ତ୍ୱେ କ୍ୟାପଟେନ୍ ନିଜ ଜୀବନ ଅପେକ୍ଷା ଯାତ୍ରୀମାନଙ୍କ ସୁରକ୍ଷାକୁ ଅଧିକ ଗୁରୁତ୍ୱ



ଦେଇଥିଲେ, ଯାହା ୧୪୦ କୋଟି ଦେଶବାସୀଙ୍କ ଗୌରବ ବୃଦ୍ଧି କରିଛି । ଶ୍ରୀ ମୋଦୀ ଗୁରୁତ୍ୱାରୋପ କରି କହିଛନ୍ତି, ଆମେ ଭାରତୀୟମାନେ ଜୀବନ ନେବା ଲୋକ ନୁହଁ, ବରଂ ଜୀବନ ବଞ୍ଚାଉଥିବା ଲୋକ ବୋଲି ଆଜି ସମଗ୍ର ଦେଶ ଗର୍ବର ସହ କହିପାରିବ । (୯ ପୃଷ୍ଠାରେ)

## ଗାନ୍ଧୀ-ଶାସ୍ତ୍ରୀ ଜୟନ୍ତୀ ଅବସରରେ ଶ୍ରଦ୍ଧାଞ୍ଜଳି

# ଶେଷ ଧାଡ଼ିର ଲୋକଙ୍କୁ ସେବା ଦେଇଛୁ : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨।୧୦ (ସବ୍ୟୁ) : ପବିତ୍ର ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ଅବସରରେ ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ବାଚସ୍ପତି ସୁରମା ପାଢ଼ୀ ଓ ଅନ୍ୟ ବିଶିଷ୍ଟ ବ୍ୟକ୍ତି ମାନେ ଆଜି ଜାତିର ଜନକ ମହାତ୍ମା ଗାନ୍ଧୀ ଏବଂ ଦେଶର ଦ୍ୱିତୀୟ ପ୍ରଧାନମନ୍ତ୍ରୀ ଲାଲ ବାହାଦୁର ଶାସ୍ତ୍ରୀଙ୍କୁ ଓଡ଼ିଶା ବିଧାନସଭା ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ନିଜର ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି।



ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଏହି ମହାନ ଯୁଗପୁରୁଷ ଦ୍ୱୟଙ୍କ ଅତୁଳନୀୟ ତ୍ୟାଗ, ନୈତିକତା ଏବଂ ଦେଶସେବା ପ୍ରତ୍ୟେକ ଭାରତୀୟଙ୍କ ପାଇଁ ଚିର ପ୍ରେରଣାର ଉତ୍ସ। ମୁଖ୍ୟମନ୍ତ୍ରୀ କହିଛନ୍ତି (୯ ପୃଷ୍ଠାରେ)

# ସିଇସିଙ୍କ ଇସ୍ତଫା ଦାବିରେ ଦିଲ୍ଲୀ, ମୁମ୍ବାଇରେ ବିକ୍ଷୋଭ

ନୂଆଦିଲ୍ଲୀ, ୨।୧୦: ମୁଖ୍ୟ ନିର୍ବାଚନ କମିଶନର (ସିଇସି) ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବିରେ ଆଜି ଦିଲ୍ଲୀ ଓ ମୁମ୍ବାଇରେ ବଡ଼ ଧରଣର ବିକ୍ଷୋଭ ଆୟୋଜନ କରାଯାଇଛି। ନିର୍ବାଚନ କମିଶନଙ୍କ ମଧ୍ୟରେ ମତଭେଦ ଥିବା ନେଇ ରିପୋର୍ଟ ପ୍ରକାଶ ପାଇବା ପରେ ଏହି ଆନ୍ଦୋଳନ ଡାକରା ଦିଆଯାଇଛି। ତେବେ ଉଭୟ ସହରରେ ବିକ୍ଷୋଭ ପାଇଁ ପୁଲିସ ଅନୁମତି ଦେଇନାହିଁ।

ଯୁବ ଆନ୍ଦୋଳନକାରୀ ସଂଗଠନ 'କକ୍ରୋଚ୍ ଜନତା ପାର୍ଟି' (ସିଜେପି) ମୁମ୍ବାଇର ଶିବାଜୀ ପାର୍କରେ ବିକ୍ଷୋଭ କରିବାକୁ ଘୋଷଣା କରିଛି।

ସେହିପରି ଦିଲ୍ଲୀର ଯନ୍ତରମନ୍ତରରେ ଆମ୍ ଆଦମୀ ପାର୍ଟି (ଆପ୍), ଅଲ୍ ଇଣ୍ଡିଆ ଷ୍ଟୁଡେଣ୍ଟସ୍ ଆସୋସିଏସନ୍ (ଆଇସା), ନ୍ୟାସନାଲ ଷ୍ଟୁଡେଣ୍ଟସ୍ ୟୁନିୟନ୍ ଅଫ୍ ଇଣ୍ଡିଆ (ଏନ୍ଏସ୍ୟୁଆଇ) ଏବଂ ଇଣ୍ଡିଆନ୍ ୟୁଥ୍ (୯ ପୃଷ୍ଠାରେ)




## ନୟାପଲ୍ଲୀ ଦୁଷ୍କର୍ମ

# ମହିଳା କମିଶନଙ୍କ ରିପୋର୍ଟ ତଲବ

ଭୁବନେଶ୍ୱର, ୨।୧୦ (ସବ୍ୟୁ) : ନୟାପଲ୍ଲୀରେ ବନ୍ଧୁକ ଦେଖାଇ ଜଣେ ଯୁବତୀଙ୍କୁ ଦୁଷ୍କର୍ମ କରିଥିବା ଅଭିଯୁକ୍ତକୁ ଦୁଇଦିନ ପରେ ମଧ୍ୟ ପୋଲିସ ଜାଣିପାରି ନାହିଁ । ଅଭିଯୁକ୍ତ ଯୁବକଙ୍କୁ ଗିରଫ କରିବା କମିଶନରେଟ୍ ପୋଲିସ ପାଇଁ ଚାଲେଞ୍ଜ ସୃଷ୍ଟି କରିଥିବା ବେଳେ ମହିଳା କମିଶନ ଡିସିପିଙ୍କୁ ରିପୋର୍ଟ ତଲବ କରିଛନ୍ତି ।

ଦୁଷ୍କର୍ମ ଘଟଣାରେ ମହିଳା କମିଶନ ନିଜ ଆଡୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିବା ବେଳେ ୧୫ଦିନ ଭିତରେ ରିପୋର୍ଟ ଦେବାକୁ ଡିସିପିଙ୍କୁ ନୋଟିସ୍ ହୋଇଛି । ମହିଳା କମିଶନର ଦୁଇଜଣିଆ ଟିମ୍ ନୟାପଲ୍ଲୀ ଥାନାକୁ ଯାଇ ତଦନ୍ତକାରୀ ଅଫିସରଙ୍କୁ ପଚରାଉଚରା କରିଛନ୍ତି । କେବଳ ତଦନ୍ତକାରୀ ଅଫିସରଙ୍କୁ ନୁହେଁ, ପୀଡିତାଙ୍କୁ ମଧ୍ୟ ଥାନା ଭିତରେ ଘଟଣା ସମ୍ପର୍କରେ ପଚରାଉଚରା କରି ରିପୋର୍ଟ ସଂଗ୍ରହ କରିଛି ଦୁଇଜଣିଆ ଟିମ୍ । (୯ ପୃଷ୍ଠାରେ)

# ସର୍ବୋଚ୍ଚ ଜଳସ୍ତରରେ ହୀରାକୁଦ

ସମ୍ବଲପୁର, ୨।୧୦ (ସବ୍ୟୁ): ହୀରାକୁଦ ଜଳଭଣ୍ଡାର ପୂର୍ଣ୍ଣଗର୍ଭା ହୋଇଛି । ଚଳିତବର୍ଷ ୨ୟ ଥର ଜଳଭଣ୍ଡାରର ଜଳସ୍ତର ୬୩୦ଫୁଟରେ ପହଞ୍ଚିଛି । ଜଳଭଣ୍ଡାରର ସର୍ବୋଚ୍ଚ ଜଳଧାରଣ କ୍ଷମତା ୬୩୦ଫୁଟ୍ ରହିଛି । ଏହାକୁ ଦୃଷ୍ଟିରେ ରଖି ଡ୍ୟାମ କର୍ତ୍ତୃପକ୍ଷ ୧ଟି ଗେଟ୍ ଖୋଲିଛନ୍ତି । ଜଳ ସମ୍ପଦ ବିଭାଗ ସୂଚନା ଅନୁସାରେ, ଜଳଭଣ୍ଡାରକୁ ୫୦ ହଜାର୯୬୦ ଘନଫୁଟ ଜଳ ପ୍ରବେଶ କରୁଥିବା ବେଳେ ସମପରିମାଣ ଜଳ ନିଷ୍କାସିତ ହେଉଛି । ସେଥିମଧ୍ୟରୁ ୧୬ ହଜାର ୪୪୦ ଘନଫୁଟ ସ୍ପିଲ୍ୱେ, ୨୯ହଜାର୭୫୮ଘନଫୁଟ ପାୱାର ଚେନାଲ, ୨୨୧ ଘନଫୁଟ କଳକାରଖାନା ଓ ୪ହଜାର୫୪୧ଘନଫୁଟ କେନାଲକୁ ଛଡାଯାଉଛି । (୯ ପୃଷ୍ଠାରେ)






# ଚୀନରେ କେଶରେ ପ୍ରସ୍ତୁତ ହେଉଛି କଳାକୃତି

ଚୀନ୍‌ରେ ରେଶମ କିମ୍ବା ସାଧାରଣ ସୂତା ବଦଳରେ ମଣିଷ କେଶ ବ୍ୟବହାର କରି ସୂକ୍ଷ୍ମ ଏବଂ ଆକର୍ଷଣୀୟ କାରୁକାର୍ଯ୍ୟ (ଏମ୍ବ୍ରୋଡରୀ) କରିବାର ଏକ ନିଆରା ପରମ୍ପରା ପାଳନ ହୋଇଥାଏ । ଯେଉଁଥିରେ ମଣିଷ, ଜୀବଜନ୍ତୁ, ଫୁଲ, ପକ୍ଷୀ ଓ ପ୍ରାକୃତିକ ଦୃଶ୍ୟାବଳୀର ଚିତ୍ର ପ୍ରସ୍ତୁତ କରାଯାଇଥାଏ । ଏହି କଳା ପାଇଁ ଅତି କମ୍‌ରେ ୩୦ ସେଣ୍ଟିମିଟର ଲମ୍ବର କେଶ ଆବଶ୍ୟକ ହୋଇଥାଏ । ଯାହାକୁ ପ୍ରଥମେ ସଫା କରି ନରମ କରାଯିବା ସହ ଦୀର୍ଘଦିନ ପର୍ଯ୍ୟନ୍ତ ସୁରକ୍ଷିତ ରଖିବା ପାଇଁ ବିଭିନ୍ନ ପ୍ରକ୍ରିୟା ଦେଇ ଗତି କରାଯାଇଥାଏ । କେଶ ଅତ୍ୟନ୍ତ ପତଳା ହୋଇଥିବାରୁ ଏହି ସମ୍ପୂର୍ଣ୍ଣ କାମ ହାତରେ ହୋଇଥାଏ । ପୂର୍ବରୁ କେବଳ କଳା କେଶ ବ୍ୟବହାର ହେଉଥିବାରୁ ଏହାକୁ 'ଇଙ୍କ୍ ଏମ୍ବ୍ରୋଇଡରୀ' କୁହାଯାଉଥିଲା । ମାତ୍ର ବର୍ତ୍ତମାନ କେଶକୁ ରଙ୍ଗ କରି ରଙ୍ଗୀନ ଚିତ୍ର ମଧ୍ୟ ତିଆରି କରାଯାଉଛି । ଚୀନ୍‌ର ଡୋଙ୍ଗତାଇରୁ ଟାଙ୍ଗ୍ ରାଜବଂଶ ସମୟରୁ ଆରମ୍ଭ ହୋଇଥିବା ଏହି ପ୍ରସିଦ୍ଧ କଳାର ଏକ ପ୍ରମୁଖ ଉଦାହରଣ ହେଉଛି ୧୨.୪ ମିଟରରୁ ଅଧିକ ଲମ୍ବ ବିଶିଷ୍ଟ 'ପ୍ରୋସପରସ୍ ସୁଝୋଉ' । ଯାହାକୁ ୧୦ ଜଣରୁ ଅଧିକ ଶିଳ୍ପୀ ୩ ବର୍ଷ ଧରି ତିଆରି କରିଥିଲେ । ଏଥିରେ ୧୨,୦୦୦ ମାନବ ଆକୃତି, ୪୦୦ ଡଙ୍ଗା ଓ ୫୦୦ ଦୋକାନର ସାଇନ୍‌ବୋର୍ଡ ସ୍ଥାନ ପାଇଛି ।




# ଟ୍ରେନରେ ଗୀତ ଗାଉଥିଲେ ଆୟୁଷ୍ମାନ



ନିଜର ସ୍ୱତନ୍ତ୍ର ଓ ଭିନ୍ନଧର୍ମୀ ସିନେମା ନିଜରିଆରେ ବଲିଉଡରେ ଏକ ନୂଆ ପରିଚୟ ସୃଷ୍ଟି କରିଥିବା ଅଭିନେତା ଆୟୁଷ୍ମାନ ଖୁରାନାଙ୍କ ଶୀର୍ଷ ସଫଳତା ପଛରେ ରହିଛି କଠିନ ସଂଘର୍ଷର କାହାଣୀ । ପ୍ରାରମ୍ଭିକ ଅବସ୍ଥାରେ ଜଣେ ଡାକ୍ତର ହେବାର ସ୍ୱପ୍ନ ଦେଖି କର୍ଣ୍ଣାଟକର ଏକ ଡେଣ୍ଟାଲ କଲେଜରେ ସିଟ୍ ପାଇଥିଲେ ମଧ୍ୟ ନାଟକ ଓ ଅଭିନୟ ପ୍ରତି ଗଭୀର ଆକର୍ଷଣ ଯୋଗୁଁ ସେ ମେଡିକାଲ ପାଠ ଛାଡ଼ି କଳା କ୍ଷେତ୍ରକୁ ଆପଣେଇ ନେଇଥିଲେ । କଲେଜ ଦିନରୁ ଥିଏଟର କରି ସାମାଜିକ ସମସ୍ୟା ବୁଝିଥିବା ଆୟୁଷ୍ମାନ, ନିଜ ସାଙ୍ଗମାନଙ୍କ ସହ ମିଶି ଟ୍ରେନରେ ଗୀତ ଗାଇ ରୋଜଗାର କରୁଥିବା ଅର୍ଥରେ ବୁଲିବାକୁ ଯାଉଥିଲେ । ୨୦୦୪ରେ 'ଏମ୍‌ଟିଭି ରୋଡିଜ୍ ସିଜନ୍ ୨' ବିଜେତା ହେବା ପରେ ସେ ରେଡିଓ ଜକି, ଏମ୍‌ଟିଭି ଭିଜେ ଓ ପଡକାଷ୍ଟରଭାବେ ଅମିତାଭ ବଚ୍ଚନ, ଶାହରୁଖ ଖାନଙ୍କ ଭଳି ତାରକାଙ୍କ ସାକ୍ଷାତକାର ନେଇଥିଲେ । ମୁମ୍ବାଇ ଯିବାପରେ ପ୍ରାରମ୍ଭିକ ଦିନରେ ନିଜ ଡାକ୍ତର ସାଙ୍ଗଙ୍କ ସହ କେ.ଇ.ଏମ୍. ହସ୍ପିଟାଲ ହଷ୍ଟେଲରେ ରହି ଅଡିସନ୍ ଦେବା ଆରମ୍ଭ କଲେ । 'ଇଣ୍ଡିଆନ୍ ଆଇଡଲ୍ ୨'ରୁ ପ୍ରତ୍ୟାଖ୍ୟାତ ହେବା ପରେ, ୨୦୧୨ରେ 'ଭିକି ଡୋନର୍' ଚଳଚ୍ଚିତ୍ରରୁ ନାୟକ ଭାବେ ଡେବ୍ୟୁ କରି ସେ ସଫଳତା ପାଇଥିଲେ । ଏହାପୂର୍ବରୁ ଅନେକ ଶୋରେ ତାଙ୍କୁ ହୋଷ୍ଟ ଭାବେ ଦେଖିବାକୁ ମିଳିଥିଲା । ହେଲେ ଏହି ଫିଲ୍ମ ପରେ ତାଙ୍କର ପରବର୍ତ୍ତୀ ତିନୋଟି ଫିଲ୍ମ ବକ୍ସ ଅଫିସରେ ଅସଫଳ ହୋଇଥିଲା । ତେବେ 'ଦମ୍ ଲଗା କେ ହାଇସା'ରୁ ତାଙ୍କ କ୍ୟାରିଅର ପୁଣି ଟ୍ରାକକୁ ଫେରିବା ସହ 'ବରେଲି କି ବର୍ଫି', 'ଶୁଭ ମଙ୍ଗଲ ସାବଧାନ୍', 'ଅନ୍ଧାଧୁନ୍', 'ବଧାଇ ହୋ', 'ଆର୍ଟିକିଲ୍ ୧୫', 'ଡ୍ରିମ୍ ଗର୍ଲ' ଓ 'ବାଲା' ଭଳି ସୁପରହିଟ୍ ଫିଲ୍ମ ତାଙ୍କୁ ଭାରତୀୟ ସିନେମା ଜଗତରେ ଏକ ଅନନ୍ୟ ଓ ସ୍ୱତନ୍ତ୍ର ପରିଚୟ ଦେଇପାରିଛି ଟ୍ରେନରେ ଗୀତ ବୋଲୁଥିବା ଆୟୁଷ୍ମାନ ବର୍ତ୍ତମାନ ବଲିଉଡର ଆଗଧାଡିର ନାୟକ ସାଜିଛନ୍ତି ।

## ସୋସିଆଲ କୋଟ୍ସ



୪ ବର୍ଷ ପୂର୍ବରୁ ଯଦି ମୋତେ ଏହି ଚରିତ୍ର ଦିଆଯାଇ ଥାଆନ୍ତା ତେବେ ମୁଁ ଅଭିନୟ କରିପାରି ନଥାଆନ୍ତି । ଛଟି ମଇଆର ଚରିତ୍ର କରିବା ସମୟରେ ମୁଁ ଖୁବ ଭାବବିହ୍ୱଳ ହୋଇ ଯାଇଥିଲି ।

ତମ୍ମନା ଭାଟିଆ, ଅଭିନେତ୍ରୀ



ରାମ ହେଉଛନ୍ତି ମର୍ଯ୍ୟାଦା ପୁରୁଷୋତ୍ତମ, ସେ ସବୁବେଳେ ହସୁଥାଆନ୍ତି । ଏହି ଉକ୍ତ ସିନେମାରେ ତାଙ୍କୁ ସଲମାନ ଖାନ, ରଜନୀକାନ୍ତ ଓ ଅମିତାଭଙ୍କ ଭଳି ପ୍ରସ୍ତୁତ କରାଯାଇଛି, ରାଗୀ ।

ମୁକେଶ ଖନ୍ନା, ଅଭିନେତା



ଜୀବନରେ ଅନେକ କମେଣ୍ଟ ଶୁଣିଛି । ଲୋକଙ୍କର କାମ ହେଲା କହିବା, ସେମାନେ ଭଲ କଲେ ବି କହିବେ ଖରାପ କଲେ ବି କହିବେ । ସେକଥାକୁ ଶୁଣେ ନାହିଁ ।

ସ୍ୱରା ଭାସ୍କର, ଅଭିନେତ୍ରୀ

# ଗାଁରେ ଗୁପଚୁପ୍ ଖାଇବା ମନା



ଗୁଜରାଟର ମେହସାଣା ଜିଲ୍ଲାସ୍ଥିତ ଛାନ୍‌ସୋଲ୍ ଗ୍ରାମସଭା ପକ୍ଷରୁ ଗାଁରେ ଗୁପଚୁପ, ପ୍ୟାକେଟ୍ ସ୍ନାକ୍ସ, ପକୋଡ଼ା, ବଡାପାଓ ଭଳି ଫାଷ୍ଟଫୁଡ୍ ବିକ୍ରି ଉପରେ ସଂପୂର୍ଣ୍ଣ କଟକଣା ଲଗାଯାଇଛି, ଯାହା ବର୍ତ୍ତମାନ ସୋସିଆଲ ମିଡିଆରେ ଖୁବ ଚର୍ଚ୍ଚାର ବିଷୟ ପାଲଟିଛି । ଗାଁର ପିଲାମାନେ ଅତ୍ୟଧିକ ବାହାର ଖାଦ୍ୟ ଖାଇ ଘର ରନ୍ଧା ଖାଦ୍ୟ ଏବଂ ସ୍କୁଲର ମଧ୍ୟାହ୍ନ ଭୋଜନ ପ୍ରତି ଅରୁଚି ଦେଖାଉଥିବାରୁ ଗ୍ରାମବାସୀଙ୍କ ଅଭିଯୋଗ କ୍ରମେ ଏକ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି । ଏହି ନିୟମ ଅମାନ୍ୟ କରୁଥିବା ଦୋକାନୀଙ୍କ ଉପରେ ପ୍ରଥମ ଥର ପାଇଁ ୫,୦୦୦ ଟଙ୍କା ଏବଂ ଦ୍ୱିତୀୟ ଥର ପାଇଁ ୧୦,୦୦୦ ଟଙ୍କାର ଜରିମାନା ବିଧାନ ରଖାଯାଇଛି । କେବଳ ଏହି ଗୋଟିଏ ଗାଁ ନୁହେଁ ଏଭଳି ଅନ୍ୟ ଚାରୋଟି ଗାଁରେ ମଧ୍ୟ ୫ ଓ ୧୦ ଟଙ୍କିଆ ସ୍ନାକ୍ସ ପ୍ୟାକେଟ୍, ପ୍ଲାଷ୍ଟିକ୍ ଜାର୍ ଓ କପ୍ ବିକ୍ରି ଉପରେ ବିଭିନ୍ନ ପ୍ରକାରର କଟକଣା ସହ ଜରିମାନା ବ୍ୟବସ୍ଥା ଲାଗୁ କରାଯାଇଛି । ତେବେ ସୋସିଆଲ ମିଡିଆରେ ଏହାକୁ ମିଶ୍ରପ୍ରତିକ୍ରିୟା ମିଳିଛି । କେହି ଏହାକୁ ସମର୍ଥନ କରୁଥିବାବେଳେ କେହି ସମାଲୋଚନା କରୁଛନ୍ତି ।

# ତାଞ୍ଜାନିଆରେ ବିସ୍ମୟ ଲାଲ୍ ହ୍ରଦ

ଆଫ୍ରିକାର ତାଞ୍ଜାନିଆରେ ଅବସ୍ଥିତ 'ଲେକ୍ ନାଟ୍ରୋନ୍' ନାମକ ଏକ ରହସ୍ୟମୟ ଲାଲ୍ ହ୍ରଦ ଏବେ ଚର୍ଚ୍ଚାର ବିଷୟ ପାଲଟିଛି । ଏହି ପାଣିରେ ମୃତ୍ୟୁବରଣ କରୁଥିବା ପକ୍ଷୀ ଓ ଜୀବଜନ୍ତୁଙ୍କ ଶବ ଗୁଡ଼ିକ ଶୁଖି ଶକ୍ତ ପଥର ଭଳି ଦୃଶ୍ୟମାନ ହୋଇଥାନ୍ତି । ଏହି ହ୍ରଦର ପାଣିରେ ପ୍ରଚୁର ପରିମାଣରେ ଲବଣ ଓ ସୋଡ଼ିଅମ୍ କାର୍ବୋନେଟ୍ ଭଳି ଖଣିଜ ପଦାର୍ଥ ରହିଥିବାରୁ, ଏହା ସଂସ୍ପର୍ଶରେ ଆସୁଥିବା ଜୀବଜନ୍ତୁଙ୍କ ଶରୀରରୁ ଜଳୀୟ ଅଂଶ ଶୀଘ୍ର ବାଷ୍ପୀଭୂତ ହୋଇଯାଇଥାଏ । ଯାହା ଫଳରେ ଶରୀର ଶକ୍ତ ହେବାସହ ଏହାର ପଚନ ପ୍ରକ୍ରିୟାକୁ ଧୀର କରିଦେଇଥାଏ । ଯାହା ପ୍ରାଚୀନ ମିଶରରେ ମମି ସଂରକ୍ଷଣ ପାଇଁ ବ୍ୟବହୃତ ହେଉଥିଲା । ଆଖପାଖର ପାହାଡ଼ ଓ ଉଷ୍ମ ପ୍ରସ୍ରବଣରୁ ପ୍ରବାହିତ ଲବଣ ଓ ଖଣିଜ ପଦାର୍ଥ ଯୋଗୁଁ ଏହି ହ୍ରଦର ରଙ୍ଗ ଗାଢ଼ ଲାଲ୍ ଦେଖାଯାଇଥାଏ । ଏହାର ବିଷାକ୍ତ ତଥା ପ୍ରତିକୂଳ ପରିବେଶ ସତ୍ତ୍ୱେ ଏଠାରେ ପ୍ରଚୁର ସାଲୁଅ (ଆଲଗି) ମିଳୁଥିବାରୁ ଲକ୍ଷାଧିକ 'ଲେସର୍ ଫ୍ଲାମିଙ୍ଗୋ' ପକ୍ଷୀ ବଂଶବୃଦ୍ଧି ଓ ଆହାର ପାଇଁ ଏଠାକୁ ଆସିଥାନ୍ତି । ଅନ୍ୟ ହିଂସ୍ର ଜନ୍ତୁଙ୍କ ଭୟ ନଥିବାରୁ ପ୍ରଜନନ ଋତୁରେ ମଧ୍ୟ ଏହି ରହସ୍ୟମୟ ଲାଲ୍ ହ୍ରଦ ନିକଟରେ ନିୟୁତାଧିକ ଫ୍ଲାମିଙ୍ଗୋ ପକ୍ଷୀଙ୍କ ସମାଗମ ଦେଖିବାକୁ ମିଳିଥାଏ ।



# ଇଣ୍ଡୋନେସିଆର ବିଳାସପୂର୍ଣ୍ଣ ଜେଲ



ଇଣ୍ଡୋନେସିଆର ଏକ ଜେଲ୍‌ରେ କଏଦୀମାନଙ୍କ ପାଇଁ ସାଧାରଣ କୋଠରୀ ବଦଳରେ ବିଳାସପୂର୍ଣ୍ଣ ଆପାର୍ଟମେଣ୍ଟ ଭଳି ବ୍ୟବସ୍ଥା ଥିବା ଏକ ସ୍ୱତନ୍ତ୍ର କମ୍ପ୍ଲେକ୍ସର ପର୍ଦ୍ଦାଫାଶ ହୋଇଛି । ଯେଉଁଠାରେ ଏସି, ବଡ଼ ଟିଭି, ସୋଫା, ଫ୍ରିଜ୍, ଡାଇନିଂ ଏରିଆ ସହ ସ୍ୱିମିଂ ପୁଲ୍, ଜିମ୍ ଓ ନିର୍ମାଣାଧୀନ ଗଲ୍ଫ ସିମୁଲେଟର ଭଳି ଅତ୍ୟାଧୁନିକ ସୁବିଧାସୁଯୋଗ ରହିଥିଲା । ଜେଲ୍ ସୁପରିଣ୍ଟେଣ୍ଡେଣ୍ଟଙ୍କ ଘର ପଛପଟେ ଥିବା ଏହି ସ୍ୱତନ୍ତ୍ର କମ୍ପ୍ଲେକ୍ସରେ ଅତି କମ୍‌ରେ ୧୦ଟି ବିଳାସପୂର୍ଣ୍ଣ କୋଠରୀ ରହିଥିବା ବେଳେ ଚଢ଼ାଉ ସମୟରେ ଅନେକ କଏଦୀ ସେଠାରେ ରହୁଥିବା ଦେଖିବାକୁ ମିଳିଥିଲା । ପରିସର ମଧ୍ୟରୁ ଟୋୟୋଟା ଆଲଫାର୍ଡ ଓ ଟୋୟୋଟା ଫର୍ଚୁନର ଭଳି ଦାମୀ ଏସ୍‌ୟୁଭି ଗାଡ଼ି ଜବତ କରାଯାଇଛି । ତଦନ୍ତ ବେଳେ ବାଉଁଶ ଜଙ୍ଗଲ ଓ ଆବର୍ଜନା ପକାଯାଉଥିବା ସ୍ଥାନ ଦେଇ ସିକ୍ରେଟ୍ ରୁଟ୍ ମିଳିଥିଲା, ଯାହା ମାଧ୍ୟମରେ ସରକାରୀ ସୁରକ୍ଷା ଯାଞ୍ଚକୁ ଏଡ଼ାଇ ଜେଲ୍ ଭିତରକୁ ଆସିବା ଓ ବାହାରକୁ ଯିବା ସହଜ ହେଉଥିଲା । ଜେଲଟି ବର୍ତ୍ତମାନ ସୋସିଆଲ ମିଡିଆରେ ଖୁବ ଭାଇରାଲ ହେବାରେ ଲାଗିଛି ।

## ଇତିହାସ

୧୮୯୦- ଓଡିଶାର ଜଣେ ବିଖ୍ୟାତ୍ ସମାଜସେବୀ ତଥା ଲେଖକ ଲକ୍ଷ୍ମୀ ନାରାୟଣ ସାହୁଙ୍କ ଜନ୍ମ ।
୧୯୨୩- ଭାରତର ପ୍ରଥମ ମହିଳା ସ୍ନାତକ ତଥା ପ୍ରଥମ ମହିଳା ଚିକିତ୍ସକ କାଦମ୍ବିନୀ ଗାଙ୍ଗୁଲିଙ୍କ ପରଲୋକ ।
୧୯୫୩- ପ୍ରସିଦ୍ଧ ନ୍ୟାୟବିଦ୍, ଅଧିବକ୍ତା ତଥା ଶିକ୍ଷାଶାସ୍ତ୍ରୀ ଆଲ୍ଲାଦି କ୍ରୀଷ୍ଣାସ୍ୱାମୀ ଆୟରଙ୍କ ଦେହାନ୍ତ ।
୧୯୫୩- ଭାରତର ପୂର୍ବତନ ମୁଖ୍ୟ ବିଚାରପତି ଦୀପକ ମିଶ୍ରଙ୍କ ଜନ୍ମ ।
୧୯୭୭- ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କୁ ଭ୍ରଷ୍ଟାଚାର ଅଭିଯୋଗରେ ଗିରଫ କରାଗଲା ।
୧୯୭୮- କଲିକତାରେ ପ୍ରଥମ ଓ ଦ୍ୱିତୀୟ ଟେଷ୍ଟଟ୍ୟୁବ୍ ଶିଶୁର ଜନ୍ମ ।
୧୯୮୪- ଭାରତର ସର୍ବାଧିକ ଦୂରତାବିଶିଷ୍ଟ ଟ୍ରେନ୍ ହିମସାଗର ଏକ୍ସପ୍ରେସ୍ କନ୍ୟାକୁମାରୀରୁ ଜମ୍ମୁ ତାୱୀ ପାଇଁ ବାହାରିଲା ।
୧୯୯୨- ବିଶ୍ୱ ପ୍ରଫେସନାଲ୍ ବିଲିୟାର୍ଡ୍ସ ଚାମ୍ପିଅନ୍‌ସିପ୍‌ରେ ଗୀତ ସେଠୀ ବିଜୟୀ ।



**ମେଷ:** ଅର୍ଥଲାଭ, ପାରିବାରିକ ଖୁସି, ବନ୍ଧୁସାହାଯ୍ୟ, ଦୂରଯାତ୍ରା ସଫଳ, ଦେବକାର୍ଯ୍ୟରେ ଆଗ୍ରହ, ଶତ୍ରୁ ପରାଜିତ, ବିଭିନ୍ନ କାର୍ଯ୍ୟରେ ଲାଭ, ସତର୍କ ରୁହନ୍ତୁ, ବ୍ୟବସାୟରେ ଉନ୍ନତି, ସମ୍ପତ୍ତିଲାଭ, ଶରୀର ସୁସ୍ଥ, ଶୁଭଖବର, ସମ୍ମାନଲାଭ । ଅଶ୍ୱିନୀ ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୯, ଆରାଧନା-ମା' ଭଗବତୀ ।

**ବୃଷ:** ଶରୀର ସୁସ୍ଥ, ବ୍ୟବସାୟରେ ସ୍ୱଳ୍ପ ଲାଭ, ଉଚ୍ଚବ୍ୟକ୍ତିଙ୍କ ସହଯୋଗ, ପାରିବାରିକ ସମସ୍ୟା, ଦୂରଯାତ୍ରାରେ ସତର୍କ, ହେବାକାର୍ଯ୍ୟ ବିଳମ୍ବ, ଶତ୍ରୁ ପରାଜିତ, ବିଦ୍ୟାରେ ସଫଳତା । କୃତ୍ତିକା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ଆକାଶିଆ, ସଂଖ୍ୟା-୭, ଆରାଧନା-ମହାଲକ୍ଷ୍ମୀ ।

**ମିଥୁନ:** ବନ୍ଧୁଲାଭ, ଶରୀର ସୁସ୍ଥ, ଦୂରଯାତ୍ରା, ସମ୍ପତ୍ତି କ୍ରୟ ବିକ୍ରୟ, ବନ୍ଧୁସାହାଯ୍ୟ, ଦାମ୍ପତ୍ୟଖୁସି, ଦେବଦର୍ଶନ, ବ୍ୟବସାୟରେ ଲାଭ, ଶତ୍ରୁ ପରାଜିତ, ସନ୍ତାନ ସମସ୍ୟା, ବିଦ୍ୟାରେ ଅସଫଳ, ମୃଗଶିରା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ନାଲି, ସଂଖ୍ୟା-୬, ଆରାଧନା-ଶଙ୍କର ଭଗବାନ ।

**କର୍କଟ:** କଳହଯୋଗ, କର୍ମକ୍ଷେତ୍ରେ ଅଶାନ୍ତି, ଦୂରସ୍ଥାନକୁ ଯାତ୍ରା, ବ୍ୟବସାୟରେ ସ୍ୱଳ୍ପ ଲାଭ, ବହୁ କାର୍ଯ୍ୟରେ ବିଳମ୍ବ, ଶରୀର ସୁସ୍ଥ, ବିଶିଷ୍ଟ କାର୍ଯ୍ୟରେ ଲାଭ, ଦ୍ରବ୍ୟନଷ୍ଟ, ପୁରାତନ ବିବାଦ, ବିଦ୍ୟାରେ କଷ୍ଟ । ପୁଷ୍ୟା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୪, ଆରାଧନା-ପ୍ରଭୁ ହନୁମାନ ।

**ସିଂହ:** ନୂତନ ଆୟ, ଶୁଭ ଆଲୋଚନା, ପାରିବାରିକ କଷ୍ଟ, ସନ୍ତାନ ସମସ୍ୟା, ବ୍ୟବସାୟରେ ସ୍ୱଳ୍ପ ଲାଭ, ଗୃହେ ଉତ୍ସବ, ଦେବକାର୍ଯ୍ୟରେ ଉତ୍ସାହ, କିଛି ଦ୍ରବ୍ୟ ଲାଭ, ସମ୍ପତ୍ତିଖୁସି, ସମ୍ମାନ ପ୍ରାପ୍ତି, ଦୂରଯାତ୍ରା ସଫଳ । ପୂର୍ବାଫାଲଗୁନି ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-କମଳା, ସଂଖ୍ୟା-୭, ଆରାଧନା-ମା' କିଚକେଶ୍ୱରୀ ।

**କନ୍ୟା:** ଅଯଥା ଧନବ୍ୟୟ, ମାନସିକ କଷ୍ଟ, ଦୂରଯାତ୍ରା ସଫଳ, ବ୍ୟବସାୟରେ ଉନ୍ନତି, ବନ୍ଧୁ ସହଯୋଗ, ଯାତ୍ରା ସଫଳ, ନୂତନ କର୍ମନିଯୁକ୍ତି, ବିବାଦ ସମାଧାନ, ବିଶିଷ୍ଟ ବ୍ୟକ୍ତି ସାହାଯ୍ୟ, ଦାମ୍ପତ୍ୟଖୁସି । ହସ୍ତା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ଆକାଶି, ସଂଖ୍ୟା-୮, ଆରାଧନା-ମହାଲକ୍ଷ୍ମୀ ।

**ତୁଳା:** ବ୍ୟବସାୟରେ ଉନ୍ନତି, ଦ୍ରବ୍ୟଲାଭ, ମାନସିକ ଖୁସି, ଯାତ୍ରାରେ କଷ୍ଟ, ବନ୍ଧୁ ସହଯୋଗ, ଦେବଦର୍ଶନ, ଅର୍ଥକଷ୍ଟ, ଅନୁଷ୍ଠାନରୁ ଲାଭ, ଲୋକସମ୍ପର୍କ ବୃଦ୍ଧି, ସନ୍ତାନ ସୁଖ, ପାରିବାରିକ ସହଯୋଗ । ସ୍ୱାତୀ ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୭, ଆରାଧନା-ମା' ଭଗବତୀ ।

**ବିଛା:** ଭ୍ରମଣଯୋଗ, ଦେବକାର୍ଯ୍ୟରେ ସନ୍ତୁଷ୍ଟ, ଅଯଥା ଅଶାନ୍ତି, ଦ୍ରବ୍ୟଲାଭ, ଶରୀର କଷ୍ଟ, ଉତ୍ସବଲାଗି ଦୂରଯାତ୍ରା, ବିବାଦ ସମାଧାନ, ସମ୍ପତ୍ତିଲାଭ, ସୁମିଷ୍ଟ ଭୋଜନ ଦାମ୍ପତ୍ୟଖୁସି, ଭ୍ରାତୃସ୍ନେହ । ଅନୁରାଧା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୧୦, ଆରାଧନା- ପ୍ରଭୁ ନୃସିଂହ ।

**ଧନୁ:** କର୍ମକ୍ଷେତ୍ରେ ଲାଭ, ଭ୍ରମଣଯୋଗ, ଅଯଥାକଳହ, ପାରିବାରିକ ଓ ଦାମ୍ପତ୍ୟ ଖୁସି, ବ୍ୟବସାୟରେ ସ୍ୱଳ୍ପ ଲାଭ, ଦୂରଯାତ୍ରା ସଫଳ, ଆୟରେ ଉନ୍ନତି, ବିବାଦ ସମାଧାନ, ଶରୀର ସୁସ୍ଥ । ପୂର୍ବାଷାଢ଼ା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ହଳଦୀ, ସଂଖ୍ୟା- ୯, ଆରାଧନା-ମା' ଭୁବନେଶ୍ୱରୀ ।

**ମକର:** କାର୍ଯ୍ୟରେ ଲାଭ, ଉଚ୍ଚଆଶା ପୂର୍ଣ୍ଣ, ଲୋକସମ୍ପର୍କ ବୃଦ୍ଧି, ନୂତନ ବନ୍ଧୁଲାଭ, ଦୂରଯାତ୍ରା ସଫଳ, ହେବାକାର୍ଯ୍ୟ ବିଳମ୍ବ, ପ୍ରୀତିବୃଦ୍ଧି, ଅନୁଷ୍ଠାନରୁ ଲାଭ, ସମ୍ପତ୍ତି ସମସ୍ୟା, କାର୍ଯ୍ୟରେ ଉନ୍ନତି । ଧନିଷ୍ଠା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ବାଇଗଣି, ସଂଖ୍ୟା-୮, ଆରାଧନା-ମା' ଗୌରୀ ।

**କୁମ୍ଭ:** ଶୁଭଖବର, ଲୋକସମ୍ପର୍କରେ ଉନ୍ନତି, ଦୂରଯାତ୍ରା ସଫଳ, ବ୍ୟବସାୟରେ ଉନ୍ନତି, ବିବାଦ ସମାଧାନ, ଦେବଦର୍ଶନ, ସୁମିଷ୍ଟ ଭୋଜନ, କର୍ମକ୍ଷେତ୍ରେ ସଫଳ, ଶରୀର ସୁସ୍ଥ, ବିଦ୍ୟାରେ ସଫଳ । ଶତଭିଷା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ନୀଳ, ସଂଖ୍ୟା-୬, ଆରାଧନା-ମା' ମଙ୍ଗଳା ।

**ମୀନ:** ଯାତ୍ରାରେ ସତର୍କ, କିଛି ବିବାଦ, ବ୍ୟବସାୟରେ ସ୍ୱଳ୍ପ ଲାଭ, ଶତ୍ରୁସମସ୍ୟା, ଅର୍ଥ ସମସ୍ୟା, ଭ୍ରାତୃସ୍ନେହ, ଅତିଥି ଚର୍ଚ୍ଚା, ଦ୍ରବ୍ୟଲାଭ, ଗୃହେ ସମସ୍ୟା, ବନ୍ଧୁ ସାହାଯ୍ୟ, ଦାମ୍ପତ୍ୟ ଖୁସି, ସନ୍ତାନ ଖୁସି । ଉତ୍ତରଭାଦ୍ର ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୪, ଆରାଧନା-ମା' କୋଟିଲାଇ ।

ଆଶ୍ୱିନ କୃଷ୍ଣ ପକ୍ଷ ସପ୍ତମୀ
୩.୧୦.୨୦୨୬, ଶନିବାର



ପଣ୍ଡିତ: ସତ୍ୟଶିବ ନନ୍ଦ
(ଜ୍ୟୋତିଷ ଭାସ୍କର ଓ କର୍ମକାଣ୍ଡ ସୌରଭ)
ମୋ:୮୯୧୭୨୮୪୩୩୮

ODISHA
THINK INDIA, THINK ODISHA.

FICCI 100 YEARS OF BUILDING TOMORROW



**Shri Narendra Modi**
Prime Minister

# Odisha Travel Bazaar '26
## BHUBANESWAR



**Shri Mohan Charan Majhi**
Chief Minister, Odisha

**3RD TO 5TH OCTOBER, 2026**

**HOTEL MAYFAIR SANCTUARY, CHANDRASEKHARPUR, BHUBANESWAR**

### CHIEF GUEST

**Shri Mohan Charan Majhi**
Chief Minister, Odisha

### GUEST OF HONOUR

**Smt. Pravati Parida**
Deputy Chief Minister, Odisha

### INAUGURATION HIGHLIGHTS

- ODISHA TOURISM **WEBSITE LAUNCH**
- **INVESTMENT INCENTIVE** MANAGEMENT SYSTEM LAUNCH
- PITHA, MITHA & PANAA **BOOK LAUNCH**
- SPECIAL ADDRESS **& INDUSTRY ENGAGEMENT**
- **OMC PURI COASTAL MARATHON** JERSEY & MEDAL LAUNCH
- **HOSPITALITY INVESTMENT** INTENTIONS UNVEILED

**27** COUNTRIES | **32** CITIES

**200+** TOUR OPERATORS | **6,000+** PRE SCHEDULED MEETINGS

**ODISHA VISION 2036 & 2047**
Sustainable. Inclusive. Future-Ready Tourism.
Building a tourism ecosystem that creates experiences, enterprises and opportunities for generations to come.

**EXPERIENCE-LED TOURISM**
Heritage • Spirituality • Coast • Nature • Wildlife • Culture • Crafts • Cuisine • Community

**PROGRESSIVE POLICY**
Odisha Tourism (**Amendment**) **Policy 2026**
Enhanced Incentives • New Tourism Segments • Investment Opportunities

**EMERGING OPPORTUNITIES**
Hospitality • M.I.C.E. • Destination Weddings • Heritage Properties • Adventure • Eco & Wildlife • Tribal & Ethnic • Homestays • Wellness • Cuisine

**DIGITAL-FIRST GOVERNANCE**
**Investment Incentive** Management System
Go-Homestay • Go-Adventure • Digital Tourism Platforms

**INVESTOR-FRIENDLY**
**5,500-Acre** Tourism Land Bank
Capital Investment Incentives • Employment-Linked Incentives • Go-SWIFT Single Window

**INVEST. GROW. EXPERIENCE ODISHA.**

# #Think India Think Odisha

Department of Tourism, Government of Odisha

OIPR: 37001/37001/2/26-27/0013 37001/54/2627

### ବିଜେଡିର ମିଡ଼ିଆ ସେଲ ପୁନର୍ଗଠିତ

# ସଂନ୍ତୃପ୍ତ, ଚିରଞ୍ଜୀବଙ୍କ ସମେତ ୧୦ ଜାତୀୟ ମୁଖପାତ୍ର

- ଅରୁଣ ସାହୁ ଇଲୋକ୍ଟ୍ରୋନିକ୍ସ, ସଞ୍ଜୟ ଦାସବର୍ମା ପ୍ରିଣ୍ଟ ମିଡ଼ିଆ ମୁଖ୍ୟ ସଂଯୋଜକ
- ପ୍ରତାପ ଜେନା ସୋସିଆଲ ମିଡ଼ିଆ, ଆଇଟି ସେଲ୍ ମୁଖ୍ୟ ସଂଯୋଜକ
- ୩୦ ରାଜ୍ୟ ମୁଖପାତ୍ର, ୨୦ ବରିଷ୍ଠ ପ୍ୟାନେଲିଷ୍ଟ ନିଯୁକ୍ତ

ଭୁବନେଶ୍ୱର(ସବ୍ୟୁ): ବିଜୁ ଜନତା ଦଳ (ବିଜେଡ଼ି) ପକ୍ଷରୁ ଦଳର ମୁଖପାତ୍ର ଓ ମିଡ଼ିଆ ପ୍ୟାନେଲିଷ୍ଟମାନଙ୍କର ପୁନର୍ଗଠନ କରାଯାଇଛି । ଏହି କ୍ରମରେ ଇଲୋକ୍ଟ୍ରୋନିକ ମିଡ଼ିଆ, ପ୍ରିଣ୍ଟ ମିଡ଼ିଆ, ସୋସିଆଲ ମିଡ଼ିଆ ଆଣ୍ଡ ଆଇଟି, ଜାତୀୟ ମୁଖପାତ୍ର, ରାଜ୍ୟ ମୁଖପାତ୍ର, ବରିଷ୍ଠ ପ୍ୟାନେଲିଷ୍ଟ ସୋସିଆଲ ମିଡ଼ିଆ ଷ୍ଟେରିଂ କମିଟି ଓ ଆଇଟି ଷ୍ଟେରିଂ କମିଟି ଗଠନ କରାଯାଇଛି ।

ଇଲୋକ୍ଟ୍ରୋନିକ ମିଡ଼ିଆ ପାଇଁ ବିଧାୟକ ଡ. ଅରୁଣ ସାହୁଙ୍କୁ ମୁଖ୍ୟ ସଂଯୋଜକ କରାଯାଇଥିଲା ବେଳେ ଦେବେଶ ଆଚାର୍ଯ୍ୟଙ୍କୁ ବରିଷ୍ଠ ସଂଯୋଜକ ଓ ଲେଲିନ ମହାନ୍ତିଙ୍କୁ ସଂଯୋଜକ ଭାବେ ନିଯୁକ୍ତି ଦିଆଯାଇଛି । ପ୍ରିଣ୍ଟ ମିଡ଼ିଆ ଲାଗି ସଞ୍ଜୟ ଦାସବର୍ମାଙ୍କୁ ମୁଖ୍ୟ ସଂଯୋଜକ, ଗୌତମ ବୁଦ୍ଧଦାସଙ୍କୁ ବରିଷ୍ଠ ସଂଯୋଜକ ଓ ପ୍ରିୟବ୍ରତ ମାଝୀଙ୍କୁ ସଂଯୋଜକ ଭାବେ ନିଯୁକ୍ତି ଦିଆଯାଇଛି । ସୋସିଆଲ ମିଡ଼ିଆ ଏବଂ ଆଇଟି ପାଇଁ ପ୍ରତାପ ଜେନାଙ୍କୁ ମୁଖ୍ୟ ସଂଯୋଜକ ଭାବେ ନିଯୁକ୍ତି ଦିଆଯାଇଥିବା ବେଳେ ପ୍ରଣବ କୁମାର ବଳବନ୍ତରାୟଙ୍କୁ ବରିଷ୍ଠ ସଂଯୋଜକ ସୋସିଆଲ ମିଡ଼ିଆ ସଂଯୋଜକ ଭାବେ ସ୍ୱୟଂ ପ୍ରକାଶ ମହାପାତ୍ର ଓ ଆଇଟି ସଂଯୋଜକ ଭାବେ ଅମରେଶ ପତ୍ରିଙ୍କୁ ନିଯୁକ୍ତି ଦିଆଯାଇଛି ।

ଦଳ ପକ୍ଷରୁ ୧୦ ଜଣଙ୍କୁ ଜାତୀୟ ମୁଖପାତ୍ର କରାଯାଇଛି । ଜାତୀୟ ମୁଖପାତ୍ରଙ୍କ ମଧ୍ୟରେ ସନ୍ତୃପ୍ତ ମିଶ୍ର, ସସ୍ମିତ ପାତ୍ର, ମାନସ ମଙ୍ଗରାଜ, ସୁଲତା ଦେଓ, ସୁବାଶିଷ ଖୁଣ୍ଟିଆ, କଲିକେଶ ନାରାୟଣ ସିଂହଦେଓ, ଚିରଞ୍ଜୀବ ବିଶ୍ୱାଳ, ପ୍ରଦୀପ ମାଝୀ, ଲେଖାଶ୍ରୀ ସାମନ୍ତସିଂହାର ଓ ଭୃଗୁ ବକ୍ସିପାତ୍ରଙ୍କୁ ମନୋନୀତ କରାଯାଇଛି । ସେହିଭଳି ରାଜ୍ୟ ମୁଖପାତ୍ର ଭାବେ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ପ୍ରସନ୍ନ ଆଚାର୍ଯ୍ୟ, ବଦ୍ରି ନାରାୟଣ ପାତ୍ର, ଦେବୀ ପ୍ରସାଦ ମିଶ୍ର, ପ୍ରମିଳା ମଲ୍ଲିକ, ଅଶ୍ୱିନୀ କୁମାର ପାତ୍ର, ପ୍ରତାପ କେଶରୀ ଦେବ, ଅତନୁ ସବ୍ୟସାଚୀ ନାୟକ, ନିରଞ୍ଜନ ପୂଜାରୀ, ପ୍ରଦୀପ କୁମାର ଅମାତ, ଅଶୋକ ଚନ୍ଦ୍ର ପଣ୍ଡା, ପ୍ରଣବ ପ୍ରକାଶ ଦାସ, ଚନ୍ଦ୍ର ଶେଖର ସାହୁ, ସୁଦାମ ମାରାଣ୍ଡି, ଦିବ୍ୟ ଶଙ୍କର ମିଶ୍ର, ସାରଦା ପ୍ରସାଦ ନାୟକ, ରମେଶ ମାଝୀ, ପ୍ରୀତି ରଞ୍ଜନ ଘଡେଇ, ଟୁକୁନି ସାହୁ, ସ୍ନେହାଗିନୀ ଛୁରିଆ, ରୋହିତ ପୂଜାରୀ, ରାଜେନ୍ଦ୍ର କୁମାର ସାହୁ, ବ୍ୟୋମକେଶ ରାୟ, ସୁଲୋଚନା ଦାସ, ସୁବାଷ ସିଂ, ସମିଷ୍ଠା ସେଠୀ, ଲୋପାମୁଦ୍ରା ବକ୍ସିପାତ୍ର, ରଞ୍ଜିତା ସାହୁ, ଚିନ୍ମୟ ସାହୁ ଓ ଇପସିତା ସାହୁଙ୍କୁ ନିଯୁକ୍ତି ଦିଆଯାଇଛି ।

ବରିଷ୍ଠ ପ୍ୟାନେଲିଷ୍ଟ ଭାବେ ବିଧାୟକ ଗଣେଶ୍ୱର ବେହେରା, ଧ୍ରୁବଚରଣ ସାହୁ, ମହେଶ ସାହୁ, ରବି ନାରାୟଣ ନନ୍ଦ, ପୁଷ୍ପେନ୍ଦ୍ର ସିଂହଦେଓ, ପ୍ରଶାନ୍ତ ମୁଦୁଲି, ଜଗନ୍ନାଥ ସାରକା, ସୁଧୀର କୁମାର ସାମଲ, ମାଧବ ସର୍ଦ୍ଦାର, ଉମାକାନ୍ତ ସାମନ୍ତରାୟ, ଶ୍ରୀକାନ୍ତ ସାହୁ, ସାରଦା ପ୍ରସାଦ ଜେନା, ମାନସ ମାଡକାମି, ପ୍ରଦୀପ କୁମାର ଦିଷାରୀ, ପ୍ରଦୀପ କୁମାର ସାହୁ, ବିଜୟ ନାୟକ, ମୀନତି ବେହେରା, ତ୍ରମ୍ବନାଥ ପଣ୍ଡା, ନାରାୟଣ ଜେନା ଓ ମିହିର ରାୟଙ୍କୁ ନିଯୁକ୍ତି ଦିଆଯାଇଛି ।

ସୋସିଆଲ ମିଡ଼ିଆ ଷ୍ଟିୟରିଂ କମିଟିରେ ପ୍ରୀତି ରଞ୍ଜନ ଘଡେଇ, ସୁଲତା ଦେଓ, ବ୍ୟୋମକେଶ ରାୟ, ସ୍ୱରୂପ ଦାସ, ଅନନ୍ତ ନାରାୟଣ ଜେନା, ନଳୀନକାନ୍ତ ପ୍ରଧାନ, ରୂପେଶ କୁମାର ପାଣିଗ୍ରାହୀ, ଚିନ୍ମୟା ନନ୍ଦ, ସିରିପ ଦେବ, ବର୍ଷା ସିଂ ବରିହା, ସୁନୀଲ ମହାନ୍ତି, ସୁଦର୍ଶନ ହରିପାଳ, ସଞ୍ଜୀବ ମଲ୍ଲିକ, ରଞ୍ଜିତା ସାହୁ, ରୋମାଞ୍ଚ ରଞ୍ଜନ ବିଶ୍ୱାଳ, ସରୋଜ ମେହେର, ମୁକେଶ କୁମାର ପାଲ, ରୁଦ୍ରପ୍ରତାପ ମହାରଥୀଙ୍କୁ ନିଯୁକ୍ତି ଦିଆଯାଇଛି । ବିଜେଡି ଆଇଟି ଷ୍ଟିୟରିଂ କମିଟିରେ ତୁଷାରକାନ୍ତି ବେହେରା, ଚନ୍ଦ୍ର ସାରଥି ବେହେରା, ସୁଶାନ୍ତ ରାଉତ, ବିଭୂତି ଭୂଷଣ ବଳବନ୍ତରାୟ, ଅଧିରାଜ ପାଣିଗ୍ରାହୀ, ମାଧବ ଧଡ଼ା, ସୁକାନ୍ତ ନାୟକ, ଅଭିମନ୍ୟୁ ସେଠୀ, ପ୍ରଶାନ୍ତ ବେହେରା, ବିଶ୍ୱ ରଞ୍ଜନ ମଲ୍ଲିକ, ରୋହିତ ଜୋସେଫ ତିର୍କୀ, ସୁଲେକ୍ଷଣା ଗୀତାଞ୍ଜଳୀ ଦେବୀ, ମନୋରମା ମହାନ୍ତି, ବିପ୍ଳବ ପାତ୍ର ଓ ବିଷ୍ଣୁବ୍ରତ ରାଉତରାୟଙ୍କୁ ନିଯୁକ୍ତି ଦିଆଯାଇଛି । ବିଜେଡି ରାଜ୍ୟସଭାପତି ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଏହି ନିଯୁକ୍ତି ଦିଆଯାଇଛି ।



'ସମୟ'ର ତ୍ରିଂଶତ୍ତମ ପ୍ରତିଷ୍ଠା ଦିବସ ପାଳନ ଅବସରରେ ସମୟ ପରିବାର ସଦସ୍ୟଙ୍କ ଗହଣରେ ନିର୍ଦ୍ଦେଶିକା ଅନିତା ମହାନ୍ତି

### ପ୍ରଦେଶ କଂଗ୍ରେସ ସେବାଦଳ ପକ୍ଷରୁ

## ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବିରେ ସତ୍ୟାଗ୍ରହ

ଭୁବନେଶ୍ୱର,(ସବ୍ୟୁ): ପ୍ରଦେଶ କଂଗ୍ରେସ ସେବାଦଳର ଅଧ୍ୟକ୍ଷ ଶୁଭେନ୍ଦୁ ମହାନ୍ତିଙ୍କ ସଭାପତିତ୍ୱରେ ମାଷ୍ଟରକ୍ୟାଣ୍ଟିନ ଛକରେ ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ଜୟନ୍ତୀ ପାଳନ ଅବସରରେ ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କ ଉର୍ଦ୍ଧ୍ୱର୍ ଭୋଟରଙ୍କୁ ଭୋଟ ଦେବାର ଅଧିକାରରୁ ବେଆଇନ ଭାବେ ବଞ୍ଚିତ କରିଥିଲେ । ୬୭ଲକ୍ଷ ଭୋଟରଙ୍କ ନାମ ଭୋଟର ତାଲିକାରୁ କାଟି ଦିଆଯାଇଛି । ପ୍ରଦେଶ କଂଗ୍ରେସ ସେବାଦଳ ଅଧ୍ୟକ୍ଷ ଶ୍ରୀ ମହାନ୍ତି କହିଥିଲେ ଯେ ବେଆଇନ ଭାବେ ଇସ୍ତଫା ଦାବିରେ ଭୁବନେଶ୍ୱରରେ ଏକ ନଗର ପରିକ୍ରମା କାର୍ଯ୍ୟ ଆୟୋଜିତ ହୋଇଥିଲା । ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ଜୀବନ ଦର୍ଶନ ଉପରେ ପ୍ରଦେଶ କଂଗ୍ରେସ ସେବାଦଳ ପକ୍ଷରୁ କଟକ ଜିଲ୍ଲାରେ ସ୍କୁଲ ଏବଂ




ଇସ୍ତଫା ଓ ଗିରଫ ଦାବିରେ ସତ୍ୟାଗ୍ରହ ଅନୁଷ୍ଠିତ ହୋଇଥିଲା । ଏହି ସତ୍ୟାଗ୍ରହରେ ଯୋଗଦେଇ ପ୍ରଦେଶ କଂଗ୍ରେସ ସଭାପତି ଭକ୍ତ ଚରଣ ଦାସ କହିଥିଲେ ଯେ ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାର ଭାରତୀୟ ଜନତାପାର୍ଟି ଏବଂ ମୋଦି ସରକାରଙ୍କର ହାତବାରିସୀ ଭାବେ କାର୍ଯ୍ୟ କରିଆସୁଛନ୍ତି । ସାରା ଦେଶର ୧୩ କୋଟିର ଫର୍ମ-୬ର ପରିବର୍ତ୍ତନ କରାଯାଇଛି । ମୁଖ୍ୟ ନିର୍ବାଚନ କମିଶନରଙ୍କ କାରସାଦିକୁ ଅନ୍ୟ ଦୁଇ କମିଶନର ଲୋକଲୋଚନକୁ ଆଣିବାପରେ କିଭଳି ଭାବରେ ଜ୍ଞାନେଶ କୁମାର ବିଜେପି ପାଇଁ ସାଂଘାତିକ ଅପରାଧ କରୁଥିଲେ ତାହା ପ୍ରମାଣିତ ହୋଇଯାଇଛି । ସତ୍ୟାଗ୍ରହ ପରେ ପ୍ରଦେଶ କଂଗ୍ରେସ ସେବାଦଳ ପକ୍ଷରୁ ଜ୍ଞାନେଶ କୁମାରଙ୍କ କଲେଜ ଛାତ୍ରଛାତ୍ରୀ ମାନଙ୍କର ଏକ ସାଧାରଣଜ୍ଞାନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଆଜି ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ଏହି ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ ପୂର୍ବକ ସମ୍ମାନୀତ କରାଯାଇଥିଲା । ଏଆଇସିସି ସେବାଦଳ ଓ ପ୍ରଭାରୀ ନରେନ୍ଦ୍ର ସିଂ ଭାଟି ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ ।

## ସୁଜଳ' ଅଭିଯାନ ଆରମ୍ଭ : ୨ରୁ ୧୬ ପର୍ଯ୍ୟନ୍ତ ରାଜ୍ୟବ୍ୟାପୀ ଚାଲିବ ଅଭିଯାନ

ଭୁବନେଶ୍ୱର, (ସବ୍ୟୁ): ଜଳ ସଂରକ୍ଷଣ, ନିରାପଦ ପାନୀୟ ଜଳର ବ୍ୟବହାର ଏବଂ ଜଳବାହିତ ରୋଗର ପ୍ରତିରୋଧ ସମ୍ପର୍କରେ ଜନସଚେତନତା ସୃଷ୍ଟି ଲକ୍ଷ୍ୟରେ ଓଡ଼ିଶା ସରକାରଙ୍କ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ 'ସୁଜଳ' ଅଭିଯାନର ଶୁଭାରମ୍ଭ କରାଯାଇଛି । ଭୁବନେଶ୍ୱରରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡଃ କୃଷ୍ଣଚନ୍ଦ୍ର ମହାପାତ୍ର ଏହି ଅଭିଯାନର ଉଦ୍‌ଘାଟନ କରିଛନ୍ତି । ଅକ୍ଟୋବର ୨ରୁ ୧୬ ତାରିଖ ପର୍ଯ୍ୟନ୍ତ ରାଜ୍ୟବ୍ୟାପୀ ଏହି ଅଭିଯାନ ଚାଲିବ । ବିଭାଗ ଅଧୀନସ୍ଥ ୱାଟକୋ ଦ୍ୱାରା ଆୟୋଜିତ ଏହି ଅଭିଯାନର ମୂଳ ଉଦ୍ଦେଶ୍ୟ ହେଉଛି ଜଳର ଅପଚୟ ରୋକିବା, ଉପଲବ୍ଧ ଜଳସମ୍ପଦର ସୁରକ୍ଷା କରିବା ଏବଂ ଭବିଷ୍ୟତ ପିଢ଼ି ପାଇଁ ଜଳର ଉପଲବ୍ଧତା ସୁନିଶ୍ଚିତ କରିବା। "ଜଳ ସଂରକ୍ଷଣ—ଆଜିର ଆବଶ୍ୟକତା, ଭବିଷ୍ୟତ ପିଢ଼ିର ଭାଗ୍ୟ" ବାର୍ତ୍ତାକୁ ଆଧାର କରି ଏହି ଅଭିଯାନ ମାଧ୍ୟମରେ ଜଳର ସୁବିନିଯୋଗ ଓ ସଂରକ୍ଷଣ ପାଇଁ ନାଗରିକମାନଙ୍କୁ ଉତ୍ସାହିତ କରାଯିବ । ନିରାପଦ ପାନୀୟ ଜଳ ଓ ଜନସ୍ୱାସ୍ଥ୍ୟ



ମଧ୍ୟରେ ଥିବା ସମ୍ପର୍କକୁ ଗୁରୁତ୍ୱ ଦେଇ ଅଭିଯାନରେ "ଦୂଷିତ ଜଳ ବିଭିନ୍ନ ରୋଗର କାରଣ" ବାର୍ତ୍ତା ପ୍ରଚାର କରାଯିବ। ଏହି ଅବସରରେ ବିଧାୟକ ବାବୁ ସିଂହ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଉଦବୋଧନ ଦେଇଥିଲେ । ଜନସ୍ୱାସ୍ଥ୍ୟ ଯାନ୍ତ୍ରିକ ସଂଗଠନର ଇଞ୍ଜିନିୟର-ଇନ୍-ଚିଫ୍ ଶ୍ରୀ ବିଳାସ ବେହେରା ଏବଂ ୱାଟକୋର ପରିଚାଳନା ନିର୍ଦ୍ଦେଶକ ଦେବବ୍ରତ ମହାନ୍ତିଙ୍କ ସମେତ ବିଭାଗର ଅନ୍ୟାନ୍ୟ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

## ଖୋର୍ଦ୍ଧାରୋଡ ମଣ୍ଡଳରେ ଗାନ୍ଧୀ ଜୟନ୍ତୀ ସହ 'ସ୍ୱଚ୍ଛ ଭାରତ ଦିବସ' ପାଳିତ

ଜଟଣୀ, (ସବ୍ୟୁ): ମହାତ୍ମା ଗାନ୍ଧୀଙ୍କ ଜୟନ୍ତୀ ଅବସରରେ ପୂର୍ବତଟ ରେଳପଥର ଖୋର୍ଦ୍ଧାରୋଡ ରେଳ ମଣ୍ଡଳ ପକ୍ଷରୁ ଖୋର୍ଦ୍ଧାରୋଡ ରେଳ ଷ୍ଟେସନଠାରେ 'ସ୍ୱଚ୍ଛ ଭାରତ ଦିବସ' ପାଳନ କରାଯାଇଛି । ଏହି ଅବସରରେ ସ୍ୱଚ୍ଛତା ପ୍ରତି ସଚେତନତା ବୃଦ୍ଧି ସହ ସ୍ୱଚ୍ଛ ଓ ସୁସ୍ଥ ଭାରତ ଗଠନ ପାଇଁ ସମସ୍ତେ ସଂକଳ୍ପବଦ୍ଧ ହୋଇଥିଲେ ।ଖୋର୍ଦ୍ଧାରୋଡ ମଣ୍ଡଳର ମଣ୍ଡଳ ରେଳ ପ୍ରବନ୍ଧକ ଡି. ସୁନୀଲ, ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ (ପରିଚାଳନା) ପି.କେ. ବେହେରା, ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ (ଭିତ୍ତିଭୂମି) ରାଜଧାରୀ ଯାଦବ ଏବଂ ଅନ୍ୟାନ୍ୟ ଶାଖା ଅଧିକାରୀମାନେ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।' ଏକ ପେଡ୍ ମାଆ କେ ନାମ୍' ଅଭିଯାନ ଅଧୀନରେ ମଣ୍ଡଳ ରେଳ ପ୍ରବନ୍ଧକ ଡି. ସୁନୀଲ ଚାରାରୋପଣ କରି ପରିବେଶ ସୁରକ୍ଷାର ବାର୍ତ୍ତା ଦେଇଥିଲେ। ସବୁଜିମା ବୃଦ୍ଧି ଓ ପରିବେଶ ସନ୍ତୁଳନ ରକ୍ଷା ପାଇଁ ପି.କେ. ବେହେରା, ଶ୍ରୀ ରାଜଧାରୀ ଯାଦବଙ୍କ ସମେତ ଅନ୍ୟାନ୍ୟ ଅଧିକାରୀମାନେ ମଧ୍ୟ ଚାରାରୋପଣ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

## ଭୁବନେଶ୍ୱରରେ ଜିନୋମିକ୍ ମେଡିସିନ୍‌ର ଅଗ୍ରଗତି ଉପରେ ବୈଜ୍ଞାନିକ ଆଲୋଚନା

ଭୁବନେଶ୍ୱର, (ସବ୍ୟୁ): ୩ଡି ଜିନୋମିକ୍ସ ହେଲ୍‌ଥକେୟାର ପକ୍ଷରୁ ଭୁବନେଶ୍ୱରରେ 'ଜିନୋମିକ୍ ମେଡିସିନ୍‌ରେ ଅଗ୍ରଗତି' ଶୀର୍ଷକ ଏକ ବୈଜ୍ଞାନିକ ସନ୍ଧ୍ୟା ଆୟୋଜିତ ହୋଇଛି। ଏଥିରେ ବରିଷ୍ଠ ଡାକ୍ତର, କର୍କଟ ରୋଗ ବିଶେଷଜ୍ଞ, ହେମାଟୋଲୋଜିଷ୍ଟ, ଶିକ୍ଷାବିତ୍ ଓ ବିଭିନ୍ନ ସ୍ୱାସ୍ଥ୍ୟସେବା ବିଶେଷଜ୍ଞ ଯୋଗଦେଇ ରୋଗ ନିରୂପଣ ଓ ଚିକିତ୍ସାରେ ମଲିକ୍ୟୁଲାର ଡାଏଗ୍ନୋଷ୍ଟିକ୍ସ ଏବଂ ପ୍ରିସିଜନ୍ ମେଡିସିନ୍‌ର ବଢୁଥିବା ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଡ. ଆଦିତ୍ୟ ସାମଲ, ଡ. ନିତ୍ୟାନନ୍ଦ ଉପାଧ୍ୟାୟ, ଡ. ଅରୁଣ ମହାନ୍ତି ଓ ଶ୍ରୀବତ୍ସ ରଥଙ୍କ ମିଳିତ ଉଦ୍ୟମରେ ପ୍ରତିଷ୍ଠିତ ୩ଡି ଜିନୋମିକ୍ସ ହେଲ୍‌ଥକେୟାରର ଲକ୍ଷ୍ୟ ହେଉଛି ଓଡ଼ିଶା ତଥା ପୂର୍ବ ଭାରତର ରୋଗୀମାନଙ୍କ ପାଇଁ ଉନ୍ନତ ମଲିକ୍ୟୁଲାର ଡାଏଗ୍ନୋଷ୍ଟିକ୍ସ ଓ ଜିନୋମିକ୍ ଚିକିତ୍ସାକୁ ଅଧିକ ସୁଲଭ କରିବା। କାର୍ଯ୍ୟକ୍ରମରେ ସଂସ୍ଥାର ସିଇଓ ଡ. ଅରୁଣ ମହାନ୍ତି ସ୍ୱାଗତ ଭାଷଣ ଦେଇଥିଲେ। ଓଡ଼ିଶାରେ ଉନ୍ନତ ଜିନୋମିକ୍ ପରୀକ୍ଷାର ସୁବିଧା ବଢ଼ାଇବା, ଦୂରସ୍ଥ ଲାବୋରେଟୋରି ଉପରେ ନିର୍ଭରଶୀଳତା କମାଇବା ଏବଂ ଡାକ୍ତରମାନଙ୍କୁ ରୋଗୀଙ୍କ ଚିକିତ୍ସା ସମ୍ପର୍କରେ ସଠିକ୍ ନିଷ୍ପତ୍ତି ନେବାରେ



ସହାୟତା କରିବା ଏହି ସଂସ୍ଥାର ଅନ୍ୟତମ ଉଦ୍ଦେଶ୍ୟ। ଜିନୋମିକ୍ ପ୍ରଯୁକ୍ତି, ବାୟୋଇନ୍‌ଫର୍ମାଟିକ୍ସ, କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ଆଧାରିତ ବିଶ୍ଳେଷଣ ଓ ବିଶେଷଜ୍ଞଙ୍କ ମତାମତ ମାଧ୍ୟମରେ ରୋଗର ଶୀଘ୍ର ନିରୂପଣ, ବ୍ୟକ୍ତିଭିତ୍ତିକ ଚିକିତ୍ସା ଏବଂ ରୋଗର ଉପଯୁକ୍ତ ନିରୀକ୍ଷଣକୁ ସହଜ କରିବା ଉପରେ ଗୁରୁତ୍ୱ ଦିଆଯାଉଛି। ଉତ୍କଳ ହସ୍ପିଟାଲର ମେଡିକାଲ ଅଙ୍କୋଲୋଜିଷ୍ଟ ଡ. ଚିନ୍ମୟ ପାଣିଙ୍କ ସଂଯୋଜନାରେ ଆୟୋଜିତ ଏହି ବୈଜ୍ଞାନିକ କାର୍ଯ୍ୟକ୍ରମରେ ଓଡ଼ିଶାର ବିଭିନ୍ନ ପ୍ରମୁଖ ଚିକିତ୍ସାନୁଷ୍ଠାନର ବରିଷ୍ଠ ଡାକ୍ତରମାନେ ଯୋଗ ଦେଇଥିଲେ।

ଆମେରିକାର ହ୍ୟୁଷ୍ଟନ୍‌ସ୍ଥିତ ଦି ୟୁନିଭର୍ସିଟି ଅଫ୍ ଟେକ୍ସାସ୍ ଏମ୍‌ଡି ଆଣ୍ଡରସନ୍ କ୍ୟାନସର ସେଣ୍ଟରର ମଲିକ୍ୟୁଲାର ଡାଏଗ୍ନୋଷ୍ଟିକ୍ସ ଲାବୋରେଟୋରିର ପ୍ରଫେସର ତଥା ନିର୍ଦ୍ଦେଶିକା ଡ. ରାଜ୍ୟଲକ୍ଷ୍ମୀ ଲୁଥ୍ରା 'କଠିନ ଟ୍ୟୁମର୍ ରୋଗୀଙ୍କ ପାଇଁ ଜିନୋମିକ୍ ପରୀକ୍ଷାର ବର୍ତ୍ତମାନ ସ୍ଥିତି' ଶୀର୍ଷକ ପ୍ରଥମ ବୈଜ୍ଞାନିକ ଅଧିବେଶନରେ ନିଜର ମତ ରଖିଥିଲେ। ସେହିପରି ଡେଟ୍ରଏଟ୍‌ସ୍ଥିତ ୱେନ୍ ଷ୍ଟେଟ୍ ୟୁନିଭର୍ସିଟି ସ୍କୁଲ୍ ଅଫ୍ ମେଡିସିନ୍‌ର ପାଥୋଲୋଜି ବିଭାଗର ସହକାରୀ ପ୍ରଫେସର ଡ. ସୁନୀଲ ଜୈମନ୍ 'ଜିନୋମିକ୍ ଯୁଗରେ ପେରିନାଟାଲ୍ ପାଥୋଲୋଜି' ବିଷୟରେ ଆଲୋଚନା କରିଥିଲେ। ଏହି ଉପସ୍ଥାପନା ପରେ ବିଶେଷଜ୍ଞ ଓ ଉପସ୍ଥିତ ଅତିଥିମାନଙ୍କ ମଧ୍ୟରେ ଜିନୋମିକ୍ ପରୀକ୍ଷାକୁ ଓଡ଼ିଶାର ଚିକିତ୍ସା ବ୍ୟବସ୍ଥାରେ କିପରି ବ୍ୟବହାର କରାଯାଇପାରିବ, ସେନେଇ ଆଲୋଚନା ହୋଇଥିଲା। ଶେଷରେ ଉତ୍କଳ ହସ୍ପିଟାଲର ରେଡିଏସନ୍ ଅଙ୍କୋଲୋଜି ବିଭାଗର ନିର୍ଦ୍ଦେଶକ ତଥା ବରିଷ୍ଠ ପରାମର୍ଶଦାତା ଡ. ସଞ୍ଜୀବ କୁମାର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ଏସ୍‌ବିଆଇ ଭୁବନେଶ୍ୱର ସର୍କଲ୍ ଦ୍ୱାରା ଗାନ୍ଧୀ ଜୟନ୍ତୀରେ 'ସ୍ୱଚ୍ଛତା ଅଭିଯାନ'

ଭୁବନେଶ୍ୱର, (ସବ୍ୟୁ): ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ଜନ୍ମବାର୍ଷିକୀ ଅବସରରେ, ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ଭୁବନେଶ୍ୱର ସର୍କଲ୍ ପକ୍ଷରୁ ଗାନ୍ଧୀ ଜୟନ୍ତୀ ଉପଲକ୍ଷେ ସମଗ୍ର ଓଡ଼ିଶାରେ ଏକ ବ୍ୟାପକ 'ସ୍ୱଚ୍ଛତା ଅଭିଯାନ' ଆୟୋଜନ କରାଯାଇଛି। ଏହି ସ୍ୱଚ୍ଛତା ଅଭିଯାନ ମୁଖ୍ୟ ମହାପ୍ରବନ୍ଧକ ରାକେଶ କୁମାର ଯାଦବ ଏବଂ କର୍ମଚାରୀମାନଙ୍କ ନେତୃତ୍ୱରେ ପରିଚାଳିତ ହୋଇଥିଲା। ସ୍ୱଚ୍ଛତା, ପରିବେଶ ସ୍ଥିରତା ଏବଂ ଏକ ଡିଜିଟାଲ୍ ସଚେତନ ସମାଜ ପ୍ରତି ଏସବିଆଇର ପ୍ରତିବଦ୍ଧତାକୁ ଦୋହରାଇ ଏହି ଅଭିଯାନ ଓଡ଼ିଶାର ୨୧ଟି ଭିନ୍ନ ଭିନ୍ନ ପ୍ରମୁଖ ପାର୍କରେ ଏକ ସମୟରେ ଅନୁଷ୍ଠିତ ହୋଇଥିଲା। ମହାତ୍ମା ଗାନ୍ଧୀଙ୍କ ସ୍ୱଚ୍ଛତା ଏବଂ ନାଗରିକ ଦାୟିତ୍ୱବୋଧର ପରିକଳ୍ପନା ଅନୁଯାୟୀ ଅଂଶଗ୍ରହଣକାରୀମାନେ ସଫେଇ କାର୍ଯ୍ୟକ୍ରମରେ ସକ୍ରିୟ ଭାବେ ସାମିଲ ହୋଇଥିଲେ।




ଏହା ବ୍ୟତୀତ, ଏହି ଅଭିଯାନ ସମୟରେ ଏସବିଆଇ ପକ୍ଷରୁ 'ଗ୍ରାହକ ସମ୍ପର୍କ କାର୍ଯ୍ୟକ୍ରମ' ଆୟୋଜନ କରାଯାଇଥିଲା। ପାର୍କକୁ ଆସିଥିବା ସମସ୍ତ ପର୍ଯ୍ୟଟକ ଓ ଦର୍ଶନାର୍ଥୀମାନେ ଏଥିରେ ଉତ୍ସାହର ସହ ଅଂଶଗ୍ରହଣ କରିଥିଲେ। ଏହା ବ୍ୟାଙ୍କ ଏବଂ ଏହାର ଗ୍ରାହକମାନଙ୍କ ମଧ୍ୟରେ ଏକ ଅର୍ଥପୂର୍ଣ୍ଣ ଆଲୋଚନାର ସୁଯୋଗ ସୃଷ୍ଟି କରିଥିଲା। ଏହି ଗ୍ରାହକ ସମ୍ପର୍କ କାର୍ଯ୍ୟକ୍ରମ ସମୟରେ, ପାର୍କକୁ ଆସିଥିବା ସମସ୍ତ ଦର୍ଶନାର୍ଥୀଙ୍କୁ ଏସବିଆଇର ଡିଜିଟାଲ୍ ବ୍ୟବସ୍ଥା ଯେପରିକି ୟୋନୋ, ହ୍ୱାଟ୍ସଆପ୍ ବ୍ୟାଙ୍କିଙ୍ଗ୍ ଏବଂ ସାଇବର ସଚେତନତା ବିଷୟରେ ଅବଗତ କରାଯାଇଥିଲା। ଅଂଶଗ୍ରହଣ ପାଇଁ କୃତଜ୍ଞତା ସ୍ୱରୂପ ଦର୍ଶନାର୍ଥୀମାନଙ୍କୁ ଏକ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ ସ୍ମାରକୀ ପ୍ରଦାନ କରାଯାଇଥିଲା। ଏହି ପ୍ରୟାସ ସ୍ୱଚ୍ଛତା ଏବଂ ସାମାଜିକ ଦାୟିତ୍ୱବୋଧର ବାର୍ତ୍ତା ପ୍ରସାର କରିବା ସହ ଗ୍ରାହକମାନଙ୍କ ସହ ଏସବିଆଇର ସମ୍ପର୍କକୁ ଅଧିକ ମଜବୁତ କରିଛି। ଏହି ଅବସରରେ ମୁଖ୍ୟ ମହାପ୍ରବନ୍ଧକ ଗୁରୁତ୍ୱାରୋପ କରି କହିଥିଲେ ଯେ, ସ୍ୱଚ୍ଛତା କେବଳ ଗୋଟିଏ ଦିନର କାର୍ଯ୍ୟକ୍ରମ ନୁହେଁ, ବରଂ ଏହା ଏକ ସାମୂହିକ ଦାୟିତ୍ୱ। ଏହି କାର୍ଯ୍ୟକ୍ରମ ମହାତ୍ମା ଗାନ୍ଧୀଙ୍କ ଆଦର୍ଶ ସହ ଜଡ଼ିତ ସମାଜ ସେବା, ପରିବେଶ ସୁରକ୍ଷା ଏବଂ ଦେଶ ଗଠନ ମୂଳକ କାର୍ଯ୍ୟ ପ୍ରତି ଏସବିଆଇର ନିରନ୍ତର ସମର୍ପଣକୁ ପ୍ରତିଫଳିତ କରୁଛି।

## କିଟ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଗାନ୍ଧୀ ଜୟନ୍ତୀ

ଭୁବନେଶ୍ୱର (ସବ୍ୟୁ): କିଟ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଜାତିର ଜନକ ମୋହନ ଦାସ କରମଚାନ୍ଦ ଗାନ୍ଧି (ମହାତ୍ମା ଗାନ୍ଧୀ) ଙ୍କର ୧୫୭ ତମ ଜୟନ୍ତୀ ପାଳନ ହୋଇ ଯାଇଅଛି। ସଭା ଆରମ୍ଭରୁ ଉକ୍ତ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଶ୍ରୀରାମ ଧୁନ୍ (ରାଘୁପତି ରାଘବ ରାଜାରାମ୍, ପତିତ ପାବନ ସୀତାରାମ) ଗାନ କରି ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀ ଦେଇ ସ୍ୱାଗତ କରିଥିଲେ। ଏହି ବିଦ୍ୟାଳୟର ଚେୟାରମ୍ୟାନ ତଥା କିଟ୍‌ର ପ୍ରତିଷ୍ଠାତା ସଭ୍ୟ ଡ଼ଃ. ଚିତ୍ତରଞ୍ଜନ ମିଶ୍ର ସଭାପତିତ୍ୱ କରି ଗାନ୍ଧୀଜୀଙ୍କ ନୀତି ଆଦର୍ଶ କିପରି ଛାତ୍ରଛାତ୍ରୀମାନଙ୍କର ଜୀବନ ଗଠନରେ ସହାୟକ ସେ ବିଷୟରେ ଅଲୋକ ପାତ କରିବା ସହିତ ସତ୍ୟ ଓ ଅହିଂସା ହିଁ ପ୍ରକୃତ ଧର୍ମ ବୋଲି ବୁଝାଇଥିଲେ। ଏହି



ସଭାରେ ସମ୍ମାନୀୟ ଶିକ୍ଷାବିତ୍, ସ୍ତମ୍ଭକାର ଓ ଲେଖକ ପ୍ରଫେସର ଅଭିରାମ ବିଶ୍ୱାଳ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ଛାତ୍ରଛାତ୍ରୀ ଓ ସମସ୍ତ କର୍ମଚାରୀମାନଙ୍କୁ ୧ ଘଣ୍ଟାଧରି ବିସ୍ତୃତ ଭାବେ ମହାତ୍ମା ଗାନ୍ଧୀଙ୍କର ଛାତ୍ର ଜୀବନ କାଳରୁ ଆରମ୍ଭକରି ଅସହଯୋଗ ଆନ୍ଦୋଳନ ଓ ଦେହାନ୍ତ ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟାବଳିକୁ ଅତି ସୁନ୍ଦର ଭାବରେ ଉପସ୍ଥାପନ କରିଥିଲେ। ଉକ୍ତ ଅନୁଷ୍ଠାନର ଅଧ୍ୟକ୍ଷ ଡ଼ଃ. ତ୍ରିବିକ୍ରମ ଷଡଙ୍ଗୀ ଗାନ୍ଧୀଜୟନ୍ତୀ ଉପରେ ସମ୍ୟକ ଆଲୋଚନା କରିଥିଲେ। ଅତିଥିମାନଙ୍କୁ ଧନ୍ୟବାଦ ଅର୍ପଣ କରାଯାଇ ସଭା ଶେଷ କରାଯାଇଥିଲା।

## ୬୦ଲକ୍ଷ ଠକେଇ, ଦମ୍ପତି ଗିରଫ

ଭୁବନେଶ୍ୱର, (ସବ୍ୟୁ) : ଜଣେ ଖଣି ବ୍ୟବସାୟୀଙ୍କ ଠାରୁ ୬୦ଲକ୍ଷ ଟଙ୍କା ଠକି ନେଇଥିବା ଦମ୍ପତିଙ୍କୁ ଗିରଫ କରିଛି କ୍ୟାପିଟାଲ ଥାନା ପୋଲିସ । ଗିରଫ ଦମ୍ପତି ହେଲେ ଦିନେଶ ରଞ୍ଜନ ଦାସ (୩୦) ଓ ତାଙ୍କ ସ୍ତ୍ରୀ ସସ୍ମିତା ସାମଲ (୩୦) । ଗିରଫ ପରେ ଉଭୟଙ୍କୁ ଶୁକ୍ରବାର କୋର୍ଟଚାଲାଣ କରାଯାଇଥିବା ପୋଲିସ କହିଛି । କେନ୍ଦୁଝରରେ ଖଣି ବ୍ୟବସାୟ କରୁଥିବା ଅଭିଯୋଗକାରୀ ଜିତେନ୍ଦ୍ର ନାଥ ପଟ୍ଟନାୟକ ଭୁବନେଶ୍ୱର ସୂର୍ଯ୍ୟନଗରରେ ଅଫିସ୍ କରିଥିଲେ । ୨୦୨୪ ମସିହାରେ ସସ୍ମିତା ସାମଲ ନାମକ ଜଣେ ମହିଳା ନିଜକୁ ପ୍ରିୟଙ୍କା ପ୍ରଧାନ ବୋଲି ମିଥ୍ୟା ପରିଚୟ ଦେଇ ଭେଟିଥିଲେ । ନିଜକୁ ଜଣେ ସିଭିଲ୍ ଇଞ୍ଜିନିୟର ବୋଲି ପରିଚୟ ଦେଇ ଚାକିରି ପାଇଁ ନିବେଦନ କରିଥିଲେ । ଅଭିଯୋଗକାରୀ ତାଙ୍କୁ ନିଜ କମ୍ପାନୀରେ କାମ କରିବାକୁ ଅନୁମତି ଦେଇଥିଲେ । କାମରେ ଯୋଗଦେବା ପୂର୍ବରୁ ସସ୍ମିତା ଏକ ଦୁର୍ଘଟଣାର ଶିକାର ହୋଇ ହସ୍ପିଟାଲରେ ଥିବା କହି ଅଭିଯୋଗକାରୀଙ୍କୁ ଚିକିତ୍ସା ପାଇଁ ଟଙ୍କା ମାଗିଥିଲା । ଅଭିଯୋଗକାରୀ ବିଶ୍ୱାସ କରି ଡିଜିଟାଲ ପେମେଣ୍ଟ ମାଧ୍ୟମରେ ସସ୍ମିତାଙ୍କ ସମ୍ପର୍କୀୟ ଭଉଣୀ ପ୍ରିୟଙ୍କା ପ୍ରଧାନଙ୍କ ଆକାଉଣ୍ଟକୁ ଟଙ୍କା ପଠାଇଥିଲେ । ପରବର୍ତ୍ତୀ ସମୟରେ ମୁଖ୍ୟ ଅଭିଯୁକ୍ତ ତଥା ସସ୍ମିତାର ସ୍ୱାମୀ ଦିନେଶ ରଞ୍ଜନ ଦାସ ଏବଂ ସସ୍ମିତା ଉଭୟ ମିଶି ଷଡଯନ୍ତ୍ର କରିଥିଲେ । ଅଭିଯୋଗକାରୀଙ୍କ ଷଡଯନ୍ତ୍ରର ସୁଯୋଗ ନେଇ ସସ୍ମିତା ଗରିବୀ ଓ ମେଧାବୀ ଛାତ୍ରଛାତ୍ରୀଙ୍କ ଏମ୍‌ବିଏ ପାଠପଢା, ମେଡିକାଲ ଖର୍ଚ୍ଚ ଏବଂ ଅନ୍ୟାନ୍ୟ ବାହାନା କରି ବିଭିନ୍ନ ପର୍ଯ୍ୟାୟରେ ପ୍ରାୟ ୬୦ଲକ୍ଷ ଟଙ୍କା ଅଭିଯୋଗକାରୀଙ୍କ ଠାରୁ ଠକି ନେଇଥିଲେ । ଏପରିକି ଜାଲ୍ ଇନ୍‌କମ୍ ସାର୍ଟିଫିକେଟ୍ ମଧ୍ୟ ପ୍ରସ୍ତୁତ କରିଥିଲେ । ବେଙ୍ଗାଲୁରୁରେ ଏକ ସଂସ୍ଥା ଖୋଲିଥିବା ମିଛ କହି କମ୍ପାନୀ ନାଁରେ ଜାଲ୍ ଆକାଉଣ୍ଟ କରି ସେଥିରେ ମଧ୍ୟ ଅଭିଯୋଗକାରୀଙ୍କ ଠାରୁ ଟଙ୍କା ନେଇଥିଲେ ।

## ଡ୍ରିମ୍‌ସରେ ଗାନ୍ଧୀ ଓ ଶାସ୍ତ୍ରୀଜୀଙ୍କୁ ଶ୍ରଦ୍ଧାଞ୍ଜଳି

କଟକ, (ସ୍ୱପ୍ର): ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟ ପକ୍ଷରୁ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ୧୫୭ ତମ ଓ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲ ବାହାଦୂର ଶାସ୍ତ୍ରୀଙ୍କ ୧୨୨ତମ ଜୟନ୍ତୀ ପାଳିତ ହୋଇଯାଇଛି । ଏହି ଅବସରରେ ବିଶ୍ୱବିଦ୍ୟାଳୟ ପରିସରରେ ଥିବା ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତିରେ ଉପସ୍ଥିତ ବରିଷ୍ଠ ପଦାଧିକାରୀ ଓ ଛାତ୍ରଛାତ୍ରୀ ପ୍ରଦୀପ ପ୍ରଜ୍ୱଳନ ସହିତ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ଆଭାସୀ ମାଧ୍ୟମରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ଅବସରରେ ଗାନ୍ଧିଜୀ ଓ ଶାସ୍ତ୍ରୀଜୀଙ୍କ ତ୍ୟାଗପୂତ ଜୀବନାଦର୍ଶରେ ଅନୁପ୍ରାଣିତ ହୋଇ ରାଷ୍ଟ୍ର ନିର୍ମାଣରେ ବ୍ରତୀ ହେବାକୁ ଦିଗଦର୍ଶନ ଦେଇଥିଲେ । ପ୍ରଶାସନିକ ବରିଷ୍ଠ ନିର୍ଦ୍ଦେଶକ ବଳରାମ କର ଭାରତର ସ୍ୱାଧୀନତା ସଂଗ୍ରାମରେ ଗାନ୍ଧିଜୀଙ୍କ ଅତୁଳନୀୟ ଭୂମିକା ଉପରେ ଆଲୋକପାତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ, ନିର୍ଦ୍ଦେଶକ ( ଛାତ୍ର ସଂପର୍କ) ଲୋକନାଥ ବେହେରା, ପ୍ରାଧ୍ୟାପକ ସୁଶାନ୍ତ କୁମାର ସେଠୀ, ଅଧ୍ୟାପକ ଡ. ଅଜିତ୍ କୁମାର ମହାପାତ୍ର, ପ୍ରଶାସନିକ ଅଧିକାରୀ ଆଶୁତୋଷ ଦ୍ୱିବେଦୀ, ସୁରକ୍ଷା ଅଧିକାରୀ ରାଜ କିଶୋର ବିଶ୍ୱାଳ ପ୍ରମୁଖ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ । ଜାତୀୟ ସେବା ଯୋଜନା ପକ୍ଷରୁ ଆୟୋଜିତ



ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗର ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିଲେ । ଲୋକ ସଂପର୍କ ଅଧିକାରୀ ନିରାକାର ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।

# ବିଜେଡିର ଜନସମ୍ପର୍କ ପଦଯାତ୍ରା ଏକାମ୍ର ନିର୍ବାଚନମଣ୍ଡଳୀରୁ ଆରମ୍ଭ

# ଓଡ଼ିଶାବାସୀଙ୍କ ସ୍ୱାର୍ଥ ପାଇଁ ସଂଗ୍ରାମ ତୀବ୍ର କରିବାକୁ ନବୀନଙ୍କ ଆହ୍ୱାନ



ଭୁବନେଶ୍ୱର, (ସବ୍ୟୁ) : ବିଜୁ ଜନତା ଦଳ ପକ୍ଷରୁ ଜନସମ୍ପର୍କ ପଦଯାତ୍ରା ଏକାମ୍ର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ୱାର୍ଡ ନଂ ୫୨, ବିମାନବନ୍ଦର ରୋଡ୍ ସ୍ଥିତ ରାଜାପଡ଼ିଆ ଠାରେ ଆୟୋଜିତ ହୋଇଥିଲା । ଭୁବନେଶ୍ୱର ଜିଲ୍ଲା ବିଜେଡି ସଭାପତି ତଥା ପୂର୍ବତନ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡାଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ହଜାର ହଜାର ବିଜେଡି କର୍ମୀ ଓ ସମର୍ଥକ ଯୋଗ ଦେଇଥିଲେ । ବିଜୁ ଜନତା ଦଳର ସଭାପତି ନବୀନ ପଟ୍ଟନାୟକ ଏହି ପଦଯାତ୍ରାର ଶୁଭାରମ୍ଭ କରି ଦଳୀୟ କର୍ମୀ ଓ ସମର୍ଥକ ମାନଙ୍କ ସହ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ସମାବେଶକୁ ସମ୍ବୋଧିତ କରି ନବୀନ ପଟ୍ଟନାୟକ କହିଥିଲେ ଯେ, ବିଜୁ ଜନତା ଦଳ ଓଡ଼ିଶାବାସୀଙ୍କ ସେବା ଓ ଭଲ କାମ ପାଇଁ ସର୍ବଦା ଲୋକଙ୍କ ହୃଦୟରେ ରହିଆସିଛି ଏବଂ ଆଗାମୀ ଦିନରେ ମଧ୍ୟ ଲୋକଙ୍କ ହୃଦୟରେ ରହିବ । ସରକାର ନିଜକୁ ଲୋକଙ୍କ ସରକାର ବୋଲି କହୁଥିଲେ ମଧ୍ୟ ଲୋକଙ୍କ ସମସ୍ୟା ଶୁଣୁ ନାହାନ୍ତି । ପିଲାମାନଙ୍କ ପାଖରେ ପାଠ୍ୟପୁସ୍ତକ ନାହିଁ, ବୟସ୍କ ଲୋକମାନେ ପେନସନ୍ ପାଇବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି, ଚାଷୀମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଏବଂ ମା'ମାନେ ମଧ୍ୟ ବିଭିନ୍ନ ସମସ୍ୟାର ସାମ୍ନା କରୁଛନ୍ତି । ଆଗାମୀ ଦିନରେ ଓଡ଼ିଶାର ଅଧିକାର, ସମ୍ମାନ ଓ ବିକାଶ ପାଇଁ ଦଳର ସଂଗ୍ରାମକୁ ଆହୁରି ତୀବ୍ର କରିବାକୁ ବିଜେଡି କର୍ମୀମାନଙ୍କୁ ଆହ୍ୱାନ ଦେଇଥିଲେ ।

ଏହି ଅବସରରେ ଆୟୋଜିତ ସମାବେଶକୁ ବିଜେଡିର ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର, ପୂର୍ବତନ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ବିଧାୟକ ଅନନ୍ତ ନାରାୟଣ ଜେନା, ବିଧାୟକ ସୁଶାନ୍ତ ରାଉତ, ଭୁବନେଶ୍ୱର ମେୟର ଶ୍ରୀମତୀ ସୁଲୋଚନା ଦାସ ଏବଂ ମନ୍ମଥ ରାଉତରାୟ ସମ୍ବୋଧିତ କରିଥିଲେ । ଶ୍ରୀମତୀ ମଞ୍ଜୁଲତା କହଁର ଧନ୍ୟବାଦ ଅର୍ପଣ କରିଥିଲେ ।

ଏହି କାର୍ଯ୍ୟକ୍ରମରେ ସୁଜାତା ରାଉତ, ସୁଲତା ଦେଓ, ଶାରଦା ଜେନା, ଚିନ୍ମୟ ସାହୁ, ଇପ୍ସିତା ସାହୁ, ରଘୁନାଥ ସାହୁ, ସୁମିତ୍ରା ଜେନା, ଡ଼ ଗୀତା ବସ୍ତିଆ, ଏଲିନା ସାମନ୍ତରାୟଙ୍କ ସମେତ ନିର୍ବାଚିତ ପ୍ରତିନିଧି, ବରିଷ୍ଠ ନେତା ଓ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ ।


ପବିତ୍ର ଗାନ୍ଧି ଜୟନ୍ତୀ ଓ ଦୈନିକ ଖବରକାଗଜ 'ସମୟ'ର ୩୦ତମ ସ୍ୱନକ୍ଷତ୍ର ଅବସରରେ କୋରାପୁଟ ଜିଲ୍ଲାବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ।

ଶୁଭେଚ୍ଛା ବାର୍ତ୍ତା

PIA cum ASCO
Soil conservation department
Borigumma Block
Dist- Koraput



ଶୁଭେଚ୍ଛା ବାର୍ତ୍ତା

ଦୈନିକ 'ସମୟ'ର ସ୍ୱନକ୍ଷତ୍ର ତଥା ପବିତ୍ର ଦଶହରା ପର୍ବ ଅବସରରେ ସମସ୍ତଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ।

ଶ୍ରୀକ୍ରିଷ୍ଣା ରାଇସ ମିଲ
ରମ୍ପିକଟା, ବୌଦ୍ଧ



ଶୁଭେଚ୍ଛା ବାର୍ତ୍ତା

ଦୈନିକ 'ସମୟ'ର ସ୍ୱନକ୍ଷତ୍ର ତଥା ପବିତ୍ର ଦଶହରା ପର୍ବ ଅବସରରେ ସମସ୍ତଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ।

ରାଣୀସତୀ ପେଡ଼ି ପ୍ରସେସିଂ
ଶ୍ରୀ ଅଶୋକ କୁମାର ଅଗ୍ରୱାଲା
ପୁରୁଣା କଟକ, ବୌଦ୍ଧ



ଶୁଭେଚ୍ଛା ବାର୍ତ୍ତା

ଦୈନିକ 'ସମୟ'ର ସ୍ୱନକ୍ଷତ୍ର ତଥା ପବିତ୍ର ଦଶହରା ପର୍ବ ଅବସରରେ ସମସ୍ତଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ।

ମା ପେଡ଼ି ଇଣ୍ଡଷ୍ଟ୍ରି
ଶ୍ରୀ ନୀଳକଣ୍ଠ ମହାନ୍ତି
ଲଇଗାଁ, ବୌଦ୍ଧ



ଗାନ୍ଧୀ ଜୟନ୍ତୀ ଓ 'ସମୟ'ର ୩୦ତମ ସ୍ୱନକ୍ଷତ୍ର ଅବସରରେ କୋରାପୁଟ ଜିଲ୍ଲାବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ।

: ଶୁଭେଚ୍ଛା ବାର୍ତ୍ତା :

PEO's UNION
Borigumma Block
Koraput Dist



ସଞ୍ଚୟ କରନ୍ତୁ ବିଦ୍ୟୁତ୍ ବିଲ୍ ଉପରେ !

TPNODL
ଟିପି ନର୍ଦ୍ଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍
(ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ)

ପିଏମ୍ ସୂର୍ଯ୍ୟ ଘର: ମୁଫ୍ତ ବିଜୁଳି ଯୋଜନା

ଆଜି ହିଁ ସୋଲାର ପ୍ୟାନେଲ ସ୍ଥାପନ କରନ୍ତୁ

୩୦୦* ୟୁନିଟ୍ ପର୍ଯ୍ୟନ୍ତ ସଞ୍ଚୟ

ସ୍ୱଳ୍ପ ବିଦ୍ୟୁତ୍ ବିଲ୍, ଅଧିକ ସଞ୍ଚୟ
ଦୀର୍ଘସ୍ଥାୟୀ, ସ୍ୱଳ୍ପ ରକ୍ଷଣାବେକ୍ଷଣ
ସରକାରୀ ସହାୟତା, ଗ୍ରୀଡ୍ ସଂଯୁକ୍ତ
ପରିବେଶ ଅନୁକୂଳ

ଅଧିକ ବିବରଣୀ ପାଇଁ ସ୍କାନ କରନ୍ତୁ

ସ୍ଥାପନା ପାଇଁ ସରକାରୀ ସବସିଡି ବ୍ୟବସ୍ଥା

| କିଲୋୱାଟ୍ | କେନ୍ଦ୍ର ସରକାର | | ରାଜ୍ୟ ସରକାର | | ସମୁଦାୟ |
|---|---|---|---|---|---|
| ୧ | ୩୦,୦୦୦ ଟଙ୍କା | + | ୨୫,୦୦୦ ଟଙ୍କା | = | ୫୫,୦୦୦ ଟଙ୍କା |
| ୨ | ୬୦,୦୦୦ ଟଙ୍କା | + | ୫୦,୦୦୦ ଟଙ୍କା | = | ୧,୧୦,୦୦୦ ଟଙ୍କା |
| ୩ ଓ ଉର୍ଦ୍ଧ୍ୱ | ୭୮,୦୦୦ ଟଙ୍କା | + | ୬୦,୦୦୦ ଟଙ୍କା | = | ୧,୩୮,୦୦୦ ଟଙ୍କା |

*ସର୍ତ୍ତାବଳୀ ଲାଗୁ

ଟିପିଏନ୍ଓଡିଏଲ୍ ଗ୍ରାହକ ସେବା: ୧୮୦୦-୩୪୫୬-୭୧୮/୧୯୧୨ | ଆବେଦନ କରନ୍ତୁ: www.pmsuryaghar.gov.in

## ସମ୍ପାଦକୀୟ

# ମହାନଦୀ ବିବାଦର ସମାଧାନ ଶୀଘ୍ର ହେବ

ଓଡ଼ିଶା ଓ ଛତିଶଗଡ଼ ମଧ୍ୟରେ ଦୀର୍ଘଦିନ ଧରି ରହିଥିବା ମହାନଦୀ ଜଳ ବିବାଦର ସମାଧାନ ଖୁବ୍ ଶୀଘ୍ର ହେବା ପାଇଁ ରାସ୍ତା ପରିଷ୍କୃତ ହୋଇଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନିର୍ଦ୍ଦେଶନାରେ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ, ଉଭୟ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀ ଓ ଛତିଶଗଡ଼ର ମୁଖ୍ୟମନ୍ତ୍ରୀ ବିଷ୍ଣୁଦେଓ ସାଏଙ୍କୁ ପାଖରେ ବସାଇ ଥିଲେ । ତେଣୁ ଏ ବିବାଦର ଶୀଘ୍ର ସମାଧାନ ହେବ ବୋଲି ଜଣାପଡ଼ିଛ । କାରଣ କେନ୍ଦ୍ରୀୟ ଜଳ କମିଶନଙ୍କ କାର୍ଯ୍ୟ ଉପରେ ସମୀକ୍ଷା କରାଯାଇଥିଲା । ଏହା ପରେ ଦୁଇ ରାଜ୍ୟ ମିଳିତ ଭାବେ ଏ ବିବାଦର ସମାଧାନ ପାଇଁ କେନ୍ଦ୍ରୀୟ ଜଳ କମିଶନଙ୍କ ଉପରେ ଦାୟିତ୍ୱ ଦେଇଥିବା ଜଣାଯାଇଛି । ନୂଆଦିଲ୍ଲୀରେ ଗତ ଅକ୍ଟୋବର ପହିଲା (୨୦୨୬)ରେ ଏ ସଂକ୍ରାନ୍ତରେ ବୈଠକ ଅନୁଷ୍ଠିତ ହୋଇଥିଲା । ଏହା ପରେ ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀ ବିବୃତି ରଖି କହିଛନ୍ତି ଯେ ଗତ ଜୁଲାଇ ୩୦ (୨୦୨୬)ରେ ଏ ସଂକ୍ରାନ୍ତୀୟ ବୈଠକ ପରେ ଆମେ ଉଭୟ ରାଜ୍ୟର ମୁଖ୍ୟମନ୍ତ୍ରୀ ସନ୍ତୋଷ ପ୍ରକାଶ କରିଥିଲୁଁ । ପ୍ରାୟ ମାସକ ମଧ୍ୟରେ ଏହି ବିବାଦର ସମାଧାନ ହୋଇଯିବ ବୋଲି ଆଶା ପ୍ରକାଶ ପାଇଥିବା ବିଷୟରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ସୂଚନା ଦେଇଛନ୍ତି ।

**ଭାରତର ପୂର୍ବାଞ୍ଚଳରେ ମହାନଦୀ ଏକ ଗୁରୁତ୍ୱପୂର୍ଣ୍ଣ ନଦୀ ଏବଂ ଦୁଇ ରାଜ୍ୟ ଛତିଶଗଡ଼ ଓ ଓଡ଼ିଶା ଲୋକଙ୍କ ଜୀବନଧାରା । ଏହା ଉଭୟ ଛତିଶଗଡ଼ ଓ ଓଡ଼ିଶା ଦେଇ ପ୍ରବାହିତ ହୋଇ ବଙ୍ଗୋପସାଗରରେ ଲୀନ ହୋଇଛି । ଏହି ବିବାଦର ଆଶୁ ସମାଧାନ ଦୁଇ ରାଜ୍ୟ ପାଇଁ କରାଯାଇ ପାରିଲେ ଉଭୟ ରାଜ୍ୟର ହିତ ସାଧନ ସହିତ ବିକାଶ ମଧ୍ୟ ସମ୍ଭବ ହେବ ।**

ଦୀର୍ଘଦିନ ଧରି ଏହି ବିବାଦ ଚାଲିଥିଲା । ଏପରିକି ଦୀର୍ଘ ୨୪ ବର୍ଷର ଶାସନ କାଳରେ ମୁଖ୍ୟମନ୍ତ୍ରୀ ତଥା ଏବର ବିରୋଧୀ ଦଳର ନେତା ନବୀନ ପଟ୍ଟନାୟକ ଏହି ବିବାଦର ସମାଧାନ କରି ପାରି ନଥିଲେ । ଏଥିପାଇଁ ବିଜେଡି ପକ୍ଷରୁ ଆନ୍ଦୋଳନ ଆରମ୍ଭ ହୋଇଥିଲେ ମଧ୍ୟ ତାହା ଫଳପ୍ରଦ ହୋଇ ପାରି ନଥିଲା । ନିଜର ଶେଷ ନିଃଶ୍ୱାସ ଥିବା ପର୍ଯ୍ୟନ୍ତ ଏହି ମହାନଦୀ ଜଳବିବାଦ ଆନ୍ଦୋଳନକୁ ଜାରି ରଖିବେ ବୋଲି ନବୀନ ବାବୁ ଘୋଷଣା କରିଥିଲେ ମଧ୍ୟ ନିଜ ଦଳ ବା ନିଜ ସରକାରଙ୍କଦ୍ୱାରା ତାହା ସମ୍ଭବ ହୋଇ ନଥିଲା । ଏହି ସମସ୍ୟାର ସମାଧାନ ଲାଗି ଅନେକ ପତ୍ର ନବୀନ ବାବୁ ଲେଖିଥିଲେ । ନିଜ ବିଭାଗ ଜଳସମ୍ପଦ ବିଭାଗ ପକ୍ଷରୁ ଅନେକ ମାମଲା ମଧ୍ୟ ରୁଜୁ କରା ଯାଇଥିଲା ।

ମାତ୍ର ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀ କ୍ଷମତାସୀନ ହେବା ପରେ ଏପରି ଏକ ଗୁରୁତର ଜଳବିବାଦ ସମସ୍ୟାର ସମାଧାନ ପାଇଁ ଉଦ୍ୟମ ଆରମ୍ଭ କରିଥିଲେ । ଉଭୟ ରାଜ୍ୟରେ ଏବେ ବିଜେପି ସରକାର ଥିବାରୁ ପ୍ରଧାନମନ୍ତ୍ରୀ ମୋଦିଙ୍କ ନିର୍ଦ୍ଦେଶକ୍ରମେ ଏହି ବିବାଦର ସମାଧାନ ଲାଗି କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ନୂଆଦିଲ୍ଲୀରେ ବୈଠକ ଡକାଇଥିଲେ ଓ ଏହାର ତୁରନ୍ତ ସମାଧାନ ପାଇଁ ବାଟ ଫିଟିଥିଲା । ଅନ୍ୟମାନଙ୍କ ମଧ୍ୟରେ କେନ୍ଦ୍ର ଜଳଶକ୍ତି ମନ୍ତ୍ରୀ ସି.ଆର. ପାଟିଲ ଉଭୟ ରାଜ୍ୟର ଜଳସମ୍ପଦ ବିଭାଗର ଶାସନ ସଚିବ, ସର୍ବୋଚ୍ଚ ଯନ୍ତ୍ରୀ ଓ ଅନ୍ୟାନ୍ୟ ଅଧିକାରୀ ଓ କର୍ମଚାରୀମାନେ ଏହି ବୈଠକରେ ଯୋଗ ଦେଇଥିଲେ । ରାୟପୁରର ଓଡ଼ିଆ ବିଧାୟକ ପୁରନ୍ଦର ମିଶ୍ର ମଧ୍ୟ ଏହି ଦୁଇ ରାଜ୍ୟର ଜଳ ବିବାଦର ସମାଧାନ ଖୁବ୍ ଶୀଘ୍ର ହୋଇଯିବ ବୋଲି ପ୍ରକାଶ କରି ପୂର୍ବପରି ଓଡ଼ିଶା ଓ ଛତିଶଗଡ଼ ମଧ୍ୟରେ ସାଂସ୍କୃତିକ ସୁସମ୍ପର୍କ ସ୍ଥାପିତ ହୋଇ ପାରିବ ବୋଲି ଆଶା କରିଛନ୍ତି ।

ଭାରତର ପୂର୍ବାଞ୍ଚଳରେ ମହାନଦୀ ଏକ ଗୁରୁତ୍ୱପୂର୍ଣ୍ଣ ନଦୀ ଏବଂ ଉଭୟ ଛତିଶଗଡ଼ ଓ ଓଡ଼ିଶା ଲୋକଙ୍କ ଜୀବନଧାରା । ଏହା ଉଭୟ ଛତିଶଗଡ଼ ଓ ଓଡ଼ିଶା ଦେଇ ପ୍ରବାହିତ ହୋଇ ବଙ୍ଗୋପସାଗରରେ ଲୀନ ହୋଇଛି । ଏହି ବିବାଦର ଆଶୁ ସମାଧାନ ଉଭୟ ରାଜ୍ୟ ପାଇଁ କରାଯାଇ ପାରିଲେ ଉଭୟ ରାଜ୍ୟର ହିତ ସାଧନ ସହିତ ବିକାଶ ମଧ୍ୟ ସମ୍ଭବ ହେବ ।

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

**କର୍ତ୍ତବ୍ୟ ସାଧନରୁ ସ୍ୱାଭାବିକ ଭାବରେ ଯେଉଁ ଶକ୍ତି ଉତ୍ପନ୍ନ ହୁଏ, ତାହା ସତ୍ୟାଗ୍ରହରୁ ଜାତ ଅହିଂସା ଓ ଅପରାଜେୟ ଶକ୍ତି ।**
**ମହାତ୍ମା ଗାନ୍ଧି**

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ନିର୍ବାଚନ କମିଶନରେ ବିଶ୍ୱସନୀୟତାର ସଂକଟ



**ଡଃ.ଅଜିତ କୁମାର ମିଶ୍ର**

ପୂର୍ବତନ ଓଡ଼ିଶା ପ୍ରଶାସନିକ ସେବା ଅଧିକାରୀ 'ଦ ଇଣ୍ଡିଆନ୍ ଏକ୍ସପ୍ରେସ୍'ର ନୂଆଦିଲ୍ଲୀ ସଂସ୍କରଣରେ ୨୩ ସେପ୍ଟେମ୍ବର ୨୦୨୬ରେ ପ୍ରକାଶିତ ଏକ ରିପୋର୍ଟ, ବିଶ୍ୱର ସବୁଠାରୁ ବଡ଼ ଗଣତନ୍ତ୍ର ପାଇଁ ଭୋଟର ତାଲିକା ପ୍ରସ୍ତୁତ କରୁଥିବା ଏବଂ ନିର୍ବାଚନ ପରିଚାଳନା କରୁଥିବା ସଂସ୍ଥାର ବିଶ୍ୱସନୀୟତା ଉପରେ ପୁନର୍ବାର ଏକ ଗୁରୁତର ପ୍ରଶ୍ନ ଉଠାଇଛି । ଏପରିକି ବିରୋଧୀ ଦଳଗୁଡ଼ିକ କେବଳ ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କ ଇସ୍ତଫା ନୁହେଁ, ଗିରଫଦାରୀ ଦାବି କରିବାକୁ ମଧ୍ୟ ପଛେଇ ନାହାନ୍ତି । ଚିନ୍ତାର ବିଷୟ ହେଉଛି ଯେ, ତାଙ୍କର ଏସ୍.ଆଇ.ଆର୍. ସଂପର୍କରେ ନିଷ୍ପତ୍ତି ବିରୁଦ୍ଧରେ ସବୁଠାରୁ ବଡ଼ ବିରୋଧ କୌଣସି ବିରୋଧୀ ଦଳର ନେତାଙ୍କ ତରଫରୁ ନୁହେଁ, ବରଂ 'ଦ ଇଣ୍ଡିଆନ୍ ଏକ୍ସପ୍ରେସ୍'ର ରିତିକା ଚୋପ୍ରାଙ୍କ ରିପୋର୍ଟ ଅନୁଯାୟୀ, ଖୋଦ୍ ମୁଖ୍ୟ ନିର୍ବାଚନ କମିଶନରଙ୍କ ନିକଟତମ ସହଯୋଗୀ ତଥା ଭାରତର ଅନ୍ୟ ଦୁଇଜଣ ନିର୍ବାଚନ କମିଶନରଙ୍କ ତରଫରୁ ଆସିଛି । ନିଃସନ୍ଦେହରେ ଏହା ପ୍ରତ୍ୟେକ ଭାରତୀୟଙ୍କ ପାଇଁ ଅତ୍ୟନ୍ତ ଉଦ୍‌ବେଗର ବିଷୟ ।

ଏହାର ବିଶ୍ଳେଷଣ ପାଇଁ ନିର୍ବାଚନ ଆୟୋଗର ଗଠନ ପ୍ରକ୍ରିୟା ବିଷୟରେ ସମ୍ୟକ ଧାରଣା ଦେବା ବାଞ୍ଛନୀୟ । ନିର୍ବାଚନ ଆୟୋଗ ହେଉଛନ୍ତି ଏକ ତିନି-ସଦସୀୟ ସାମ୍ବିଧାନିକ ଅନୁଷ୍ଠାନ ଅଟେ ।

ମୁଖ୍ୟ ନିର୍ବାଚନ କମିଶନର ଏବଂ ଅନ୍ୟ ଦୁଇଜଣ ନିର୍ବାଚନ କମିଶନର ସମାନ ପାହ୍ୟାର ଅଟନ୍ତି । ମୁଖ୍ୟ ନିର୍ବାଚନ କମିଶନର (CEC)ଙ୍କ ପାଖରେ ଏକାକୀ ନିଷ୍ପତ୍ତି ନେବାର କ୍ଷମତା ନାହିଁ । କିନ୍ତୁ ଆୟୋଗ ଭିତରେ ଏକ ଅଭୁତପୂର୍ବ ବିଭାଜନ ଦେଖିବାକୁ ମିଳିଛି, ଯେଉଁଥିରେ ତିନିଜଣ ନିର୍ବାଚନ କମିଶନରଙ୍କ ମଧ୍ୟରୁ ଦୁଇଜଣ-ସୁଖବୀର ସିଂ ସାନ୍ଧୁ ଏବଂ ବିବେକ ଯୋଶୀ-ମାତ୍ର ୧୦ ମାସ ମଧ୍ୟରେ CECଙ୍କ ନିଷ୍ପତ୍ତି ଓ ନିର୍ଦ୍ଦେଶ ବରୋଧରେ ୧୪ ଥର ଲିଖିତ ଭାବେ ଆପତ୍ତି ଉଠାଇଛନ୍ତି । ସେମାନଙ୍କ କହିବା ଅନୁଯାୟୀ ଏହି ନିଷ୍ପତ୍ତିଗୁଡ଼ିକ ସେମାନଙ୍କ ଅଜାଣତରେ ନିଆ ଯାଇଥିଲା । ସାରା ଦେଶରେ ଏସ୍.ଆଇ.ଆର୍. ଆରମ୍ଭ ହେବା ଦିନଠାରୁ ଏହା ଭୋଟରମାନଙ୍କ ମଧ୍ୟରେ ଆଗ୍ରହ ପରିବର୍ତ୍ତେ ଆଶଙ୍କା ସୃଷ୍ଟି କରିଥିଲା ଉଦାହରଣ ସ୍ୱରୂପ...

ଗୋଆରେ SIR (ସ୍ୱତନ୍ତ୍ର ସଘନ ସଂଶୋଧନ) ପ୍ରକ୍ରିୟା ସମୟରେ, ୯୭ ଜଣ ଯୋଗ୍ୟ ଭୋଟରଙ୍କୁ ତାଲିକାରେ ପୁନର୍ବାର ଯୋଡ଼ା ଯାଇପାରି ନଥିଲା, କାରଣ ସେହି ନିଷ୍ପତ୍ତିକୁ ରେକର୍ଡ କରିବା ପାଇଁ ସଫ୍ଟୱେରର କୌଣସି ବ୍ୟବସ୍ଥା ନଥିଲା । ଗୋଆର ମୁଖ୍ୟ ନିର୍ବାଚନ ଅଧିକାରୀ ECIକୁ ଆଠ ଥର ଚିଠି ଲେଖିଥିଲେ, କିନ୍ତୁ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସେହି ଅନୁରୋଧର କୌଣସି ଉତ୍ତର ମିଳି ନଥିଲା, ଯାହା ଫଳରେ ସେହି ଭୋଟରମାନେ ନିଜର ସାମ୍ବିଧାନିକ ଭୋଟ ଦେବା ଅଧିକାରରୁ ନିର୍ବାଚନ କମିଶନଙ୍କ ମନୋମୁଖୀ ନିଷ୍ପତ୍ତି, ପଶ୍ଚିମବଙ୍ଗର ଏସ୍.ଆଇ.ଆର୍. ଯେପରି କରାଗଲା ତାହା କୌଣସି ସଭ୍ୟ ସମାଜ ଗ୍ରହଣ କରିପାରିବ ନାହିଁ ।

ଏହି ରିପୋର୍ଟର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି: ଏହି ବିବାଦ କେବଳ ନିର୍ବାଚନ କମିଶନରମାନଙ୍କ ମଧ୍ୟରେ ଥିବା ଆଭ୍ୟନ୍ତରୀଣ ଚିଠା ମଧ୍ୟରେ ସୀମିତ ହୋଇ ରହିନାହିଁ । କୁହାଯାଏ ଯେ, ଦୁଇଜଣ ନିର୍ବାଚନ କମିଶନର କ୍ୟାବିନେଟ୍ ସଚିବଙ୍କ ନିକଟରେ ମଧ୍ୟ ଅଭିଯୋଗ କରିଥିଲେ । ସେମାନେ ଭୋଟର ତାଲିକା ଡାଟାବେସର କେନ୍ଦ୍ରୀକରଣ ଏବଂ ସ୍ଥାନୀୟ ଅଧିକାରୀମାନେ ସେହି ସଫ୍ଟୱେରକୁ ବ୍ୟବହାର କରିବାରେ ସମସ୍ୟାର ସମ୍ମୁଖୀନ ହେବା ନେଇ (ଯାହା ମାଧ୍ୟମରେ ସେମାନେ ନିଜର ମୌଳିକ କର୍ତ୍ତବ୍ୟ ସମ୍ପାଦନ କରୁଥିଲେ) ଚିନ୍ତା ପ୍ରକଟ କରିଥିଲେ । ସୀମାଖାନା, ଯିଏକି ନିର୍ବାଚନ ଆୟୋଗର ଆଇ.ଟି. ମହାନିର୍ଦ୍ଦେଶକ ଅଛନ୍ତି, ସେ ମୁଖ୍ୟ ନିର୍ବାଚନ କମିଶନଙ୍କୁ ଏପରି କେଳେଙ୍କାରୀ କରିବାରେ ସହାୟକ ହୋଇଥିଲେ ବୋଲି ଅନେକ ମତ ଦିଅନ୍ତି । 'ଦି ଇଣ୍ଡିଆନ୍ ଏକ୍ସପ୍ରେସ୍'ର ରିପୋର୍ଟ ଉପରେ ପ୍ରତିକ୍ରିୟା ରଖି ନିର୍ବାଚନ ଆୟୋଗ କହିଛନ୍ତି ଯେ ଲିଖିତ ଆପତ୍ତିଗୁଡ଼ିକ ସାଂସ୍ଥାଗତ ପ୍ରକ୍ରିୟାର ଏକ ସାଧାରଣ ଅଂଶ କିନ୍ତୁ ଆୟୋଗ ଦୁଇ ନିର୍ବାଚନ କମିଶନରଙ୍କ ଦ୍ୱାରା ଉଠାଯାଇଥିବା ଆପତ୍ତି ଏବଂ ସେଗୁଡ଼ିକର ସମାଧାନ କିପରି କରାଗଲା, ସେ ସମ୍ପର୍କିତ ବିଷୟଗୁଡ଼ିକୁ ଏଡ଼ାଇ ଯାଇଥିଲା ।

**ଗଣତନ୍ତ୍ର ଲୋକଙ୍କର, ଲୋକଙ୍କ ଦ୍ୱାରା ଏବଂ ଲୋକଙ୍କ ପାଇଁ ବୋଲି କୁହାଯାଏ କିନ୍ତୁ ଲକ୍ଷ ଲକ୍ଷ ଭୋଟରଙ୍କ ନାମ ବାଦ୍ ଦିଆଯିବା ଘଟଣା ଓଡ଼ିଶାର ରାଜନୈତିକ ପରିବେଶକୁ ବଦଳାଇବା ପାଇଁ ଏକ ଉଦ୍ଦେଶ୍ୟମୂଳକ ପ୍ରୟାସ ବୋଲି ଅଭିଯୋଗ କରାଯାଉଛି ।**

ଭାରତୀୟ ନିର୍ବାଚନ କମିଶନଙ୍କ ମଧ୍ୟରେ ଥିବା ଆଭ୍ୟନ୍ତରୀଣ ବିବାଦ ଜନମାନସରେ ଏକ ଲୋକପ୍ରିୟ ନିର୍ବାଚିତ ସରକାରକୁ ବହୁ ପରିମାଣରେ ଅସ୍ଥିର କରିବା ପାଇଁ ପ୍ରକୃତ ଭୋଟରଙ୍କ ସଂଖ୍ୟା ବୃଦ୍ଧି କରିବା ଏକ ଗୁରୁତର ଚିନ୍ତାର ବିଷୟ ।

ଏହି ପରିପ୍ରେକ୍ଷୀରେ ନିର୍ବାଚନ କମିଶନର ଏବଂ ମୁଖ୍ୟ ନିର୍ବାଚନ କମିଶନରଙ୍କ ମଧ୍ୟରେ ମତଭେଦ ସଦ୍ୟ ସମାପ୍ତ SIR ମାଧ୍ୟମରେ ୨୦ ଲକ୍ଷରୁ ଅଧିକ ଭୋଟରଙ୍କ ସଂଖ୍ୟା ହ୍ରାସ କରାଯିବା ସହିତ ଜଡ଼ିତ ବୋଲି ଅନେକ ଆଲୋଚନା କରୁଛନ୍ତି ।

ରିପୋର୍ଟଗୁଡ଼ିକ ସୂଚିତ କରୁଛି ଯେ ଦୁଇ ଜଣ ନିର୍ବାଚନ କମିଶନର ସ୍ୱତନ୍ତ୍ର ସଘନ ସଂଶୋଧନ (SIR)ର ପରିମାଣ, ସମୟ ସୀମା, ଏବଂ ପଦ୍ଧତି ଉପରେ ପ୍ରଶ୍ନ ଉଠାଇଥିଲେ ଏବଂ ଚେତାବନୀ ଦେଇଥିଲେ ଯେ ଏହା ସଂଖ୍ୟାଲଘୁ, ଗରିବ ଏବଂ ଆଦିବାସୀ ସମ୍ପ୍ରଦାୟକୁ ଅସମାନ ଭାବରେ ପ୍ରଭାବିତ କରିବା ସହିତ ପ୍ରକୃତ ଭୋଟରଙ୍କୁ ବଞ୍ଚିତ କରିବ । ତେଣୁ ଏ ସଂପର୍କରେ ଅଧିକ ସ୍ୱଚ୍ଛତା ତଥା ସମୟ ପାଇଁ ଅନୁରୋଧ ସତ୍ତ୍ୱେ, ମୁଖ୍ୟ ନିର୍ବାଚନ କମିଶନର ତାଙ୍କ ସହକର୍ମୀଙ୍କୁ ଅଗ୍ରାହ୍ୟ କରି ଏକ ତ୍ୱରାନ୍ୱିତ ପ୍ରକ୍ରିୟା ଉପରେ ଜୋର ଦେଇଥିଲେ ବୋଲି ଜଣାଯାଏ । ସମ୍ଭାବ୍ୟ ଭୋଟର ବାଦ୍ ପଡିବାର ଚେତାବନୀ ସତ୍ତ୍ୱେ ମୁଖ୍ୟ ନିର୍ବାଚନ କମିଶନରଙ୍କ ଏକତରଫା ନିଷ୍ପତ୍ତି ବାସ୍ତବିକ ଉଦ୍ଦେଶ୍ୟମୂଳକ ପରି ମନେହୁଏ । ଯେପରିକି ଭି.ଆଇ.ପି. ଭୋଟରମାନଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରିବା, ଗଣତନ୍ତ୍ର ବ୍ୟବସ୍ଥା ପାଇଁ ଏକ ବଡ଼ ଉପହାସ ।

ଓଡିଶାରେ SIRକୁ ଆନୁଷ୍ଠାନିକ ଭାବରେ ଭୋଟର ତାଲିକା ଯାଞ୍ଚ ପାଇଁ ଏକ ନିୟମିତ ପ୍ରକ୍ରିୟା ଭାବରେ ବର୍ଣ୍ଣନା କରାଯାଇଥିଲା, ତଥାପି ଏହା ୨୦ ଲକ୍ଷରୁ ଅଧିକ ନାମ ବାଦ ଦେଇଛି । ଏହି ପ୍ରକ୍ରିୟା ବିଶେଷ ଭାବରେ ଦୁର୍ବଳ ଗୋଷ୍ଠୀଗୁଡ଼ିକୁ ପ୍ରଭାବିତ କରିଛି, ଯେଉଁଥିରେ ମୁସଲିମ ସମ୍ପ୍ରଦାୟ, ତିବ୍ବତୀୟ ବାସିନ୍ଦା, ପ୍ରବାସୀ ଶ୍ରମିକ ଏବଂ ଅନୁସୂଚିତ ଜନଜାତି, ଅନୁସୂଚିତ ଜାତି ଏବଂ ମହିଳାମାନେ ଡକ୍ୟୁମେଣ୍ଟେସନ୍ ଏବଂ ଭଳି ପ୍ରକ୍ରିୟାର କଷ୍ଟକର ପ୍ରକ୍ରିୟାରେ ଅସୁବିଧାର ସମ୍ମୁଖୀନ ହୋଇଥିଲେ ।

ଏହି ଘଟଣାକ୍ରମ ଅନେକଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି କରିଛି ଯେ, ୨୦୨୪ ନିର୍ବାଚନରେ ବିଜେଡିର ଅପ୍ରତ୍ୟାଶିତ ପରାଜୟ ପଛରେ କ'ଣ ବ୍ୟାପକ ଭୋଟ୍ ଚୋରୀ ପ୍ରକ୍ରିୟାର କୌଣସି ଭୂମିକା ଥିଲା? କାରଣ କେବଳ ଜ୍ଞାନେଶ କୁମାର ନୁହନ୍ତି, ତାଙ୍କ ପୂର୍ବସୂରୀ ରାଜୀବ କୁମାର ବିବାଦରୁ ଉର୍ଦ୍ଧ୍ୱରେ ନ ଥିଲେ । ତାଙ୍କର ଅନେକ ନିଷ୍ପତ୍ତିରେ ନିରପେକ୍ଷତାର ସାମାନ୍ୟ ଚିହ୍ନ ମଧ୍ୟ ଦୃଶ୍ୟମାନ ହେଉନଥିଲା ।

ସଚେତନ ନାଗରିକ ତଥା ରାଜନୈତିକ ବିଶ୍ଳେଷଣ ଆଲୋଚନା କରନ୍ତି ଯେ, ନିକଟରେ ଶେଷ ହୋଇଥିବା SIR ପ୍ରକ୍ରିୟା ଆଗାମୀ ପଞ୍ଚାୟତରାଜ ଅନୁଷ୍ଠାନ ନିର୍ବାଚନ (ପି.ଆର୍.ଆଇ) ଏବଂ ସ୍ଥାନୀୟ ସହରାଞ୍ଚଳ ନିର୍ବାଚନକୁ (ପୌର ନିର୍ବାଚନ-୨୦୨୭) ଦୃଷ୍ଟିରେ ରଖି କରାଯାଇଛି (ଯେଉଁଥିରେଭାରତର ନିର୍ବାଚନ କମିଶନରଙ୍କ ସର୍ବଶେଷ ଭୋଟର ତାଲିକା ଆଧାରରେ ୱାର୍ଡ-ୱାରୀ ଭାବେ ଭୋଟର ତାଲିକା ପ୍ରସ୍ତୁତ ଓ ବିଭକ୍ତ କରାଯାଏ) ଏହାର ଲକ୍ଷ୍ୟ ବିରୋଧୀ ଦଳଗୁଡ଼ିକର ଗଡ଼ ବା ପ୍ରଭାବଶାଳୀ ଅଞ୍ଚଳରୁ ଭୋଟରଙ୍କ ନାମ ହଟାଇବା । ଏହା ବ୍ୟତୀତ, ଆଉ ଗୋଟିଏ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି ଯେ ଯେତେବେଳେ ଓଡ଼ିଶାରେ 'ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଯୋଜନା'ର ହିତାଧିକାରୀଙ୍କ ସଂଖ୍ୟା ୩.୨୨ କୋଟି ରହିଛି, ସେତେବେଳେ SIR ପରେ ଚୂଡ଼ାନ୍ତ ଭୋଟର ତାଲିକାରେ ଭୋଟରଙ୍କ ସଂଖ୍ୟା ମାତ୍ର ୩.୧୬ କୋଟିରେ ସୀମିତ ରହିଛି । ଏହାକୁ ନିର୍ବାଚନ ଆୟୋଗଙ୍କ ଗରିବ-ବିରୋଧୀ ମନୋଭାବ ସ୍ପଷ୍ଟ ପ୍ରତିପାଦିତ ।

ଗଣତନ୍ତ୍ର ଲୋକଙ୍କର, ଲୋକଙ୍କ ଦ୍ୱାରା ଏବଂ ଲୋକଙ୍କ ପାଇଁ ବୋଲି କୁହାଯାଏ କିନ୍ତୁ ଲକ୍ଷ ଲକ୍ଷ ଭୋଟରଙ୍କ ନାମ ବାଦ୍ ଦିଆଯିବା ଘଟଣା ଓଡ଼ିଶାର ରାଜନୈତିକ ପରିବେଶକୁ ବଦଳାଇବା ପାଇଁ ଏକ ଉଦ୍ଦେଶ୍ୟମୂଳକ ପ୍ରୟାସ ବୋଲି ଅଭିଯୋଗ କରାଯାଉଛି ।

ବିରୋଧୀ ଦଳ ଅଭିଯୋଗ କରନ୍ତି ଯେ ଏହି ବ୍ୟାପକ ଗଡ଼ବଡ଼ ରାଜନୈତିକ ସ୍ୱାର୍ଥ ଦ୍ୱାରା ପ୍ରେରିତ । ମୃତ, ଡୁପ୍ଲିକେଟ୍ କିମ୍ବା ସ୍ଥାନାନ୍ତରିତ ଭାବରେ ଭୁଲ ଭାବରେ ଚିହ୍ନଟ ହୋଇଥିବା ଭୋଟରଙ୍କ ପାଇଁ ଅଭିଯୋଗ ସମାଧାନ ପ୍ରକ୍ରିୟା ସମ୍ପର୍କରେ ସ୍ୱଚ୍ଛତାର ଅଭାବ ପରିଲକ୍ଷିତ ହୁଏ । ଉଲ୍ଲେଖଯୋଗ୍ୟ ଯେ, ଭୋଟର ତାଲିକା କେବଳ ଏକ ତାଲିକା ନୁହେଁ ଏହା ମତଦାନର ମୌଳିକ ଅଧିକାରର ସନନ୍ଦ । ଆମ ଗଣତନ୍ତ୍ରର ଭବିଷ୍ୟତ ଏହା ସହିତ ଜଡ଼ିତ ।

ସଚେତନ ନାଗରିକମାନେ ଏ ସଂପର୍କରେ ସିଇଓ, ଓଡ଼ିଶା ଏବଂ ଭାରତର ନିର୍ବାଚନ କମିଶନଙ୍କ ଠାରୁ ପ୍ରତିକ୍ରିୟା ଆଶାକରିବା ନିହାତି ଆବଶ୍ୟକ, କାରଣ ଭୋଟ ଅଧିକାର ଆମର ଜନ୍ମଗତ ଅଧିକାର ଚୂଡ଼ାନ୍ତ ଭୋଟର ତାଲିକାରୁ ବାଦ ଦିଆଯାଇଥିବା ନାମଗୁଡ଼ିକର ଏକ ବିସ୍ତୃତ ତାଲିକା, ପୁନଃଯାଞ୍ଚ ପ୍ରକ୍ରିୟା ମାଧ୍ୟମରେ ବାଦ ପଡିଥିବା ଭୋଟରମାନଙ୍କୁ ଚୂଡ଼ାନ୍ତ ତାଲିକାରେ ସଂଯୋଗ ଏବଂ ଜ୍ଞାତସାରରେ ଅନ୍ୟକୁ ସୁହାଇଲା ଭଳି ଅସାଧୁ ସାମ୍ବିଧାନିକ କର୍ତ୍ତୃପକ୍ଷଙ୍କ ବିରୁଦ୍ଧରେ ସ୍ୱଚ୍ଛତା ସହିତ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରେ ।

ଚାପରେ ପଡ଼ି ଯୁବ ଭୋଟରମାନଙ୍କ ନାମ ଭୋଟର ତାଲିକାରେ ଭର୍ତ୍ତି କରିବା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରିବା ସଂପର୍କିତ ମୁଖ୍ୟ ନିର୍ବାଚନ କମିଶନଙ୍କ ସଦ୍ୟତମ ନିଷ୍ପତ୍ତି ଯୁବ ସମାଜକୁ କେତେଦୂର ସନ୍ତୁଷ୍ଟ କରିବ ତାହା ସମୟ କହିବ । ତା୨୬/୦୯/୨୦୨୬ରିଖ ନିର୍ବାଚନ କମିଶନଙ୍କ ବୈଠକରେ ଘୋଷିତ ପଦକ୍ଷେପଗୁଡ଼ିକ କେବଳ ପରିସ୍ଥିତିକୁ ନିୟନ୍ତ୍ରଣ କରିବା ଉଦ୍ୟମ ନା ସେଥିରେ ଆନ୍ତରିକତା ଅଛି ତାହା ଆଗାମୀ ଦିନରେ ଜଣାପଡ଼ିବ । କିନ୍ତୁ ମୁଖ୍ୟ ନିର୍ବାଚନ କମିଶନରଙ୍କ ବିରୋଧରେ ସାରା ଦେଶରେ ଚାଲିଥିବା ବିକ୍ଷୋଭ ଏହି ସାମ୍ବିଧାନିକ ଅନୁଷ୍ଠାନର ଗାରିମାକୁ ବହୁ ପରିମାଣରେ କ୍ଷୁର୍ଣ୍ଣ କରିସାରିଲାଣି, ଯାହାର ପୁନରଦ୍ଧାର ସମୟ ସାପେକ୍ଷ ।

**ପୂର୍ବତନ ଓଡ଼ିଶା ପ୍ରଶାସନିକ ସେବା ଅଧିକାରୀ**

# ଗ୍ରାମ୍ୟ ଜୀବନରେ ଭାଗବତ ଟୁଙ୍ଗୀ



**ପ୍ରଭାକର ସାହୁ**

ଓଡ଼ିଶାର ସାଂସ୍କୃତିକ ଜୀବନରେ ଭାଗବତ ଟୁଙ୍ଗୀ ଏକ ଅନନ୍ୟ ଅନୁଷ୍ଠାନ । ଏହା କେବଳ ଭାଗବତ ପାଠର ଏକ ସ୍ଥାନ ନୁହେଁ ଏହା ଥିଲା ଗାଁର ଆତ୍ମା, ସାମୂହିକ ଚେତନାର କେନ୍ଦ୍ର ଏବଂ ନୈତିକ ଜୀବନର ଏକ ନିରବ ପାଠଶାଳା । ଆଧୁନିକ ଗଣମାଧ୍ୟମ, ସାମୁଦାୟିକ କେନ୍ଦ୍ର କିମ୍ବା ଔପଚାରିକ ସ୍ଥାନୀୟ ଶାସନ ବ୍ୟବସ୍ଥା ଆସିବାର ବହୁ ପୂର୍ବରୁ ଭାଗବତ ଟୁଙ୍ଗୀ ଓଡ଼ିଆ ଗ୍ରାମ୍ୟ ଜୀବନର ଏକ ପ୍ରମୁଖ ମିଳନସ୍ଥଳ ଭାବେ ନିଜର ସ୍ୱତନ୍ତ୍ର ପରିଚୟ ଗଢ଼ିଥିଲା ।

ସାଧାରଣତଃ ଗାଁର ମଧ୍ୟଭାଗରେ, କୌଣସି ଚଉମୁହାଣୀ ନିକଟରେ କିମ୍ବା ବିଶାଳ ବରଗଛ ତଳେ ଟୁଙ୍ଗୀ ନିର୍ମାଣ କରାଯାଉଥିଲା । ଏହାର ନିର୍ମାଣରେ ଗ୍ରାମବାସୀଙ୍କ ଶ୍ରମ, ସହଯୋଗ ଓ ସାମୂହିକ ଅବଦାନ ରହୁଥିଲା । ସରଳ ମାଟି କାନ୍ଥ, ଚାଳ କିମ୍ବା ଟାଇଲ୍ ଛାତ ଏବଂ ଏକ ଉଚ୍ଚ ପିଣ୍ଡି-ଏହି ସରଳ ପରିବେଶ ମଧ୍ୟରେ ଥିଲା ଗଭୀର ସାମାଜିକ ମୂଲ୍ୟବୋଧ । ଭିତରେ ଏକ ଉଚ୍ଚ ଆସନ ଉପରେ ଶୋଭା ପାଉଥିଲା ଅତିବଡ଼ୀ ଜଗନ୍ନାଥ ଦାସଙ୍କ ରଚିତ ଓଡ଼ିଆ ଭାଗବତ । ପାଖରେ ଜଳୁଥିବା ମାଟି ଦୀପଟି ଅଜ୍ଞାନର ଅନ୍ଧକାର ଦୂର କରି ଜ୍ଞାନର ଆଲୋକ ଜାଳି ରଖିବାର ଏକ ପ୍ରତୀକ ଥିଲା ।

ଭାଗବତ ଟୁଙ୍ଗୀର ମହତ୍ତ୍ୱ ବୁଝିବା ପାଇଁ ଅତିବଡ଼ୀ ଜଗନ୍ନାଥ ଦାସଙ୍କ ଓଡ଼ିଆ ଭାଗବତର ପ୍ରଭାବକୁ ବୁଝିବା ଆବଶ୍ୟକ । ଏକ ସମୟରେ ଧାର୍ମିକ ଓ ଦାର୍ଶନିକ ଜ୍ଞାନର ବହୁ ଅଂଶ ସଂସ୍କୃତ ଭାଷାରେ ସୀମିତ ଥିଲା । ଜଗନ୍ନାଥ ଦାସ ତାହାକୁ ସରଳ ଓଡ଼ିଆ ଭାଷାରେ ଲୋକମାନଙ୍କ ନିକଟରେ ପହଞ୍ଚାଇଥିଲେ । ଫଳରେ ଭାଗବତ କେବଳ ଲୋକଙ୍କର ଗ୍ରନ୍ଥ ହୋଇ ରହିଲା ନାହିଁ ଏହା ଓଡ଼ିଆ ଜନଜୀବନର ଏକ ଲୋକପ୍ରିୟ ଧର୍ମଗ୍ରନ୍ଥରେ ପରିଣତ ହେଲା । ଚାଷୀ, ବୁଣାକାର, କାରିଗର ଓ ଶ୍ରମଜୀବୀ-ବିଭିନ୍ନ ବର୍ଗର ଲୋକେ ନିଜ ଭାଷାରେ ଧର୍ମ, ନୀତି, ଭକ୍ତି ଓ ଜୀବନଦର୍ଶନର କଥା ଶୁଣିବାର ସୁଯୋଗ ପାଇଲେ ।

**ଭାଗବତର ନୈତିକ ମୂଲ୍ୟବୋଧ ସତ୍ୟ, ନ୍ୟାୟ ଓ ସଂଯମର ପରିବେଶ ସୃଷ୍ଟି କରୁଥିଲା । ନିଷ୍ପତ୍ତିର ଆଧାର ଥିଲା ସାମୂହିକ ସହମତି ଓ ସାମାଜିକ ଦାୟିତ୍ୱ ।**

ସନ୍ଧ୍ୟା ହେଲେ ଗ୍ରାମର ଦୈନନ୍ଦିନ କର୍ମବ୍ୟସ୍ତତା ଧୀରେ ଧୀରେ ଥମି ଯାଉଥିଲା । ଲୋକେ ନିଜ ନିଜ କାମ ସାରି ଟୁଙ୍ଗୀ ଆଡ଼କୁ ଆସୁଥିଲେ । ପାଦ ଧୋଇ ପବିତ୍ର ସ୍ଥାନକୁ ପ୍ରବେଶ କରିବା, ଭାଗବତ ପ୍ରତି ଶ୍ରଦ୍ଧା ଜଣାଇବା ଏବଂ ଏକାଠି ବସି ପାଠ ଶୁଣିବା ଥିଲା ଏକ ସାମୂହିକ ଅଭ୍ୟାସ । ଭାଗବତ ପାଠକ ଲୟବଦ୍ଧ ଭାବରେ ପାଠ କରୁଥିଲେ ଏବଂ ତାହାର ଅର୍ଥ ଓ ମର୍ମ ଆଲୋଚନା ମାଧ୍ୟମରେ ଭକ୍ତି, ସତ୍ୟ, ନୀତି, କର୍ତ୍ତବ୍ୟ ଓ ମାନବିକତାର ଶିକ୍ଷା ଲୋକମନରେ ଗଭୀର ଭାବେ ପ୍ରତିଷ୍ଠିତ ହେଉଥିଲା ।

ଭାଗବତ ଟୁଙ୍ଗୀର ଭୂମିକା କେବଳ ଆଧ୍ୟାତ୍ମିକତା ମଧ୍ୟରେ ସୀମିତ ନଥିଲା । ଏହା ଗ୍ରାମ୍ୟ ସମାଜର ଏକ ଅନୌପଚାରିକ ସାମୂହିକ ଆଲୋଚନା ଓ ସମାଧାନର କେନ୍ଦ୍ର ମଧ୍ୟ ଥିଲା । ଜମିଜମା ସୀମା ବିବାଦ, ପାରିବାରିକ ମତଭେଦ କିମ୍ବା ସାମୂହିକ ସମ୍ପଦକୁ ନେଇ ସୃଷ୍ଟି ହେଉଥିବା ବିବାଦରେ ଗ୍ରାମର ବୟୋଜ୍ୟେଷ୍ଠ ଓ ମାନ୍ୟଗଣ୍ୟ ବ୍ୟକ୍ତିମାନେ ଏଠାରେ ବସି ଆଲୋଚନା କରୁଥିଲେ । ଭାଗବତର ନୈତିକ ମୂଲ୍ୟବୋଧ ସତ୍ୟ, ନ୍ୟାୟ ଓ ସଂଯମର ପରିବେଶ ସୃଷ୍ଟି କରୁଥିଲା । ନିଷ୍ପତ୍ତିର ଆଧାର ଥିଲା ସାମୂହିକ ସହମତି ଓ ସାମାଜିକ ଦାୟିତ୍ୱ ।

ଏହି ଟୁଙ୍ଗୀ ଥିଲା ଗ୍ରାମ୍ୟ ଶିକ୍ଷା ଓ ଲୋକକଳାର ମଧ୍ୟ ଏକ ପ୍ରମୁଖ ଆଶ୍ରୟସ୍ଥଳ । ଛୋଟ ପିଲାମାନେ ଭାଗବତର ପଦ ଓ ପାଠ ମାଧ୍ୟମରେ ଅକ୍ଷରଜ୍ଞାନ ଓ ଭାଷା ଶିଖୁଥିଲେ । ଟୁଙ୍ଗୀର ପରିସରରେ ପାଲା, ଦାସକାଠିଆ ଓ ସଙ୍କୀର୍ତ୍ତନ ଭଳି ଲୋକକଳାର ଆସର ବସୁଥିଲା । ଏଗୁଡ଼ିକ କେବଳ ମନୋରଞ୍ଜନର ମାଧ୍ୟମ ନଥିଲା, ଏହା ଥିଲା ଲୋକସ୍ମୃତି, ନୈତିକ ଶିକ୍ଷା ଓ ସାଂସ୍କୃତିକ ପରିଚୟକୁ ପିଢ଼ିରୁ ପିଢ଼ିକୁ ନେଇଯିବାର ଜୀବନ୍ତ ମାଧ୍ୟମ ।

ଭାଗବତର ଏକ ପ୍ରସିଦ୍ଧ ପଂକ୍ତି-'ଅକର୍ମରେ ବାସୁଦେବ ପ୍ରୀତି, କର୍ମେ ପ୍ରାଣୀ ନାଶ ଯାନ୍ତି'- ମାନବ ଜୀବନରେ କର୍ମ, ନିଷ୍ଠା ଓ ଦାୟିତ୍ୱର ଗୁରୁତ୍ୱକୁ ସ୍ମରଣ କରାଏ । ଟୁଙ୍ଗୀରେ ହେଉଥିବା ଭାଗବତ ପାଠ ଓ ଆଲୋଚନା ଏହିଭଳି ଶିକ୍ଷାକୁ କେବଳ ଶୁଣିବାରେ ସୀମିତ ରଖୁନଥିଲା, ଦୈନନ୍ଦିନ ଜୀବନରେ ତାହାକୁ ପ୍ରୟୋଗ କରିବାର ପ୍ରେରଣା ଦେଉଥିଲା ।

ସମୟ ବଦଳିଛି । ସହରୀକରଣ, ଚାକିରି ପାଇଁ ଗ୍ରାମରୁ ସ୍ଥାନାନ୍ତରଣ, ଜୀବନଶୈଳୀର ପରିବର୍ତ୍ତନ ଏବଂ ଆଧୁନିକ ମନୋରଞ୍ଜନର ବିସ୍ତାର ସହିତ ଅନେକ ସ୍ଥାନରେ ଟୁଙ୍ଗୀକେନ୍ଦ୍ରିକ ସନ୍ଧ୍ୟାକାଳୀନ ସାମୂହିକ ଜୀବନ ଧୀରେ ଧୀରେ କ୍ଷୀଣ ହୋଇଯାଇଛି । କେଉଁଠି ଟୁଙ୍ଗୀର ଘର ଜରାଜୀର୍ଣ୍ଣ ହୋଇଛି, କେଉଁଠି ପାଠର ପରମ୍ପରା ଦୁର୍ବଳ ହୋଇଛି । ତଥାପି ଏହାର ମୂଳ ଚେତନା ଆଜି ମଧ୍ୟ ପ୍ରାସଙ୍ଗିକ ।

ଆଜି ଯେତେବେଳେ ସାମାଜିକ ସମ୍ପର୍କ ଅନେକ କ୍ଷେତ୍ରରେ ଦୂରତାର ସମ୍ମୁଖୀନ, ସେତେବେଳେ ଭାଗବତ ଟୁଙ୍ଗୀ ଆମକୁ ସାମୂହିକ ଜୀବନର ମୂଲ୍ୟ ସ୍ମରଣ କରାଏ । ଏହା ଶିଖାଏ-ଗୋଟିଏ ସମାଜ କେବଳ ରାସ୍ତା, ଘର, ବଜାର ଓ ଭୌତିକ ବିକାଶରେ ଗଢ଼ିଉଠେ ନାହିଁ ତାହାର ପ୍ରକୃତ ଶକ୍ତି ରହିଥାଏ ପରସ୍ପର ସହଯୋଗ, ନୈତିକତା, ସହାନୁଭୂତି, ସଂଳାପ ଓ ସାମୂହିକ ଦାୟିତ୍ୱରେ । ତେଣୁ ଭାଗବତ ଟୁଙ୍ଗୀର ସୁରକ୍ଷା କେବଳ ଏକ ପୁରୁଣା ସ୍ଥାପତ୍ୟ କିମ୍ବା ପରମ୍ପରାକୁ ସଂରକ୍ଷଣ କରିବା ପାଇଁ ନୁହେଁ । ଏହା ଓଡ଼ିଆ ସମାଜର ଏକ ଜୀବନ୍ତ ସାଂସ୍କୃତିକ ସ୍ମୃତି, ଏକ ସାମୂହିକ ଜୀବନଦର୍ଶନ ଏବଂ ମଣିଷକୁ ମଣିଷ ସହ ଯୋଡ଼ି ରଖିଥିବା ମୂଲ୍ୟବୋଧକୁ ସୁରକ୍ଷିତ ରଖିବା । ଦୀପଶିଖାର ସେହି ମୃଦୁ ଆଲୋକ ଆଜି ମଧ୍ୟ ଆମକୁ ମନେ ପକାଏ-ଜ୍ଞାନ ବାଣ୍ଟିଲେ ବଢ଼େ, ସଂଳାପରେ ସମାଜ ଯୋଡ଼ିହୁଏ ଏବଂ ସାମୂହିକ ମୂଲ୍ୟବୋଧରେ ହିଁ ଏକ ସମାଜର ଆତ୍ମା ଜୀବନ୍ତ ରହେ ।

**ମୋ-୯୪୩୯୬୫୪୨୨୨**

# ହନୁମାନ ଚାଳିଶା ପାଠର ଉପକାରିତା

**ଜ୍ୟୋତ୍ସ୍ନା ମହାପାତ୍ର**

ହିନ୍ଦୁଧର୍ମରେ ହନୁମାନଙ୍କୁ ପ୍ରଭୁ ଶିବଙ୍କର ଅବତାର ଭାବେ ପୂଜା କରାଯାଏ । ବିଶ୍ୱାସ କରାଯାଏ ଯେ ହନୁମାନଙ୍କୁ ପୂଜା କରୁଥିବା ବ୍ୟକ୍ତିର ବିଘ୍ନ ବିନାଶ ହେବା ସହ ସର୍ବଦା ମଙ୍ଗଳ ହୋଇଥାଏ । ହନୁମାନଙ୍କ ଭକ୍ତମାନଙ୍କୁ ଶନିଦେବଙ୍କ କୋପରୁ ମଧ୍ୟ ରକ୍ଷା ମିଳେ ବୋଲି କୁହା ଯାଇଥାଏ ।

ସେହିଭଳି ଭକ୍ତି ଓ ଶ୍ରଦ୍ଧାର ସହିତ ନିୟମିତ ଭାବେ ହନୁମାନ ଚାଳିଶା ପାଠ କରିବା ଦ୍ୱାରା ବ୍ୟକ୍ତି ରାମ ଭଗବାନଙ୍କ କୃପା ଲାଭ କରିଥାଏ । ତା ଜୀବନରୁ ସମସ୍ତ ପ୍ରକାର ଦୁଃଖ, କଷ୍ଟ ତଥା ବାଧାବିଘ୍ନ ଦୂର ହୋଇଥାଏ । ଏହା ସହ ସତ୍‌ମାର୍ଗରେ ପରିଚାଳିତ ହେବାପାଇଁ ବ୍ୟକ୍ତି ପ୍ରେରଣା ପାଇଥାଏ । ସେହିଭଳି ହନୁମାନ ଚାଳିଶା ପାଠ କରିବା ଦ୍ୱାରା ଯଶ, ଖ୍ୟାତି ମଧ୍ୟ ଅର୍ଜନ ହୁଏ । ବ୍ୟକ୍ତି ବୁଦ୍ଧି ଓ ଜ୍ଞାନ ଲାଭ କରେ । ମନରୁ ଶତ୍ରୁ ତଥା ସର୍ପ ଭୟ ଦୂର ହୁଏ । ଉତ୍ତମ ସ୍ୱାସ୍ଥ୍ୟ ଲାଭ ହୋଇଥାଏ । ସମସ୍ତ ପ୍ରକାର ନକାରାତ୍ମକ ଶକ୍ତିର ପ୍ରଭାବରୁ ରକ୍ଷା ମିଳିଥାଏ । ନିତିଦିନି ଜୀବନରେ ହନୁମାନ ଚାଳିଶାର ସ୍ଥାନ ସ୍ୱତନ୍ତ୍ର ଓ ସ୍ମରଣୀୟ । ଘରେ ଘରେ ପ୍ରାୟ ସମସ୍ତେ ହୁନମାନ ଚାଳିଶା ପାଠ କରିଥାନ୍ତି । ସେହିଭଳି ନିୟମିତ ଆଧ୍ୟାତ୍ମିକ ପାଠ ଭିତରେ ପର୍ଯ୍ୟାୟକ୍ରମେ 'ରାମଙ୍କ ସ୍ତୁତି', 'ଭାଗବତ', 'ରାମାୟଣ', 'ଶିରିଡି ସାଇ ସତ ଚରିତ', 'ଗୀତା', 'ବିଷ୍ଣୁ ପୁରାଣ' ପାଠ ମଧ୍ୟ କରାଯାଇଥାଏ । ପିଲାଦିନରୁ ଏ ସବୁ ଆଧ୍ୟାତ୍ମିକ ପୁସ୍ତକାବଳୀ ପଠନର ଶିକ୍ଷା ଦିଆଯାଇଥାଏ ।

ସେହିଭଳି ମନରୁ ଭୂତଭୟ ଦୂର ହୋଇଥାଏ । ତେବେ ନିୟମିତ ଏହି ଚାଳିଶା ପାଠ କରି ନପାରିଲେ ସପ୍ତାହକୁ ଥରେ ମଙ୍ଗଳବାର କିମ୍ବା ଶନିବାର ଦିନ ଏହାକୁ ପାଠ କରିବା ଦରକାର । ଏହି ଦୁଇ ଦିନ ପ୍ରତ୍ୟୁଷରୁ କିମ୍ବା ସୂର୍ଯ୍ୟାସ୍ତ ପରେ ହନୁମାନ ଚାଳିଶା ପଠନ କରାଯାଏ । ଏହାକୁ ୧୧ଥର ପଢ଼ିବାର ବିଧି ରହିଛି । ତେବେ ଏହାକୁ ୧୦୮ଥର ପାଠ କଲେ ମନୋସ୍କାମନା ପୂରଣ ହୋଇଥାଏ ବୋଲି ମଧ୍ୟ ବିଶ୍ୱାସ କରାଯାଏ ।

**ଚଣ୍ଡୀମନ୍ଦିର ମାର୍ଗ,**
**କଟକ-୧**

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଏସିଆଡ୍...

ଏହି ଐତିହାସିକ ବିଜୟର ନାୟିକା ହେଲେ ଲାଲରେମସିଆମି। ମ୍ୟାଚ୍ର ଦଶମ ମିନିଟ୍ରେ ତାଙ୍କ ଦୁର୍ଦ୍ଦାନ୍ତ ରିଭର୍ସ ହିଟ୍ ଚୀନ୍ର ଗୋଲ୍କିପରଙ୍କ ଛାତି ଭେଦି ଭାରତକୁ ୧-୦ର ଅଗ୍ରଣୀ ଦେଇଥିଲା। ଏହି ଗୋଲ୍ ତାଙ୍କ ୨୦୦ତମ ଅନ୍ତର୍ଜାତୀୟ ମ୍ୟାଚ୍କୁ ଆହୁରି ସ୍ମରଣୀୟ କରିଦେଇଥିଲା। କିନ୍ତୁ ଗୋଲ୍ ପରେ ଭାରତ ପାଇଁ ଆରମ୍ଭ ହୋଇଥିଲା ଅସଲ ପରୀକ୍ଷା। ଚୀନ୍ ବାରମ୍ବାର ଭାରତୀୟ ସର୍କଲକୁ ପ୍ରବେଶ କରି ଚାପ ସୃଷ୍ଟି କରିଥିଲା। ଦ୍ୱିତୀୟ କ୍ୱାର୍ଟରରେ ଚୀନ୍କୁ ପେନାଲ୍ଟି ଷ୍ଟ୍ରୋକ୍ ମିଳିବା ପରେ ମ୍ୟାଚ୍ର ଗତିପଥ ବଦଳିଯିବା ଭଳି ଲାଗିଥିଲା। କିନ୍ତୁ ଗୋଲ୍ପୋଷ୍ଟ ତଳେ ଭାରତର ପ୍ରାଚୀର ଭଳି ଛିଡ଼ା ହୋଇଥିଲେ ସବିତା ପୁନିଆ। ଚୀନ୍ର ଜାଙ୍ଗ ୟିଙ୍ଗ୍ଙ୍କ ଶଟ୍କୁ ବାମପଟକୁ ଡାଇଭ୍ କରି ସବିତା ଚମତ୍କାର ଭାବେ ରୋକିଦେଇଥିଲେ। ଏହା ପରେ ମ୍ୟାଚ୍ ଆହୁରି ରୋମାଞ୍ଚକର ହୋଇଥିଲା। ତୃତୀୟ ଓ ଚତୁର୍ଥ କ୍ୱାର୍ଟରରେ ଚୀନ୍ ଲଗାତାର ଆକ୍ରମଣ କରିଥିଲା। ଭାରତୀୟ ଡିଫେନ୍ସକୁ ବାରମ୍ବାର ବ୍ଲକ୍, ଟ୍ୟାକଲ ଓ କ୍ଲିୟରାନ୍ସ କରିବାକୁ ପଡ଼ିଥିଲା। ତଥାପି ଦଳର ରକ୍ଷଣଭାଗ ଏଥିପାଇଁ ମଧ୍ୟ ଧୈର୍ଯ୍ୟ ହରାଇନଥିଲା। ସାଲିମା ଟେଟେଙ୍କ ସମେତ ଭାରତୀୟ ଖେଳାଳିମାନେ ଚୀନ୍ର ଆକ୍ରମଣକୁ ନିଷ୍ଫଳ କରିଥିଲେ।

ଶେଷ କିଛି ମିନିଟ୍ରେ ଚୀନ୍ ଗୋଲକିପର୍ଙ୍କୁ ବାହାର କରି ଅତିରିକ୍ତ ଆଉଟ୍ଫିଲ୍ଡ ଖେଳାଳିଙ୍କୁ ନେଇ ଆକ୍ରମଣ ବଢ଼ାଇଥିଲା। ତଥାପି ଭାରତୀୟ ଦଳର ସଂଯମ ଭାଙ୍ଗିନଥିଲା। ଶେଷ ସିଟି ବାଜିବା ସହ ଭାରତୀୟ ଖେଳାଳିମାନେ ଉତ୍ସବରେ ମାତିଥିଲେ। ୪୪ ବର୍ଷର ଅପେକ୍ଷା ଶେଷ ହୋଇଥିଲା। ଭାରତ ଏହା ପୂର୍ବରୁ ୧୯୮୨ ନୂଆଦିଲ୍ଲୀ ଏସିଆନ୍ ଗେମ୍ସରେ ମହିଳା ହକିରେ ସ୍ୱର୍ଣ୍ଣ ଜିତିଥିଲା। ପରବର୍ତ୍ତୀ ସମୟରେ ୧୯୯୮ ଓ ୨୦୧୮ରେ ଭାରତ ଫାଇନାଲରେ ପହଞ୍ଚିଥିଲେ ମଧ୍ୟ ରୌପ୍ୟରେ ସନ୍ତୁଷ୍ଟ ହୋଇଥିଲା। ୨୦୨୬ରେ ଚୀନ୍କୁ ହରାଇ ମିଳିଥିବା ଏହି ସ୍ୱର୍ଣ୍ଣ ଭାରତୀୟ ମହିଳା ହକିର ଇତିହାସର ଦ୍ୱିତୀୟ ସ୍ୱର୍ଣ୍ଣ। ଏହି ବିଜୟ କେବଳ ଏକ ପଦକ ନୁହେଁ, ଏହା ଭାରତୀୟ ମହିଳା ହକିର ଦୀର୍ଘ ପ୍ରତୀକ୍ଷାର ଉତ୍ତର, ଏକ ପିଢ଼ିର ସ୍ୱପ୍ନର ପୂରଣ ଏବଂ ଆଗାମୀ ଅଲିମ୍ପିକ ଅଭିଯାନ ପାଇଁ ଏକ ନୂଆ ପ୍ରେରଣା। ଏସିଆଡ୍ ସୁନା ଜିତି ଭାରତୀୟ ମହିଳା ହକି ଏବେ ନୂଆ ଆତ୍ମବିଶ୍ୱାସ ସହ ୨୦୨୮ ଲସ୍ ଆଞ୍ଜେଲସ୍ ଅଲିମ୍ପିକ ଆଡ଼କୁ ଆଗେଇଛି।

### ଭାରତୀୟ...

ଭୁପେନ୍ଦ୍ର ଭାଇ, ଗୀତା ବହେନ୍ ଏବଂ ସୋନାଲ ବହେନ୍ଙ୍କୁ ନେଇ ପାଇଲଟଙ୍କ ପରିବାର ସଦସ୍ୟଙ୍କ ସହିତ ହୋଇଥିବା କଥାବାର୍ତ୍ତା ବେଶ୍ ଆନନ୍ଦଦାୟକ ଥିଲା ବୋଲି ପ୍ରଧାନମନ୍ତ୍ରୀ କହିଥିଲେ। ନିଜ ପୁଅକୁ ଗଭୀର ସାଂସ୍କୃତିକ ମୂଲ୍ୟବୋଧର ଶିକ୍ଷା ଦେଇଥିବାରୁ ଗୀତା ବହେନଙ୍କୁ ଶ୍ରୀ ମୋଦୀ ପ୍ରଶଂସା କରିଥିଲେ। ସେ ଭଗବଦ୍ ଗୀତାର ଶିକ୍ଷାକୁ ସମ୍ପୂର୍ଣ୍ଣ ଭାବେ ଆପଣାଇ ନେଇଛନ୍ତି ଏବଂ ନିଜ ଜୀବନରେ ତାହା ପାଳନ କରୁଛନ୍ତି ବୋଲି ପ୍ରଧାନମନ୍ତ୍ରୀ କହିଥିଲେ। ପ୍ରଧାନମନ୍ତ୍ରୀ କ୍ୟାପ୍ଟେନ୍ ସ୍ମିତଙ୍କ କଥା ଧ୍ୟାନର ସହକାରେ ଶୁଣିଥିଲେ। ପ୍ରଧାନମନ୍ତ୍ରୀଙ୍କୁ କ୍ୟାପ୍ଟେନ୍ ନିଜ ଜୀବନର ସବୁଠୁ ବଡ଼ ଆଦର୍ଶ ବୋଲି କହିଥିଲେ। ୧୭ ବର୍ଷର ଉଡ଼ାଣ ଅଭିଜ୍ଞତା ବିଷୟରେ ସେ ତାଙ୍କୁ ବିମାନଟି ତଳକୁ ଖସିପଡୁଥିବା ବିଷୟରେ ଅବଗତ କରାଇଥିଲେ। ସେ ସମ୍ପର୍କରେ କ୍ୟାପ୍ଟେନ୍ ସୂଚନା ଦେଇଥିଲେ। ପ୍ରଧାନମନ୍ତ୍ରୀ କଥାବାର୍ତ୍ତା ସମୟରେ ପାଇଲଟଙ୍କ ଠାରୁ ସେହି ଭୟଙ୍କର ମୁହୂର୍ତ୍ତର ବିବରଣୀ ବିଷୟରେ ଶୁଣିଥିଲେ ଯେତେବେଳେ କବାଟ ଖୋଲିବା ପାଇଁ ସେ ଶେଷ ଥର ଲାଗି କୋଡବାର ପ୍ରୟାସ କରିଥିଲେ। ଗମ୍ଭୀର ଭାବେ ଫସି ରହିବା ଓ ଆହତ ହେବା ସତ୍ତ୍ୱେ ଯାତ୍ରୀମାନଙ୍କୁ ମୃତ୍ୟୁମୁଖରୁ ବଞ୍ଚାଇବା ପାଇଁ ସେ ଦୃଢ଼ ସଂକଳ୍ପବଦ୍ଧ ଥିଲେ। ଜୀବନ ବଞ୍ଚାଇବା ପାଇଁ ସଂଘର୍ଷ କରୁଥିବା ସମୟରେ ହନୁମାନ ଚାଳିଶା ପାଠ କରି କ୍ୟାପଟେନ୍ ଯେଉଁ ଆଧ୍ୟାତ୍ମିକ ଶକ୍ତି ଲାଭ କରିଥିଲେ, ତା'ର ଶ୍ରୀ ମୋଦୀ ଉଚ୍ଚ ପ୍ରଶଂସା କରିଥିଲେ। ଏତେ ବଡ଼ ସଂଘର୍ଷର ସାମ୍ନା କରିବା ପରେ ପାଇଲଟ ଭାବପ୍ରବଣ ହୋଇପଡ଼ିବା ଏକ ସ୍ୱାଭାବିକ ପ୍ରତିକ୍ରିୟା ବୋଲି ସେ ସ୍ୱୀକାର କରିଥିଲେ। ଶ୍ରୀ ମୋଦୀ କହିଥିଲେ, "ଆପଣଙ୍କ ସାହସିକ କାର୍ଯ୍ୟ ଯୋଗୁଁ ସମଗ୍ର ବିଶ୍ୱ ଆପଣଙ୍କ ସହ କଥା ହେବାକୁ ଆଗ୍ରହୀ ହୋଇପଡ଼ିଛି ଏବଂ ଆପଣ ନିଜ ପରିବାର ଓ ଦେଶ ପାଇଁ ଗୌରବ ଆଣିଦେଇଛନ୍ତି।

### ଶେଷ...

ଯେ, ମହାତ୍ମା ଗାନ୍ଧୀ କେବଳ ଭାରତକୁ ସ୍ୱାଧୀନତା ଦେଇ ନଥିଲେ, ବରଂ ସାରା ବିଶ୍ୱକୁ ନୈତିକତା, ସତ୍ୟାଗ୍ରହ ଓ ଅସହଯୋଗ ପରି ଏକ ନୂତନ ଦିଗ୍ଦର୍ଶନ ଦେଇଥିଲେ। ସେ କହିଥିଲେ ଯେ ଗାନ୍ଧୀଜୀଙ୍କ ମୁଖ୍ୟ ସ୍ୱପ୍ନ ଥିଲା ସମାଜର ଶେଷ ଧାଡ଼ିରେ ଥିବା ବ୍ୟକ୍ତିଙ୍କ ସେବା କରିବା, ସ୍ୱଚ୍ଛତା ବଜାୟ ରଖିବା ଏବଂ ସ୍ୱଦେଶୀକୁ ଆପଣାଇବା। ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଗାନ୍ଧୀଜୀଙ୍କ ଏହି ସ୍ୱପ୍ନ ସାକାର ହେବାକୁ ଯାଉଛି।

ସ୍ୱଚ୍ଛତା ଆଜି ଦେଶରେ ଏକ ଜନ ଆନ୍ଦୋଳନରେ ପରିଣତ ହୋଇଥିବା ବେଳେ ସ୍ୱଦେଶୀ ମନ୍ତ୍ର 'ଆତ୍ମନିର୍ଭର ଭାରତ' ଗଠନରେ ବଳିଷ୍ଠ ସହାୟକ ହେଉଛି। ସମାଜର ଅନ୍ତିମ ବ୍ୟକ୍ତି ପାଖରେ ବିକାଶ ପହଞ୍ଚାଇବା ପାଇଁ ଆରମ୍ଭ କରାଯାଇଥିବା 'ଅନ୍ତ୍ୟୋଦୟ ଯୋଜନା' ମାଧ୍ୟମରେ ଗରିବ ଜନସାଧାରଣଙ୍କୁ ସଶକ୍ତ କରାଯାଉଛି।

ସେହିପରି ଶାନ୍ତିଦୂତ ଲାଲ୍ ବାହାଦୁର ଶାସ୍ତ୍ରୀଙ୍କ ସରଳ ଜୀବନ, ଉଚ୍ଚ ଚିନ୍ତାଧାରା ଏବଂ ସଚ୍ଚୋଟତା ସମଗ୍ର ସମାଜ ପାଇଁ ଏକ ଶ୍ରେଷ୍ଠ ନିଦର୍ଶନ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଶାସ୍ତ୍ରୀଜୀଙ୍କ ନିଃସ୍ୱାର୍ଥପର ଦେଶସେବା ଏବଂ ତାଙ୍କର 'ଜୟ ଜବାନ, ଜୟ କିଷାନ'ର ଓଜସ୍ୱୀ ଆହ୍ୱାନ ପ୍ରତ୍ୟେକ ଭାରତୀୟଙ୍କ ମଧ୍ୟରେ ନୂତନ ଉତ୍ସାହ ଓ ଶକ୍ତି ସଞ୍ଚାର କରିଥିଲା ବୋଲି ସେ କହିଥିଲେ।

ଗାନ୍ଧୀଜୀଙ୍କ ସତ୍ୟ ଓ ଅହିଂସା ଏବଂ ଶାସ୍ତ୍ରୀଜୀଙ୍କ କର୍ମନିଷ୍ଠା ଓ ଦେଶସେବାକୁ ଆଦର୍ଶ ରୂପେ ଗ୍ରହଣ କରି ଏକ ସମୃଦ୍ଧ ଓଡ଼ିଶା ତଥା ବିକଶିତ ଭାରତ ଗଠନ କରିବା ପାଇଁ ଆମର ନିରନ୍ତର ଉଦ୍ୟମ ଜାରି ରହିବ ବୋଲି ମୁଖ୍ୟମନ୍ତ୍ରୀ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

ଏହି ଅବସରରେ ସୂଚନା ଓ ଲୋକସମ୍ପର୍କ ବିଭାଗ ତରଫରୁ ସର୍ବଧର୍ମ ପ୍ରାର୍ଥନା ସଭା ଏବଂ ଗାନ୍ଧିଜୀଙ୍କ ପ୍ରିୟ ଭଜନ ରାମଧୂନ ପରିବେଷଣ କରାଯାଇଥିଲା। ବିଧାନସଭା ପରିସରରେ ଆୟୋଜିତ ପ୍ରାର୍ଥନା ସଭାରେ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ ଓ ବାଚସ୍ପତିଙ୍କ ସହିତ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ପୂର୍ତ୍ତ, ଆଇନ୍ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ମନ୍ତ୍ରୀ ଡ ମୁକେଶ ମହାଲିଙ୍ଗ, ଶାସକ ଦଳର ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ, ବିଧାୟକ ଏବଂ ଅନ୍ୟ ବରିଷ୍ଠ ନେତୃବୃନ୍ଦ ଉପସ୍ଥିତ ଥିଲେ। ଏହି ଅବସରରେ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ପ୍ରକାଶିତ 'ଉତ୍କଳ ପ୍ରସଙ୍ଗ', 'ଓଡ଼ିଶା ରିଭ୍ୟୁ' ଏବଂ ରାଜ୍ୟର ବିକାଶମୂଳକ ଯୋଜନା ଆଧାରିତ ମାସିକ ପତ୍ରିକା 'ପ୍ରଗତି ପ୍ରବାହ'ର ଅକ୍ଟୋବର ସଂସ୍କରଣ ଉନ୍ମୋଚନ, କରାଯାଇଥିଲା।

### ସିଇସିଙ୍କ...

କଂଗ୍ରେସ ପକ୍ଷରୁ ମଧ୍ୟ ପ୍ରତିବାଦ କାର୍ଯ୍ୟକ୍ରମ ଘୋଷଣା କରାଯାଇଛି। ଦିଲ୍ଲୀ ଆପ୍ ମୁଖ୍ୟ ସୌରଭ ଭରଦ୍ୱାଜ ଯନ୍ତରମନ୍ତରରେ ପହଞ୍ଚି ବିକ୍ଷୋଭକୁ ନାଗରିକଙ୍କ ଅଧିକାର ବୋଲି କହିଛନ୍ତି। ଶାନ୍ତିପୂର୍ଣ୍ଣ ଆନ୍ଦୋଳନ ପାଇଁ ଆପ୍ ୬ ଦିନ ପୂର୍ବରୁ ଅନୁମତି ଆବେଦନ କରିଥିଲା ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ, ନୂଆଦିଲ୍ଲୀ ଜିଲ୍ଲାରେ ଭାରତୀୟ ନାଗରିକ ସୁରକ୍ଷା ସଂହିତା (ବିଏନ୍ଏସ୍ଏସ୍)ର ଧାରା ୧୬୩ ଅନୁଯାୟୀ ନିଷେଧାଦେଶ ଜାରି ହୋଇଛି। ପୂର୍ବ ଲିଖିତ ଅନୁମତି ବିନା ୫ ଜଣ କିମ୍ବା ତଦୂର୍ଦ୍ଧ୍ୱ ବ୍ୟକ୍ତିଙ୍କ ସମାବେଶ, ଶୋଭାଯାତ୍ରା, ଧାରଣା, ସ୍ଲୋଗାନ ଓ ଭାଷଣ ଉପରେ କଟକଣା ଲଗାଯାଇଛି। ସୁରକ୍ଷା ଓ ଟ୍ରାଫିକ୍ ବ୍ୟବସ୍ଥା ସ୍ୱାଭାବିକ ରଖିବା ପାଇଁ ଯନ୍ତରମନ୍ତରକୁ ଯାଉଥିବା ଟଲଷ୍ଟୟ ମାର୍ଗ, ଜନପଥ ଓ ସଂସଦ ମାର୍ଗରେ ଏକାଧିକ ସ୍ତରର ବ୍ୟାରିକେଡ୍ ଲଗାଯାଇଛି। ଏଥିସହ ରାଜୀବ ଚୌକ, ସେଣ୍ଟ୍ରାଲ ସେକ୍ରେଟାରିଏଟ୍, ଜନପଥ, ପଟେଲ ଚୌକ, ସେବା ତୀର୍ଥ, ମଣ୍ଡି ହାଉସ୍, ଲୋକ କଲ୍ୟାଣ ମାର୍ଗ, ଆଇଏନ୍ଏ, ଚାୱଡ଼ି ବଜାର, ରାମକୃଷ୍ଣ ଆଶ୍ରମ ମାର୍ଗ ଓ ନୂଆଦିଲ୍ଲୀ ସମେତ ୧୧ଟି ମେଟ୍ରୋ ଷ୍ଟେସନର ପ୍ରବେଶ ଓ ପ୍ରସ୍ଥାନ ପଥ ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ବନ୍ଦ ରଖାଯାଇଛି।

ମୁମ୍ବାଇରେ ବିକ୍ଷୋଭ ପାଇଁ ପୁଲିସ ଅନୁମତି ନଦେବା ପ୍ରସଙ୍ଗରେ ସିଜେପି ପ୍ରତିଷ୍ଠାତା ଅଭିଜିତ ଦୀପକେ କହିଛନ୍ତି, ଜ୍ଞାନେଶ କୁମାର ଇସ୍ତଫା ଦେବା ସହ ତାଙ୍କ ବିରୋଧରେ ଅପରାଧିକ ମାମଲା ଚାଲିବା ଉଚିତ। ଜେଲ୍ ଯିବାକୁ ସେ ଭୟ କରୁନାହାନ୍ତି ଏବଂ ପୁଣି ପୁଣି ଆନ୍ଦୋଳନକୁ ଫେରିବେ ବୋଲି କହିଛନ୍ତି। ଜ୍ଞାନେଶ କୁମାର ଇସ୍ତଫା ନଦେଲେ ଅକ୍ଟୋବର ଶେଷ ଭାଗରୁ ଦିଲ୍ଲୀର ଯନ୍ତରମନ୍ତର ସମେତ ଦେଶବ୍ୟାପୀ ଆନ୍ଦୋଳନ କରାଯିବ ବୋଲି ସଂଗଠନ ଚେତାବନୀ ଦେଇଛି। ଅକ୍ଟୋବର ୬ରେ ବିରୋଧୀ ସାଂସଦମାନଙ୍କ ପ୍ରସ୍ତାବିତ ବିକ୍ଷୋଭରେ ସିଜେପି ସାମିଲ ହେବନାହିଁ ବୋଲି ଦୀପକେ ସ୍ପଷ୍ଟ କରିଛନ୍ତି। ସଂଗଠନ ଏକ ସ୍ୱାଧୀନ ଆନ୍ଦୋଳନ ଭାବେ କାର୍ଯ୍ୟ କରିବ ବୋଲି ସେ କହିଛନ୍ତି।

ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍ଆଇଆର୍)କୁ ନେଇ ଜ୍ଞାନେଶ କୁମାରଙ୍କ ବିରୋଧରେ ବିରୋଧୀ ଦଳ ଓ ସିଜେପି ଅସନ୍ତୋଷ ପ୍ରକାଶ କରିଆସୁଛନ୍ତି। ନିର୍ବାଚନ କମିଶନର ସୁଖବୀର ସିଂହ ସାନ୍ଧୁ ଓ ବିବେକ ଯୋଶୀ ଗତ ୧୦ ମାସ ମଧ୍ୟରେ ଅନ୍ତତଃ ୧୪ ଥର କେତେକ ନିଷ୍ପତ୍ତି ଓ ଆଦେଶ ଉପରେ ଆପତ୍ତି ଉଠାଇଥିବା ରିପୋର୍ଟ ପ୍ରକାଶ ପାଇଥିଲା। କେତେକ ନିଷ୍ପତ୍ତି ସେମାନଙ୍କ ଅଜାଣତରେ ନିଆଯାଇଥିବା ନେଇ ମଧ୍ୟ ଆପତ୍ତି ରହିଥିଲା। ତେବେ ଏହା ପରେ ନିର୍ବାଚନ କମିଶନ ସ୍ପଷ୍ଟ କରିଥିଲେ ଯେ ଏସ୍ଆଇଆର୍ ସମେତ ସମସ୍ତ ନିଷ୍ପତ୍ତି ତିନିଜଣିଆ କମିଶନଙ୍କ ସର୍ବସମ୍ମତିକ୍ରମେ ନିଆଯାଇଛି।

### ମହିଳା...

ଅନ୍ୟ ପକ୍ଷରେ କୋର୍ଟରେ ପୀଡିତାଙ୍କ ବୟାନ ରେକର୍ଡ କରାଯାଇଥିବା ବେଳେ ତାଙ୍କୁ ପୋଲିସ ଅଭିଯୁକ୍ତ ସମ୍ପର୍କରେ ଜାଣିବା ପାଇଁ ମାରାଥନ ପଚରାଉଚରା କରୁଛି। ନୟାପଲ୍ଲୀ ଯେଉଁ ଅଞ୍ଚଳରେ ପୀଡିତା ନିଜ ବଡଭଉଣୀଙ୍କ ସହ ଭଡାକୁ ରହୁଥିଲେ ସେହି ଅଞ୍ଚଳର ଆଖପାଖରେ ଥିବା ସିସି କ୍ୟାମେରାକୁ ତନ ତନ କରି ଯାଞ୍ଚ କରୁଛି ପୋଲିସ। ଅଭିଯୁକ୍ତ ମୁହଁରେ ମାସ୍କ ପିନ୍ଧିଥିବାରୁ ତା'ର ମୁହଁ କିପରି ପୀଡିତା କହିପାରି ନଥିବା ବେଳେ ତା'ର ଚେହେରା ଓ ପୋଷାକ ସମ୍ପର୍କରେ ପୋଲିସକୁ କହିଛି। ପୀଡିତାଙ୍କ ଚେହେରା ବର୍ଣ୍ଣନା ଅନୁଯାୟୀ ଅଭିଯୁକ୍ତ ଏହିପରି ହୋଇଥାଇପାରେ ବୋଲି ପୋଲିସ ଡିଆର୍ ପ୍ରସ୍ତୁତ କରି ତଦନ୍ତକୁ ଆଗକୁ ବଢାଇଛି। ବାସ୍ତବରେ ପୀଡିତା ତାଙ୍କୁ ଜାଣିଛନ୍ତି ନା ଜାଣିନାହାନ୍ତି ସେ ସମ୍ପର୍କରେ ପୋଲିସ ତଥ୍ୟ ସଂଗ୍ରହ କରିପାରି ନାହିଁ।

ଅପରାଧ ବିଶେଷଜ୍ଞଙ୍କ କହିବାନୁଯାୟୀ ଯେତେବେଳେ ସିସି କ୍ୟାମେରା ଓ ମୋବାଇଲ ଫୋନ୍ ନଥିଲା ସେତେବେଳେ ପୋଲିସ ଅପରାଧୀଙ୍କୁ ଗିରଫ କରିବାରେ ସମର୍ଥ ହେଉଥିଲା। ସେହିପରି ନୟାପଲ୍ଲୀ ଦୁଷ୍କର୍ମ ଘଟଣାରେ ଯଦି କ୍ୟାମେରାରୁ ତା'ର ଫଟୋ କିମ୍ବା ମୋବାଇଲ ନମ୍ବର ସଂଗ୍ରହ ହୋଇପାରୁନାହିଁ ତେବେ ଗିରଫ କରିବାରେ ସମସ୍ୟା ରହୁଛି କେଉଁଠି? ମୋବାଇଲ ଓ କ୍ୟାମେରା ନଥିବା ବେଳେ ପୋଲିସ ଅଭିଯୁକ୍ତଙ୍କୁ ନିର୍ଦ୍ଧାରିତ ସମୟରେ ଗିରଫ କରି ପୁରସ୍କୃତ ହେବାର ନଜିର ମଧ୍ୟ ରହିଛି। ପୋଲିସକୁ ମିଳିଥିବା ସୂଚନା ଅନୁଯାୟୀ ୩ ସ୍ୱତନ୍ତ୍ର ଟିମ୍ ଓ ସ୍ପେଶାଲ ସ୍କ୍ୱାଡ୍ ଛାନ୍ଭିନ୍ କରୁଛନ୍ତି। ହେଲେ ଦୁଇଦିନ ପରେ ମଧ୍ୟ ଅଭିଯୁକ୍ତ ସମ୍ପର୍କରେ ପୋଲିସ ସଠିକ୍ ତଥ୍ୟ ସଂଗ୍ରହ କରିପାରିନାହିଁ। ଏ ସମ୍ପର୍କରେ ପୋଲିସ ବରିଷ୍ଠ ଅଧିକାରୀମାନେ ମୁହଁ ଖୋଲିବାକୁ ଅନିଚ୍ଛା ପ୍ରକାଶ କରିଛନ୍ତି।

# ମହାତ୍ମା ଗାନ୍ଧୀ ଥିଲେ ଦେଶ ବିଭାଜନର ବିରୋଧୀ : କଂଗ୍ରେସ

ଭୁବନେଶ୍ୱର, (ସବ୍ୟୁ): ପବିତ୍ର ଗାନ୍ଧୀ ଜୟନ୍ତୀରେ ପିସିସି ସଭାପତି ଭକ୍ତ ଚରଣ ଦାସ ଜାତିର ପିତାଙ୍କ ପ୍ରତି ଭକ୍ତିପୂତ ଶ୍ରଦ୍ଧାଂଜଳି ଅର୍ପଣ କରିଛନ୍ତି। ଗାନ୍ଧୀ ମୈଦାନ ଓ କଂଗ୍ରେସ ଭବନସ୍ଥିତ ଗାନ୍ଧୀ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହ ସମବେତ ନେତା ଓ କର୍ମୀଙ୍କୁ ଉଦ୍ବୋଧନ ଦେଇ ଶ୍ରୀ ଦାସ କହିଛନ୍ତି, ""ଗାନ୍ଧୀ ଜୟନ୍ତୀର ଏହି ଶୁଭ ଅବସରରେ, ଆମେ ଯେତେବେଳେ ଜାତିର ପିତାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛୁ, ସେତେବେଳେ ସୋସିଆଲ ମିଡିଆରେ ବ୍ୟାପୁଥିବା ଭୁଲ ସୂଚନା ଏବଂ ବିକୃତ ଇତିହାସର ଆକ୍ରମଣରୁ ତାଙ୍କର ମହାନ ସ୍ମୃତି ଓ ଆଦର୍ଶକୁ ସୁରକ୍ଷିତ ରଖିବା ଆମର କର୍ତ୍ତବ୍ୟ। ଏଇ ତିନୋଟି ମିଛକୁ ସାମାଜିକ ଗଣମାଧ୍ୟମରେ ସଂଘ ପରିବାର ବିଶେଷ କରି ମୋଦୀ ସରକାରର ପ୍ରୋତ୍ସାହନରେ ୨୦୧୪ ପରଠାରୁ ଯୁବବର୍ଗ ମଧ୍ୟରେ ପ୍ରଚାର କରିଦିଆଯାଇଛି। ଏଭଳି ତିନୋଟି ବ୍ୟାପକ ଭ୍ରାନ୍ତ ଧାରଣା ବିଷୟରେ କିଛି ଐତିହାସିକ ସତ୍ୟ ଆମକୁ ଉପସ୍ଥାପନ କରି ସତ କ'ଣ ତାହା ଯୁବବର୍ଗର ମନରେ ପୂରାଇବାକୁ ହେବ।"

ସେ କହିଥିଲେ, ""ପ୍ରଥମଟି ହେଲା ଦେଶ ବିଭାଜନର ସତ୍ୟତା। ମହାତ୍ମା ଗାନ୍ଧୀ କେବେବି ଦେଶ ବିଭାଜନର ରୂପରେଖ ପ୍ରସ୍ତୁତ କରିନଥିଲେ ବରଂ ସେ ଏହାର ସବୁଠାରୁ ବଡ଼ ବିରୋଧୀ ଏବଂ ଏଥିପାଇଁ ଗଭୀର ମର୍ମାହତ ଥିଲେ। ଦେଶର ବିଭାଜନ ପାଇଁ ତାଙ୍କର ସମସ୍ତଙ୍କୁ ଆପଣେଇବାର ଧର୍ମନିରପେକ୍ଷ ଆଭିମୁଖ୍ୟକୁ ଦାୟୀ କରିବା ଇତିହାସର ଏକ ସମ୍ପୂର୍ଣ୍ଣ ବିକୃତି ଅଟେ। ଭାରତର ବିଭାଜନ ହେଉଛି ବ୍ରିଟିଶମାନଙ୍କର 'ଶାସନ କର ଓ ଭାଗ କର' (ଡିଭାଇଡ ଆଣ୍ଡ ରୁଲ) ନୀତି, ଜିନ୍ନାଙ୍କ ନେତୃତ୍ୱରେ ମୁସଲିମ ଲିଗ ଏବଂ ହିନ୍ଦୁ ମହାସଭାର କଠୋର ସାମ୍ପ୍ରଦାୟିକ ରାଜନୀତିର ଏକ ଦୁଃଖଦ ପରିଣାମ। ଗାନ୍ଧୀଜୀ କେବେବି 'ଦ୍ୱି-ଜାତି ତତ୍ତ୍ୱ'କୁ ଗ୍ରହଣ କରିନଥିଲେ। ଦିଲ୍ଲୀରେ ଯେତେବେଳେ ରାଜନୈତିକ ନେତାମାନେ କ୍ଷମତା ହସ୍ତାନ୍ତର ଓ ବିଭାଜନର ସର୍ତ୍ତାବଳୀ ଉପରେ ଆଲୋଚନା କରୁଥିଲେ, ଗାନ୍ଧୀଜୀ ସେତେବେଳେ କ୍ଷମତାର କରିଡରରେ ନଥିଲେ। ସେ ନୋଆଖାଲି ଏବଂ ବଙ୍ଗଳାର ଦଙ୍ଗାଗ୍ରସ୍ତ ଗାଁଗୁଡ଼ିକରେ ଖାଲି ପାଦରେ ଚାଲୁଥିଲେ, ନିଜ ଜୀବନକୁ ବାଜି ଲଗାଇ ସାମ୍ପ୍ରଦାୟିକ ହିଂସାର ନିଆଁକୁ ଲିଭାଉଥିଲେ ଏବଂ ଧର୍ମ ନିର୍ବିଶେଷରେ ନିରୀହ ଲୋକଙ୍କ ଜୀବନ ରକ୍ଷା କରୁଥିଲେ। ତାଙ୍କର ମାନବବାଦୀ ଆଭିମୁଖ୍ୟ କୌଣସି ତୋଷାମଦ ନଥିଲା ଏହା ଥିଲା ଭାରତୀୟ ବହୁବାଦର ପ୍ରକୃତ ସଂଜ୍ଞା।

ସେ କହିଥିଲେ, ""ଦ୍ୱିତୀୟ ଭ୍ରାନ୍ତି ହେଉଛି ପାକିସ୍ତାନକୁ ୫୫ କୋଟି ଟଙ୍କା ପ୍ରଦାନର। ପାକିସ୍ତାନର ପ୍ରାପ୍ୟ ନଗଦ ଅର୍ଥ ରାଶି ଛାଡ଼ିବାର ନିଷ୍ପତ୍ତି ଜାତୀୟ ସମ୍ମାନ ଏବଂ ଆଇନଗତ ବାଧ୍ୟତାମୂଳକ ବିଷୟ ଥିଲା, ଏହା କୌଣସି ଦୁର୍ବଳ ପଦକ୍ଷେପ ନଥିଲା। ବିଭାଜନ ଚୁକ୍ତିନାମା ଅନୁଯାୟୀ, ଅବିଭକ୍ତ ଭାରତର ସମ୍ପତ୍ତିର ଅଂଶ ସ୍ୱରୂପ ପାକିସ୍ତାନକୁ ମୋଟ ୭୫ କୋଟି ଟଙ୍କା ଆବଣ୍ଟନ କରାଯାଇଥିଲା, ଯେଉଁଥିରୁ ୨୦ କୋଟି ଟଙ୍କା ପୂର୍ବରୁ ଦିଆସରିଥିଲା। ଯେତେବେଳେ କାଶ୍ମୀରରେ ଯୁଦ୍ଧ ଆରମ୍ଭ ହେଲା, ଭାରତ ସରକାର ସାମୟିକ ଭାବେ ବାକି ୫୫ କୋଟି ଟଙ୍କା ଅଟକାଇ ଦେଇଥିଲେ। ଗାନ୍ଧୀଜୀ ଏହି ଟଙ୍କା ରିଲିଜ କରିବାକୁ ଦାବି କରି ଅନଶନ କରିଥିଲେ, କାରଣ ସେ ବିଶ୍ୱାସ କରୁଥିଲେ ଯେ ଏକ ନବଜାତ ଭାରତ ଅନ୍ତର୍ଜାତୀୟ ଚୁକ୍ତିନାମା ଉଲ୍ଲଂଘନ କରି ନିଜର ଯାତ୍ରା ଆରମ୍ଭ କରିବା ଉଚିତ ନୁହେଁ, ଯାହା ଆମର ବିଶ୍ୱସ୍ତରୀୟ ନୈତିକ ସ୍ଥିତିକୁ ନଷ୍ଟ କରିଦେବ।" ଶ୍ରୀ ଦାସ ଆହ୍ୱାନ କରି କହିଥିଲେ, ""ଏହାକୁ ଭାରତୀୟ ସଂସ୍କାର ଓ ମୂଲ୍ୟବୋଧର ଦୃଷ୍ଟିକୋଣରୁ ଦେଖନ୍ତୁ: ପରିବାର ଭାଗବଣ୍ଟା ଯେତେବେଳେ ଅପରିହାର୍ଯ୍ୟ ହୋଇଯାଏ, ସେତେବେଳେ କଣ ଏକ ବଡ଼ ଭାଇ ତା'ର ସାନ ଭାଇକୁ ସମ୍ପତ୍ତିର ଅଂଶ ଦେବାକୁ ମନା କରିଦିଏ କି? ଗାନ୍ଧୀଜୀ ଏହା ନିଶ୍ଚିତ କରିଥିଲେ ଯେ ଭାରତ ନିଜର ଉଚ୍ଚ ନୈତିକତା ବଜାୟ ରଖୁ, ଯାହା ପ୍ରମାଣିତ କଲା ଯେ ଆମ ଦେଶ ସବୁଠାରୁ କଠିନ ସଂଘର୍ଷ ସମୟରେ ମଧ୍ୟ ନିଜର କଥା ଏବଂ ପ୍ରତିଶ୍ରୁତିରେ ଦୃଢ଼ ଭାବରେ ଠିଆ ହୁଏ।

## ବିଜେଡି ପକ୍ଷରୁ ଜନସମ୍ପର୍କ ପଦଯାତ୍ରା ଶୁଭାରମ୍ଭ

ସମ୍ବଲପୁର,(ସବ୍ୟୁ): ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ଜୟନ୍ତୀ ଅବସରରେ ଜିଲ୍ଲା ବିଜେଡି ସଭାପତି ଇଂ ରୋହିତ ପୂଜାରୀଙ୍କ ଆହ୍ୱାନ କ୍ରମେ ବିଜୁ ଜନତା ଦଳ ପକ୍ଷରୁ ଜନସମ୍ପର୍କ ପଦଯାତ୍ରାର ଶୁଭାରମ୍ଭ ହୋଇଯାଇଛି। ସମ୍ବଲପୁର ମହାନଗର ବିଜେଡି ସଭାପତି ବସନ୍ତ ମିଶ୍ରଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମ ଭତରା ଗ୍ରାମର ପ୍ରବେଶ ଦ୍ୱାରରୁ ଆରମ୍ଭ ହୋଇ ଗାନ୍ଧୀ ମନ୍ଦିରରେ ସମାପ୍ତ ହୋଇଥିଲା। ରେଙ୍ଗାଲିର ବିଧାୟକ ସୁଦର୍ଶନ ହରିପାଲ ଅତିଥି ଭାବେ ଯୋଗ ଦେଇଥିଲେ। ଗାନ୍ଧି ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ସହ ପୂଜାର୍ଚ୍ଚନା କରାଯାଇଥିଲା। ସୂଚନାଯୋଗ୍ୟ, ପ୍ରତିବର୍ଷ ଗାନ୍ଧୀ ଜୟନ୍ତୀରୁ ନଭେମ୍ବର ୨ ପର୍ଯ୍ୟନ୍ତ ବିଜେଡି ପକ୍ଷରୁ ସାରା ଓଡିଶାରେ ଏହି ଜନସମ୍ପର୍କ ପଦଯାତ୍ରା ଆୟୋଜିତ ହୋଇଥାଏ। ଏଥିରେ ଆର୍ତ୍ତତ୍ରାଣ ମିଶ୍ର, ଅଶୋକ ସେନାପତି, ଗୋକୁଳ ମେହେର, ସୁରୁବାବୁ ମେହେର, ସତେ୍ୟନ୍ଦ୍ର ଦାସ, ଦେବାଶିଷ ପରିଡ଼ା, ଧର୍ମରାଜ ମରେଇ, ପ୍ରଦୋଷ ମହାନ୍ତି, ଉଷା ପ୍ରଧାନ, ବନ୍ଦିତା ମିଶ୍ର, ସଂଯୁକ୍ତା ମେହେର, ପ୍ରଫୁଲ୍ଲ ଦାସ, ବେଣୁଧର ଦାଶ, ଶାନ୍ତନୁ ବଡ଼ପଣ୍ଡା, ରୁଦ୍ର ଷଡ଼ଙ୍ଗୀ, ସୌରି ପାଣିଗ୍ରାହୀ, ପ୍ରହ୍ଲାଦ ଗୁରୁ, ମାନସ ମହାନ୍ତି, ସୁରେଖା ସାହୁଙ୍କ ସମେତ ଶତାଧିକ କର୍ମୀ ଉପସ୍ଥିତ ଥିଲେ।

## ଜିଲ୍ଲା କଂଗ୍ରେସ ପକ୍ଷରୁ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ

ସମ୍ବଲପୁର, (ସବ୍ୟୁ): ସମ୍ବଲପୁର ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟରେ ରାଷ୍ଟ୍ରପିତା ମହାତ୍ମା ଗାନ୍ଧୀ ଓ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲ ବାହାଦୁର ଶାସ୍ତ୍ରୀଙ୍କ ପବିତ୍ର ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ଜିଲ୍ଲା କଂଗ୍ରେସ ସଭାପତି ଇଂ. ଅମିତ ଗୁରୁଙ୍କ ନେତୃତ୍ୱରେ ଭତରା ସ୍ଥିତ ଗାନ୍ଧୀ ମନ୍ଦିରରେ ପୂଜାର୍ଚ୍ଚନା କରାଯାଇଥିଲା। ବରିଷ୍ଠ ନେତା ମାନେ ଉପସ୍ଥିତ ରହି ଉଭୟ ମହାପୁରୁଷଙ୍କ ସମ୍ପର୍କରେ ଆଲୋକପାତ କରିଥିଲେ। ଏଥିରେ ଆଇନଜୀବି ସୁରେଶ୍ୱର ମିଶ୍ର, କୈଳାଶ ବାରିକ, ନିରଞ୍ଜନ ତ୍ରିପାଠୀ, ଜୟଶଙ୍କର ମିଶ୍ର, ଗୋବିନ୍ଦ ମିଶ୍ର, ଦୀନବନ୍ଧୁ ପରିଡା, ଜିତେନ୍ ମହାନନ୍ଦ, ଅଶୋକ ପୁରୋହିତ, ରବି ରାଉତ, ଗିରିଜା ନାୟକ, ପ୍ରମୋଦ ଛୁରିଆ, ଚତୁର୍ଭୁଜ ଝଙ୍କାର, ସଞ୍ଜୟ ଛୁରିଆ, ଦିଲ୍ଲୀପ ଦୁରିଆ, ମୋହନ ସାହା ପ୍ରମୁଖ ଉପସ୍ଥିତ ଥିଲେ।

## ବିଜେବି କଲେଜ୍ର ପୂର୍ବତନ ଛାତ୍ରଛାତ୍ରୀଙ୍କ ୟୁଥ୍ ରିମେମ୍ବରିଂ ଗାନ୍ଧୀ କାର୍ଯ୍ୟକ୍ରମ



ଭୁବନେଶ୍ୱର (ସବ୍ୟୁ): ବିଜେବି କଲେଜ୍ର ପୂର୍ବତନ ଛାତ୍ରଛାତ୍ରୀଙ୍କ ସଂଗଠନ 'ବିଜେବି ଫ୍ରେଣ୍ଡସ୍ – ଆଲୁମିନି ଆସୋସିଏସନ୍ ଅଫ୍ ବିଜେବି କଲେଜ୍' ପକ୍ଷରୁ ଗାନ୍ଧୀ ଜୟନ୍ତୀ ଅବସରରେ ପ୍ରତିବର୍ଷ ଆୟୋଜିତ ହେଉଥିବା 'ୟୁଥ୍ ରିମେମ୍ବରିଂ ଗାନ୍ଧୀ' କାର୍ଯ୍ୟକ୍ରମର ପୁରସ୍କାର ସମାରୋହ ଆଜି ପୂର୍ବାହ୍ନ ୧୧ଟାରେ ବିଜେବି କଲେଜ୍, ଭୁବନେଶ୍ୱରର ମିନି ଅଡିଟୋରିୟମ୍ରେ ଅନୁଷ୍ଠିତ ହୋଇଯାଇଛି। ଏହା ମୁଖ୍ୟତଃ ୟୁନିଅନ ବ୍ୟାଙ୍କ ଅଫ ଇଣ୍ଡିଆ ଦ୍ୱାରା ପ୍ରାୟୋଜିତ ଓ ଇରେଡାର ସହଯୋଗରେ ଅୟୋଜିତ ହୋଇଥିଲା।

ଯୁବପିଢ଼ିଙ୍କ ମଧ୍ୟରେ ମହାତ୍ମା ଗାନ୍ଧୀଙ୍କ ଜୀବନ, ଆଦର୍ଶ ଓ ମୂଲ୍ୟବୋଧ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ଏହାର ଅଂଶ ଭାବେ ଆନ୍ତଃମହାବିଦ୍ୟାଳୟ ସ୍ତରରେ ପ୍ରବନ୍ଧ, ବକ୍ତୃତା ଓ କୁଇଜ୍ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଓଡ଼ିଶାର ପ୍ରାୟ ୪୦ଟି ବିଭିନ୍ନ କଲେଜ ରୁ ଛାତ୍ରଛାତ୍ରୀ ଏଥିରେ ଯୋଗଦାନ କରିଥିଲେ। ଏହି ପ୍ରତିଯୋଗିତାଗୁଡ଼ିକ ମାଧ୍ୟମରେ ଛାତ୍ରଛାତ୍ରୀମାନେ ଗାନ୍ଧୀଜୀଙ୍କ ଚିନ୍ତାଧାରାକୁ ଆଜିର ସମାଜ ଓ ଦାୟିତ୍ୱବାନ ନାଗରିକତା ସହିତ ଯୋଡ଼ିବାର ସୁଯୋଗ ପାଇଥିଲେ।

ଉକ୍ତ ପୁରସ୍କାର ସମାରୋହରେ ଅତିଥି ଭାବେ ସଞ୍ଜୀବ ରଞ୍ଜନ ସହାୟ(ଜେନେରାଲ ମ୍ୟାନେଜର - ଜୋନାଲ ହେଡ୍ ୟୁନିଅନ ବ୍ୟାଙ୍କ ଅଫ୍ ଇଣ୍ଡିଆ), ହାରୁନ ରସିଦ୍ ଖାନ୍ ( ପୂର୍ବତନ ଡେପୁଟି ଗଭର୍ଣ୍ଣର ରିଜର୍ଭ ବ୍ୟାଙ୍କ ଅଫ ଇଣ୍ଡିଆ), କୃଷ୍ଣା ମହାନ୍ତି( ସଭାପତି, ଗାନ୍ଧୀ ସ୍ମାରକ ନିଧି କମିଟି), ଗାନ୍ଧୀଆନ ସ୍କୋଲାର ଓ ଗବେଷକ ପ୍ରହ୍ଲାଦ ସିଂ, ମିହିର ପ୍ରତାପ ଦାସ (ସଭାପତି, ଉତ୍କଳ ସର୍ବୋଦୟ ମଣ୍ଡଳ, ଓଡିଶା), ଜୟନ୍ତୀ ବେହେରା (ଅଧ୍ୟକ୍ଷା, ବିଜେବି ସ୍ୱୟଂଶାସିତ କେଲେଜ), ମାନସ ରଞ୍ଜନ ମିଶ୍ର ଓ ବିଶ୍ୱପ୍ରକାଶ ପଟ୍ଟନାୟକ(ସଭାପତି, ବିଜେବି ଫ୍ରେଣ୍ଡସ୍) ଉପସ୍ଥିତ ରହି ବିଭିନ୍ନ ପ୍ରତିଯୋଗିତାର ବିଜେତା ଓ ଅଂଶଗ୍ରହଣକାରୀ ଛାତ୍ରଛାତ୍ରୀଙ୍କୁ ସମ୍ମାନିତ ଓ ପୁରସ୍କୃତ କରିଥିଲେ। ଏଥିରେ ଆନ୍ତଃମହାବିଦ୍ୟାଳୟ ସ୍ତରରେ ହୋଇଥିବା ପ୍ରତିଯୋଗୀତା ନିମନ୍ତେ ୩୦ ଜଣଙ୍କୁ ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମଟି ବିଜେବି ଫ୍ରେଣ୍ଡସ୍ର ତତ୍କାଳୀନ କାର୍ଯ୍ୟକାରି ସଭାପତି ତଥା କଲେଜର କୁଳପତିଙ୍କ ତତ୍ତ୍ୱାବଧାନରେ ପରିଚାଳିତ ହୋଇଆସୁଛି। ବିଜେବି ଫ୍ରେଣ୍ଡସ୍ ପକ୍ଷରୁ ଏହି ପ୍ରୟାସ ମୂଲ୍ୟବୋଧ, ସାମାଜିକ ଦାୟିତ୍ୱ ଓ ସକାରାତ୍ମକ ଚିନ୍ତାଧାରାକୁ ଆହୁରି ପ୍ରୋତ୍ସାହିତ କରିବାରେ ଏକ ମଞ୍ଚ ଭାବେ କାର୍ଯ୍ୟ କରିବ।

## ଅକ୍ଟୋବର ୩୦-୩୧ରେ ଭୁବନେଶ୍ୱରରେ ହେବ ଟାଇକନ୍ ୨୦୨୬

ଭୁବନେଶ୍ୱର (ସବ୍ୟୁ) : ଦି ଇଣ୍ଡସ୍ ଏଣ୍ଟରପ୍ରେନ୍ୟୋର୍ସ (ଟାଇ) ଭୁବନେଶ୍ୱର ପକ୍ଷରୁ ଦ୍ୱିତୀୟ ଟାଇକନ୍ ଭୁବନେଶ୍ୱର ୨୦୨୬ ସମ୍ମିଳନୀ ଆସନ୍ତା ଅକ୍ଟୋବର ୩୦ ଓ ୩୧ ତାରିଖରେ ଚନ୍ଦ୍ରଶେଖରପୁରସ୍ଥିତ ହୋଟେଲ କ୍ରିଷ୍ଟାଲ କ୍ରାଉନ୍ରେ ଅନୁଷ୍ଠିତ ହେବ। 'ଓଡ଼ିଶା ଲିପ୍ ଅପ୍ ଗଢ଼ନ୍ତୁ, ଆଗକୁ ବଢ଼ାନ୍ତୁ, ରପ୍ତାନି କରନ୍ତୁ' ବିଷୟବସ୍ତୁ ଆଧାରିତ ଏହି ସମ୍ମିଳନୀରେ ରାଜ୍ୟରେ ଉଦ୍ୟୋଗ, ନବସୃଜନ, ପୁଞ୍ଜିନିବେଶ ଓ ରପ୍ତାନି ବାଣିଜ୍ୟର ବିକାଶ ଉପରେ ଗୁରୁତ୍ୱ ଦିଆଯିବ। ଏଥିରେ ଷ୍ଟାର୍ଟଅପ୍ ପ୍ରତିଷ୍ଠାତା, ନିବେଶକ, ଶିଳ୍ପପତି, ଏମ୍ଏସ୍ଏମ୍ଇ ପ୍ରତିନିଧି ଓ ନୀତି ନିର୍ଦ୍ଧାରକଙ୍କ ସମେତ ୧,୫୦୦ରୁ ଅଧିକ ପ୍ରତିନିଧି ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଆମେରିକା, ଦୁବାଇ ଓ ସିଙ୍ଗାପୁରର ପ୍ରତିନିଧି ଦଳ ମଧ୍ୟ ଅଂଶଗ୍ରହଣ କରିବେ। ଶ୍ରୀଲଙ୍କାର ଟାଇ କଲମ୍ବୋ ଏହି ସମ୍ମିଳନୀର ଦେଶ ସହଭାଗୀ ରହିବ। ଟାଇ ଭୁବନେଶ୍ୱରର ସଭାପତି ଅୟସକାନ୍ତ ମହାନ୍ତି କହିଛନ୍ତି, ଓଡ଼ିଶାର ଉଦ୍ୟୋଗୀମାନଙ୍କୁ ଅନ୍ତର୍ଜାତୀୟ ପୁଞ୍ଜିନିବେଶ, ଆଧୁନିକ ଜ୍ଞାନକୌଶଳ ଓ ବିଶ୍ୱ ବଜାର ସହ ଯୋଡ଼ିବା ଏହି ସମ୍ମିଳନୀର ମୁଖ୍ୟ ଲକ୍ଷ୍ୟ। ଦୁଇଦିନିଆ ସମ୍ମିଳନୀରେ ବିଶେଷଜ୍ଞ ଆଲୋଚନା, ବ୍ୟବସାୟିକ ବୈଠକ, ନିବେଶକ ଲାଉଞ୍ଜ୍ ଓ ଷ୍ଟାର୍ଟଅପ୍ ପିଚ୍ର ଆୟୋଜନ ହେବ। କୃତ୍ରିମ ବୁଦ୍ଧିମତା, ଡିପ୍ ଟେକ୍ନୋଲୋଜି, ମହାକାଶ ପ୍ରଯୁକ୍ତି, ଡ୍ରୋନ୍, ଡାଟା ଇନ୍ଫ୍ରାଷ୍ଟ୍ରକ୍ଚର ଓ ସ୍ୱଚ୍ଛ ଶକ୍ତି ଭଳି କ୍ଷେତ୍ର ଉପରେ ମଧ୍ୟ ଆଲୋଚନା ହେବ। ଏଥିସହ ମହିଳା ଉଦ୍ୟୋଗୀ, ଗ୍ରାମୀଣ ଉଦ୍ଭାବକ ଓ ଯୁବ ଉଦ୍ୟୋଗୀଙ୍କୁ ପ୍ରୋତ୍ସାହନ ଦେବା ସହ ଓଡ଼ିଶାର ବ୍ୟବସାୟକୁ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ପହଞ୍ଚାଇବା ଉପରେ ଗୁରୁତ୍ୱ ଦିଆଯିବ।

### ହୀରାକୁଦ...

ଉପରମୁଣ୍ଡରେ ଗତ ୨୪ଘଣ୍ଟା ମଧ୍ୟରେ ମାତ୍ର ୦.୯୯ମିମି ବର୍ଷା ହୋଇଥିବା ରେକର୍ଡ କରାଯାଇଛି। ତେବେ ତଳମୁଣ୍ଡରେ ବେଲଗାଁରେ ୨୧ହଜାର, ପର୍ଥଲାରେ ୩୮ହଜାର୮୦୭ ଘନଫୁଟ, ଖଇରମାଳରେ ୮୮ହଜାର, ବାରମୂଳରେ ୧ ଲକ୍ଷ ୬୪ ହଜାର ଓ ମୁଣ୍ଡଳୀରେ ୪ ଲକ୍ଷ ୨୦ ହଜାର ୮୨୪ ଘନଫୁଟ୍ ଜଳ ପ୍ରବାହିତ ହେଉଛି। ତେବେ ଗତ ସେପ୍ଟେମ୍ବର ୨୧, ୨୦୨୬ରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୩୦ଫୁଟ ରହିଥିଲା।

## ଦୁଷ୍କର୍ମ ଅଭିଯୁକ୍ତଙ୍କୁ ଗିରଫ ଦାବିରେ କଂଗ୍ରେସର ଥାନା ଘେରାଉ

ଭୁବନେଶ୍ୱର, (ସବ୍ୟୁ): ନୟାପଲ୍ଲୀ ଅଞ୍ଚଳରେ ଘଟିଥିବା ଦୁଷ୍କର୍ମ ଘଟଣା ସମଗ୍ର ରାଜଧାନୀବାସୀଙ୍କୁ ଚିନ୍ତାରେ ପକାଇଛି। ଏକ ଆପାର୍ଟମେଣ୍ଟରେ ରହୁଥିବା ଜଣେ ଯୁବତୀଙ୍କୁ ବନ୍ଧୁକ ଦେଖାଇ ଦୁଷ୍କର୍ମ କରାଯିବା ଅତ୍ୟନ୍ତ ଉଦବେଗର ବିଷୟ ବୋଲି ଓଡିଶା ପ୍ରଦେଶ କଂଗ୍ରେସ ସଭାପତି ଭକ୍ତ ଚରଣ ଦାସ ପ୍ରକାଶ କରିଥିଲେ ଓ ତାଙ୍କ ନିର୍ଦ୍ଦେଶକ୍ରମେ ଭୁବନେଶ୍ୱର ଜିଲ୍ଲା କଂଗ୍ରେସ କମିଟି ସଭାପତି ପ୍ରକାଶ ଚନ୍ଦ୍ର ଜେନାଙ୍କ ନେତୃତ୍ୱରେ କଂଗ୍ରେସର ଏକ ପ୍ରତିନିଧି ଦଳ ନୟାପଲ୍ଲୀ ଥାନା ଓଆଇସିଙ୍କୁ ଭେଟି ଘଟଣାର ତ୍ୱରିତ ତଦନ୍ତ, ଅପରାଧୀ ବିରୋଧରେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଏବଂ ଦୋଷୀକୁ ଦୃଷ୍ଟାନ୍ତମୂଳକ ଦଣ୍ଡ ପାଇଁ ଦାବି କରିଛନ୍ତି। ଏଥିସହ ଭୁବନେଶ୍ୱରରେ ପୋଲିସ ପାଟ୍ରୋଲିଂକୁ ଆହୁରି ସୁଦୃଢ଼ କରିବାକୁ ଦାବି ଜଣାଇଛନ୍ତି। ଯାହାଦ୍ୱାରା ଭୁବନେଶ୍ୱରବାସୀ ନିଜକୁ ସୁରକ୍ଷିତ ମନେ କରିପାରିବେ ଏବଂ ଭବିଷ୍ୟତରେ ଏଭଳି ଅପରାଧ ରୋକାଯାଇପାରିବ। ଏହି ଆଲୋଚନା ସମୟରେ ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ମନ୍ତ୍ରୀ ସୁରେଶ କୁମାର ରାଉତରାୟ, କଂଗ୍ରେସ ନେତା ମୁଖପାତ୍ର ରଜନୀ ମହାନ୍ତି, ମନୋରଞ୍ଜନ ଦାସ, ଉତ୍ତର ଉପସଭାପତି ମୁକେଶ ପ୍ରଧାନ ଏବଂ ସୂର୍ଯ୍ୟକାନ୍ତ ଜେନା, ଲିଙ୍ଗରାଜ ସାହୁ, ଦେବାଶିଷ ମିଶ୍ରଙ୍କ ସମେତ ବହୁ କଂଗ୍ରେସ ନେତୃବୃନ୍ଦ ଉପସ୍ଥିତ ଥିଲେ।

**ପୂର୍ବ ତଟ ରେଳପଥ**
**ପାର୍କିଂ ଷ୍ଟାଣ୍ଡର ଇ-ନିଲାମ**
ନିଲାମ କ୍ୟାଟାଲଗ୍ ନଂ.: SDCM-KUR-PKNG
(1) ଷ୍ଟେସନ ଏବଂ ସ୍ଥାନ : ଖୋର୍ଦ୍ଧା ରୋଡ୍-4 ଚକିଆ (ପୂର୍ବ ପ୍ରବେଶ ସାଇଡ)।
ନିଲାମ ଆରମ୍ଭ ହେବା ତାରିଖ ଓ ସମୟ : 13.10.2026, 1500 ଘଟିକା, ନିଲାମ ବନ୍ଦ ହେବା ତାରିଖ ଓ ସମୟ : 13.10.2026, 1530 ଘଟିକା।
(2) ଷ୍ଟେସନ ଏବଂ ସ୍ଥାନ : ଜଳେଶ୍ୱରପୁର-2 ଚକିଆ (ପ୍ଲାଟଫର୍ମ-1 ସାଇଡ)।
ନିଲାମ ଆରମ୍ଭ ହେବା ତାରିଖ ଓ ସମୟ : 13.10.2026, 1500 ଘଟିକା, ନିଲାମ ବନ୍ଦ ହେବା ତାରିଖ ଓ ସମୟ : 13.10.2026, 1540 ଘଟିକା।
(3) ଷ୍ଟେସନ ଏବଂ ସ୍ଥାନ : ନିରାକାରପୁର- 2 ଚକିଆ (ପ୍ଲାଟଫର୍ମ-4 ସାଇଡ)।
ନିଲାମ ଆରମ୍ଭ ହେବା ତାରିଖ ଓ ସମୟ : 13.10.2026, 1500 ଘଟିକା, ନିଲାମ ବନ୍ଦ ହେବା ତାରିଖ ଓ ସମୟ : 13.10.2026, 1550 ଘଟିକା।
(4) ଷ୍ଟେସନ ଏବଂ ସ୍ଥାନ : ବଡ଼ବନ୍ଧ (2 ଚକିଆ) (ପ୍ଲାଟଫର୍ମ-1 ନିକଟରେ)।
ନିଲାମ ଆରମ୍ଭ ହେବା ତାରିଖ ଓ ସମୟ : 13.10.2026, 1500 ଘଟିକା, ନିଲାମ ବନ୍ଦ ହେବା ତାରିଖ ଓ ସମୟ : 13.10.2026, 1600 ଘଟିକା।
(5) ଷ୍ଟେସନ ଏବଂ ସ୍ଥାନ : ଭୁବନେଶ୍ୱର - 2 ଚକିଆ (ପମ୍ପ ହାଉସ୍ ପାଖରେ ପ୍ଲାଟଫର୍ମ -1A ସାଇଡ୍ରେ)।
ନିଲାମ ଆରମ୍ଭ ହେବା ତାରିଖ ଓ ସମୟ : 13.10.2026, 1500 ଘଟିକା, ନିଲାମ ବନ୍ଦ ହେବା ତାରିଖ ଓ ସମୟ : 13.10.2026, 1610 ଘଟିକା।
(6) ଷ୍ଟେସନ ଏବଂ ସ୍ଥାନ : କଟକ - 2 ଚକିଆ (ରେଲୱେ ଇନ୍ଷ୍ଟିଚ୍ୟୁଟ୍ ପାଖରେ)।
ନିଲାମ ଆରମ୍ଭ ହେବା ତାରିଖ ଓ ସମୟ : 13.10.2026, 1500 ଘଟିକା, ନିଲାମ ବନ୍ଦ ହେବା ତାରିଖ ଓ ସମୟ : 13.10.2026, 1620 ଘଟିକା।
ଦ୍ରଷ୍ଟବ୍ୟ : ଏହି ନିଲାମ ସମ୍ବନ୍ଧରେ ସମସ୍ତ ଆବଶ୍ୟକ ସୂଚନା ପ୍ରାପ୍ତ କରିବା ନିମନ୍ତେ ଆଗ୍ରହୀ ବିଡ଼ରଙ୍କୁ ୱେବସାଇଟ୍ www.ireps.gov.in ରେ ଆଗାମୀ ଇ-ଅକ୍ସନ ଟିକିଲ୍ ଟ୍ୟାବ୍ ପରିଦର୍ଶନ କରିବାକୁ ଅନୁରୋଧ କରାଯାଉଛି।
ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ/ ଖୋର୍ଦ୍ଧା ରୋଡ୍
PR-476/R/26-27

**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**
ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧,
13001/2003/2627 ଫୋନ୍ : (୦୬୭୪) ୨୩୯୩୫୨୪
ଇପିବିଏକ୍ସ : (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ (୦୬୭୪) ୨୩୯୩୯୫୨, ୱେବସାଇଟ୍ https://oshb.org.
ପତ୍ର ସଂଖ୍ୟା ୨୦୮ **ବିଜ୍ଞାପନ** ତା : ୧୭.୦୯.୨୬
ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ବାସନ୍ତୀ କଲୋନୀ, ଚତୁର୍ଥ ପର୍ଯ୍ୟାୟ, ରାଉରକେଲା ଗୃହ ନିର୍ମାଣ ପ୍ରକଳ୍ପରେ ଘର ନଂ-ଏଫ୍.ଏଲ୍.-୧୭ (F.L-17) କୁ ଶ୍ରୀ ନିରଞ୍ଜନ ଦାଶ, ପି- ସ୍ୱର୍ଗତ ଦୀନବନ୍ଧୁ ଦାଶ, ଗ୍ରା-ବ୍ରାହ୍ମଣଛାଇ, ପୋ-ପିତୋଳ, ଥା-ହିଞ୍ଜିଳିକଟୁ, ଜି-ଗଞ୍ଜାମଙ୍କୁ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନ ଗ୍ରହୀତା ଶ୍ରୀ ନିରଞ୍ଜନ ଦାଶ ଉକ୍ତ ଗୃହଟିକୁ ଦାନପତ୍ର ଆଧାରରେ ତାଙ୍କର ପୁତ୍ର (୧) ଶ୍ରୀ ଶିବ ନାରାୟଣ ଦାଶ (୨) ଶ୍ରୀ ଜଗମୋହନ ଦାଶ, ଉଭୟଙ୍କ ପିତା - ଶ୍ରୀ ନିରଞ୍ଜନ ଦାଶ, ଗ୍ରା-ବ୍ରାହ୍ମଣଛାଇ, ପୋ-ପିତୋଳ, ଥା-ହିଞ୍ଜିଳିକଟୁ, ଜି-ଗଞ୍ଜାମଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି।
ଉକ୍ତ ପ୍ରକଳ୍ପ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ ତାହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ। ତଦ୍ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ଘରଟିର ମାଲିକାନା ପରିବର୍ତ୍ତନ ଆଇନ୍ ଅନୁଯାୟୀ କରାଯାଇପାରେ।
ସ୍ୱା/- ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
OIPR : 13001/13030/1/26-27/0268

**ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍ନମ୍ବର**

ଅନୁଗୁଳ-ଦ୍ୱାରିକା ପ୍ରସାଦ ନନ୍ଦ-୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ-୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍-୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା-୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି-୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ-୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ-୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ-୯୮୬୧୦୩୭୧୦୪, ଜଗତ୍ସିଂହପୁର-ସୁବ୍ରତ କୁମାର ନାୟକ-୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ-୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି-୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା-୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ର କୁମାର ଦାସ-୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତ ମୋହନ ମହାପାତ୍ର-୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସ ରାଓ-୯୪୩୯୫୬୬୭୨୨, କେନ୍ଦୁଝର- ରବିନାରାୟଣ ରାଜ୍-୯୪୩୭୩୩୭୧୦୦, ମାଲକାନଗିରି-ଏମ୍. ଅମରେଶ କୁମାର-୯୪୩୯୯୨୮୭୭, ମୟୂରଭଞ୍ଜ-ସୌମ୍ୟ ରଞ୍ଜନ ପଟ୍ଟନାୟକ-୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା-୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ-୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିୱାରୀ-୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର-୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ-୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଳ-୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ-୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ-୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି-୯୪୩୭୨୬୫୫୦୧, ଢେଙ୍କାନାଳ-ସନ୍ତୋଷ ଶତପଥୀ-୮୮୯୫୬୫୧୨୨୮।

With Best Compliments From :

**AMIT STONE CRUSHER**

Dankari

With Best Compliments From :

**M/s KALINGA ENTERPRISERS**

Tarini Chhak, Balisahi, Jajpur

With Best Compliments From :

**M/s PRPL Pvt. Ltd.**

Dankari, Chadaidhara

With Best Compliments From :

**M/s KRISHNA COKE INDIA (P) LTD.**

ANJIRA, BALISAHI, JAJPUR

With Best Compliments From :

**ARUNI STONE PRODUCT**

(Nihal Prasad) Chadaidhara

With Best Compliments From :

**M/s TRAPTI STONE CRUSHER**

Dankari, Chadaidhara

With Best Compliments From :

**M/s JAGABANDHU ENTERPRISERS**

Dankari, Chadaidhara

With Best Compliments From :

**Chandi Stone Crusher**

Dankari

With Best Compliments From :

**M/s ROUT TRANSPORT SERVICE**

Prop. Sukanta Kumar Rout
Chandikhole, Jajpur

With Best Compliments From :

**M/s JBSP**

Baramana, Chadeidhara

**ଶୁଭେଚ୍ଛା ବାର୍ତ୍ତା**

'ସମୟ'ର ୩୦ ତମ ସ୍ୱନକ୍ଷତ୍ର ତଥା ଶାରଦୀୟ ପୂଜା ଉପଲକ୍ଷେ ହାର୍ଦ୍ଦିକ ଅଭିନନ୍ଦନ ।

ବାବାମଣୀ ଷ୍ଟୋନ କ୍ରସର
ଚଢ଼େଇଧରା, ଯାଜପୁର
ପ୍ରୋ : ବାଇଧର ସାହୁ




Wishing to all happy Durgapuja & 30th Anniversary of "The Samaya Daily"

M/s MANOHAR REDDY
Dankari, Chadaidhara, Jajpur

With Best Compliments From :

**ORISSA STEEL TRADING CORPORATION**

Office : Plot No. 637, Mahanadi Vihar, Near Jagannath Temple, Cuttack - 753004, Odisha.
Factory : At : Anjira, p.O. : Saragarh Mukundpur, Near Balisahi

With Best Compliments From :

**M/s JAIN TRANSPORT**

Chandikhol

**Mr. KAMALESH JAIN**

**ପ୍ରଗତି ପଥେ ବଡ଼ଚଣା ପଞ୍ଚାୟତ ସମିତି**

ପବିତ୍ର ଦୁର୍ଗାପୂଜା ଓ ଦୈନିକ 'ସମୟ'ର ୩୦ ତମ ସ୍ୱନକ୍ଷତ୍ର ଅବସରରେ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି ।

ଶୁଭେଚ୍ଛା ସହ :
ଶ୍ରୀ ରବିନ୍ଦ୍ର କୁମାର ପ୍ରଧାନ (ଓ.ପ୍ର.ସେ)
ମଣ୍ଡଳ ଉନ୍ନୟନ ଅଧିକାରୀ
ବଡ଼ଚଣା, ଯାଜପୁର

Wishing to all a Happy Durgapuja & 30th Anniversary of "The Samaya Daily"

**"A WELL WISHER"**

Chadaidhara, Jajpur

With Best Compliments From :

'ସମୟ'ର ସ୍ୱନକ୍ଷତ୍ର ତଥା ପବିତ୍ର ଦୁର୍ଗାପୂଜା ଉପଲକ୍ଷେ ସମସ୍ତଙ୍କୁ ହାର୍ଦ୍ଦିକ ଅଭିନନ୍ଦନ

**Ms. NILACHAL CARBO METALICKS PVT. LTD.**

Largest Low Ash Coke Manufacturing Company in Eastern India

With Best Compliments From :

**M/s S T MINERALS**

Dankari, Jajpur

With Best Compliments From :

**M/s EASTERN FOOD (P) LTD**

A Prestigious & High Quality Rice Manufacturer of Odisha
N.H.-5, Chhatia, Jajpur

*With Best Compliments From :*

**Sailabala Infrastructure (P) Ltd.**

Sri Padeep Kumar Behuria
Managing Director

With Best Compliments From :

**M/s ARK INDUSTRIES**

*A Unit of High Quality*
FLYASH BRIKS MANUFACTURE
Chadaidhara

'ସମୟ'ର ୩୦ ତମ ସ୍ୱନକ୍ଷତ୍ର ତଥା ଦୁର୍ଗାପୂଜା ଅବସରରେ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇବା ସହ ସଭିଙ୍କ ସୁଖ ସମୃଦ୍ଧି କାମନା କରୁଛି ।

**Sri Saroj Kumar Rout**

Dankari, Chadeidhara, Jajpur

# ପୁଣି ହେବ ଘମାଘୋଟ ଯୁଦ୍ଧ !

## ମଧ୍ୟପ୍ରାଚ୍ୟ ଗଲେ ଆଉ ୧୦ ହଜାର ମାର୍କିନ ସୈନ୍ୟ




**ୱାଶିଂଟନ:** ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇରାନର ସର୍ତ୍ତକୁ ପ୍ରତ୍ୟାଖ୍ୟାନ କରି ହମଲାର ଚେତାବନୀ ଦେଇଛନ୍ତି। ଏହି ଚେତାବନୀ ପରେ ଆମେରିକା ପକ୍ଷରୁ ତୃତୀୟ ଯୁଦ୍ଧପୋତ ମଧ୍ୟପ୍ରାଚ୍ୟକୁ ପଠାଯାଇଛି। ଏଥିରେ ୯ରୁ ୧୦ ହଜାର ସୈନ୍ୟ ରହିଥିବା ଜଣାପଡ଼ିଛି। ୟୁଏସଏସ ଥିଓଡୋର ରୋଜଭେଲ୍ଟ ଓ ଏୟାର ଷ୍ଟ୍ରାଇକ ଗ୍ରୁପ ଏତେ ସଂଖ୍ୟକ ସୈନ୍ୟଙ୍କୁ ଧରି ମଧ୍ୟପ୍ରାଚ୍ୟ ଅଭିମୁଖେ ଯାତ୍ରା ଆରମ୍ଭ କରିଛନ୍ତି। ଏମାନେ ନଭେମ୍ବର ଶେଷ ସୁଦ୍ଧା ମଧ୍ୟପ୍ରାଚ୍ୟରେ ପହଞ୍ଚିବାର ସମ୍ଭାବନା ରହିଛି।ପୂର୍ବରୁ ମଧ୍ୟପ୍ରାଚ୍ୟରେ ୟୁଏସଏସ ଜର୍ଜ ଏଚଡବ୍ଲ୍ୟୁ ବୁଶ ଓ ୟୁଏସଏସ ଜର୍ଜ ୱାଶିଂଟନ ମହଜୁଦ ରହିଛନ୍ତି। ଏହି ଦୁଇ ଯୁଦ୍ଧପୋତରେ ମଧ୍ୟ ହଜାର ହଜାର ସୈନ୍ୟ ରହିଛନ୍ତି। ୟୁଏସଏସ ଜର୍ଜ ୱାଶିଂଟନ ସାଧାଣତଃ ପ୍ୟାସିଫ ଓସେନରେ ମୁତୟନ ହୋଇଥାଏ। କିନ୍ତୁ ୟୁଏସଏସ ଆବ୍ରାହମ ଲିଙ୍କନ ଦୀର୍ଘ ଦିନ ହେଲା ମଧ୍ୟପ୍ରାଚ୍ୟରେ ମୁତୟନ ହୋଇଥିବାରୁ ଏହାକୁ ରିଲିଭ କରିବାକୁ ଜର୍ଜ ୱାଶିଂଟନ ସେଠାକୁ ଯାଇଛି।ଆମେରିକା ମଧ୍ୟପ୍ରାଚ୍ୟରେ ସୈନ୍ୟ ଠୁଳ କରୁଥିବାରୁ ଆଗକୁ ଇରାନ ଉପରେ ବଡ଼ଧରଣର ହମଲା ହେବାର ଆଶଙ୍କା ପ୍ରକାଶ ପାଇଛି। ବର୍ତ୍ତମାନ ମଧ୍ୟପ୍ରାଚ୍ୟରେ ଆମେରିକାର ୨୦ ହଜାରରୁ ଅଧିକ ନୌସେନା ଓ ଶତାଧିକ ଯୁଦ୍ଧ ବିମାନ ମହଜୁଦ ହୋଇ ରହିଛନ୍ତି।ଗତ ସପ୍ତାହରେ ମିଳିତ ଜାତିସଂଘର ସାଧାରଣ ପରିଷଦରେ ଇରାନ ପକ୍ଷରୁ ଶାନ୍ତି ପ୍ରସ୍ତାବ ଉପସ୍ଥାପନ କରାଯାଇଥିଲା। ସେହିପରି ମଧ୍ୟସ୍ଥି ସାଜିଥିବା କତର ସହାତାରେ ଇରାନ ପକ୍ଷରୁ ଆମେରିକାକୁ ନିଜର ଶାନ୍ତି ପ୍ରସ୍ତାବ ସର୍ତ୍ତଗୁଡ଼ିକୁ ବିଷୟରେ ଅବଗତ କରାଯାଇଥିଲା। କିନ୍ତୁ ଏହାକୁ ଆମେରିକା ରାଷ୍ଟ୍ରପତି ଟ୍ରମ୍ପ ଅଗ୍ରାହ୍ୟ କରି ଦେଇଛନ୍ତି।ସେହିପରି ଦୁଇ ଦିନ ତଳେ ଦୁବାଇରୁ ଇସ୍ରାଏଲ ଯାଉଥିବା ଯାତ୍ରୀବାହୀ ବିମାନକୁ କ୍ରାଶ କରିବା ପାଇଁ ସହ ପାଇଲଟ କରୁଥିବା ଉଦ୍ୟମ ପଛରେ ଇରାନ ଥିବା ମଧ୍ୟ ଟ୍ରମ୍ପ କହିଛନ୍ତି।ବୁଧବାର ଫ୍ଲାଏଦୁବାଇ ବିମାନ ମଝି ଆକାଶରେ ଥିବା ବେଳେ ଓମାନର ସହ ପାଇଲଟ କକପିଟରେ ମୁଖ୍ୟ ଫାଇଲଟ ସ୍ମିତ ମଛାରଙ୍କୁ ଆକ୍ରମଣ କରିଥିଲେ। ଛୁରା ମାଡ଼ ସତ୍ତ୍ୱେ ଭାରତର ସ୍ମିତ ଲଢ଼େଇ କରି ସମ୍ଭାବ୍ୟ ୯/୧୧ ଷ୍ଟାଇଲ ଆକ୍ରମଣକୁ ରୋକି ପାରିଥିଲେ।

## ଫ୍ଲାଏଦୁବାଇ ଆକ୍ରମଣକୁ ଆତଙ୍କବାଦୀ କାର୍ଯ୍ୟ ମାନିଲା ୟୁଏଇ




**ଆବୁଧାବି:** ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ)ର ଜଣେ ବରିଷ୍ଠ ଅଧିକାରୀ ଫ୍ଲାଏଦୁବାଇ ବିମାନ ଏଫ୍ଜେଡ୍୧୦୭୩ରେ ଆକ୍ରମଣକୁ ଆତଙ୍କବାଦୀ କାର୍ଯ୍ୟ ବୋଲି କହିଛନ୍ତି। ଏହାସହିତ ମଝି ଆକାଶରେ ଭାରତୀୟ ପାଇଲଟ କ୍ୟାପ୍ଟେନ ସ୍ମିତ୍ ମାଛର ଯେପରି ଭାବେ ସହ-ପାଇଲଟଙ୍କ ଛୁରାମାଡ଼ ପରେ ବି ବିମାନକୁ ସୁରକ୍ଷିତ ରଖିବାକୁ ଲଢ଼ିଥିଲେ ତା'ର ପ୍ରଶଂସା କରିଛନ୍ତି। ୟୁଏଇ ରାଷ୍ଟ୍ରପତିଙ୍କ ପରାମର୍ଶଦାତା ଅନଓ୍ୱର ଗାରଗାସ୍ କହିଛନ୍ତି, ମାଛର ଦୃଢ଼ତାର ସହିତ ଲଢ଼ି ଆତଙ୍କବାଦୀ କାର୍ଯ୍ୟକୁ ପଣ୍ଡ କରିବା ସହିତ ଏତେବଡ଼ ବିପର୍ଯ୍ୟୟ ହେବାରୁ ରକ୍ଷା କରିଥିବାରୁ ପ୍ରଶଂସାର ପାତ୍ର। 'ଏକ୍ସ'ରେ ଏକ ପୋଷ୍ଟ କରି ସେ କହିଛନ୍ତି, ଆତଙ୍କବାଦ ଓ ଉଗ୍ରବାଦର ମୁକାବିଲା ପାଇଁ ସତର୍କତା ଆବଶ୍ୟକ। ଫ୍ଲାଏଦୁବାଇ ଘଟଣା ପରେ ପ୍ରଥମ ଥର ପାଇଁ ୟୁଏଇ ଅଧିକାରୀ ଏହାକୁ ଏକ ଆତଙ୍କବାଦୀ ଆକ୍ରମଣ ବୋଲି ସ୍ୱୀକାର କରିଛନ୍ତି।ସେପ୍ଟେମ୍ବର ୩୦ ରେ ଦୁବାଇରୁ ତେଲ ଅଭିଭ ଯାଉଥିବା ବିମାନ ପରିଚାଳନା ସମୟରେ ମାଛର ଗୁରୁତର ଆହତ ହୋଇଥିଲେ। କକପିଟ୍ରେ ଦୁଇ ପାଇଲଟ ମୁହାଁମୁହିଁ ହେବା ପରେ ବିମାନ ସାଉଦି ଆରବର ତାବୁକକୁ ଜରୁରୀ ଅବତରଣ କରିଥିଲା। ମାଛର କକ୍ପିଟ୍ରେ ଏକାକୀ ଆକ୍ରମଣକାରୀ ସହ ପାଇଲଟଙ୍କ ମୁକାବିଲା କରିବା ସହିତ ଯାତ୍ରୀ ଓ କ୍ରୁ ସଦସ୍ୟଙ୍କ ସହାୟତାରେ ବିମାନଟି ସୁରକ୍ଷିତ ଭାବରେ ଅବତରଣ କରିଥିଲା। ବିମାନଟିରେ ୧୭୪ ଜଣ ଯାତ୍ରୀ ଓ ଆଠ ଜଣ କ୍ରୁ ସଦସ୍ୟ ଥିଲେ। ଗୁରୁବାର ୟୁଏଇ ଛୁରାମାଡ଼ ଘଟଣାରେ ତଦନ୍ତ ନିର୍ଦ୍ଦେଶ ଦେଇଥିଲା। ୟୁଏଇର ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ କହିଛି ଯେ, ବିମାନଟି ୟୁଏଇରେ ପଞ୍ଜିକୃତ ଓ ଏହାର ପତାକା ବହନ କରୁଥିବାରୁ ଘଟଣାର ପରିସ୍ଥିତି ଓ କାରଣ ତଦନ୍ତ ପାଇଁ ଏକ ଦଳ ଗଠନ କରାଯିବ। ତେବେ ୟୁଏଇ ସହ ପାଇଲଟଙ୍କ ପରିଚୟ ପ୍ରକାଶ କରିନାହିଁ।

## ଗୁଜରାଟରେ ୟୁସିସି ଲାଗୁ

**ନୂଆଦିଲ୍ଲୀ:** ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଗୁଜରାଟ ସମାନ ନାଗରିକ ସଂହିତା (ୟୁସିସି) ବିଲ୍ ୨୦୨୬କୁ ତାଙ୍କ ସ୍ୱୀକୃତି ପ୍ରଦାନ କରିଛନ୍ତି। ଫଳରେ ସ୍ୱାଧୀନ ଭାରତରେ ଉତ୍ତରାଖଣ୍ଡ ପରେ ଗୁଜରାଟ ୟୁସିସି ଲାଗୁ କରିବାରେ ଦ୍ୱିତୀୟ ରାଜ୍ୟ ହେବ। ୨୪ ମାର୍ଚ୍ଚରେ ଆଠ ଘଣ୍ଟାର ବିତର୍କ ପରେ ଗୃହୀତ ଏହି ଆଇନ ରାଜ୍ୟର ଅନୁସୂଚିତ ଜନଜାତି ଜନସଂଖ୍ୟାକୁ ଛାଡ଼ ଦେଇଛି।ଅବସରପ୍ରାପ୍ତ ସୁପ୍ରିମକୋର୍ଟ ବିଚାରପତି ଜଷ୍ଟିସ୍ ରଞ୍ଜନା ପ୍ରକାଶ ଦେଶାଇଙ୍କ ନେତୃତ୍ୱରେ ଗଠିତ ଏକ ପ୍ୟାନେଲ୍ ଏହାର ରିପୋର୍ଟ ଦାଖଲ କରିବାର ଗୋଟିଏ ସପ୍ତାହ ପରେ ମୁଖ୍ୟମନ୍ତ୍ରୀ ଭୂପେନ୍ଦ୍ର ପଟେଲ ଏହାକୁ ଉପସ୍ଥାପନ କରିଥିଲେ। ଜଷ୍ଟିସ୍ ଦେଶାଇ ପୂର୍ବରୁ ଉତ୍ତରାଖଣ୍ଡ ୟୁସିସି ପ୍ରସ୍ତୁତ କରିଥିବା କମିଟିର ନେତୃତ୍ୱ ନେଇଥିଲେ। ତେବେ ୟୁସିସି ବିଲ୍କୁ ବିରୋଧ କରି କଂଗ୍ରେସ ଗୃହ ତ୍ୟାଗ କରିଥିଲା। ଉଭୟ କଂଗ୍ରେସ ଓ ଆମ୍ ଆଦମୀ ପାର୍ଟି ବିଲକୁ ଏକ ଚୟନ କମିଟି ନିକଟକୁ ପଠାଇବାକୁ ଅନୁରୋଧ କରିଥିଲେ।

## ଶତାଧିକ ସଙ୍ଗଠନକୁ ହ୍ୟାକ୍ କଲା ଓପନଏଆଇର ଏଆଇ ଏଜେଣ୍ଟ



**ୱାଶିଂଟନ:** ଚାଟଜିପିଟି ନିର୍ମାଣ କରିଥିବା କମ୍ପାନି ଓପନଏଆଇର ଏଆଇ ଏଜେଣ୍ଟ ୧୦୦ରୁ ଅଧିକ ସିଷ୍ଟମ୍ ହ୍ୟାକ୍ କରିବାକୁ ଚେଷ୍ଟା କରିଥିବା କମ୍ପାନି ପକ୍ଷରୁ କୁହାଯାଇଛି। କମ୍ପାନୀ ଏହାର ଏଆଇ ଏଜେଣ୍ଟମାନଙ୍କ ଦ୍ୱାରା ପ୍ରଭାବିତ ୧୦୦ ରୁ ଅଧିକ ସଂଗଠନକୁ ସତର୍କ ସୂଚନା ଜାରି କରିଥିବା ବ୍ଲଗରେ ପୋଷ୍ଟ କରି କହିଛି। ଏଆଇ ଲ୍ୟାବ୍ କହିଛି ଯେ, ଜୁଲାଇରେ ଘଟିଥିବା ହଗିଂ ଫେସ୍ ଘଟଣା ପରେ ଏହା ମଡେଲ୍ କାର୍ଯ୍ୟକଳାପ ସମୀକ୍ଷା କରୁଛି। ଓପନଏଆଇ କହିଛି ଯେ, ଏପର୍ଯ୍ୟନ୍ତ ଏହା ଏପରି କୌଣସି ଘଟଣା ଚିହ୍ନଟ କରିନାହିଁ ଯାହା ହଗିଂ ଫେସ୍ ପ୍ରୟାସର ଗମ୍ଭୀରତା ସହିତ ସମାନ ଥିଲା, ଯେଉଁଠାରେ ୭୦୦ ଏଆଇ ଏଜେଣ୍ଟ କମ୍ପାନୀର ସିଷ୍ଟମକୁ ହ୍ୟାକ୍ କରିବାକୁ ଚେଷ୍ଟା କରିଥିଲେ।ଏହା ସୂଚାଇ ଦେଉଛି ଯେ, ପରୀକ୍ଷଣ ପର୍ଯ୍ୟାୟରେ ମଧ୍ୟ ଟେକ୍ କମ୍ପାନିଗୁଡ଼ିକ ସେମାନଙ୍କର ଉନ୍ନତ ଏଆଇ ମଡେଲଗୁଡ଼ିକ ଉପରେ ନିୟନ୍ତ୍ରଣ ହରାଉଛନ୍ତି। ଏଆଇ ମଡେଲଗୁଡ଼ିକ କେବଳ ସିଷ୍ଟମ ସୁରକ୍ଷାକୁ ଅଣଦେଖା କରୁନାହାନ୍ତି ନାହିଁ, ବରଂ ମାନବ ନିୟନ୍ତ୍ରଣରୁ ମଧ୍ୟ ଖସି ଯାଉଛନ୍ତି। ତଥାପି କମ୍ପାନୀ ଦାବି କରିଛି ଯେ ଏହି ସଂଗଠନଗୁଡ଼ିକରୁ କୌଣସି ତଥ୍ୟ ଚୋରି ହୋଇନାହିଁ।ଏହିପରି ଦୁର୍ବ୍ୟବହାରପୂର୍ଣ୍ଣ ଏଆଇ ଘଟଣା ଓ ସୁରକ୍ଷା ବିପଦ ପାଇଁ ସମଗ୍ର ଏଆଇ ଶିଳ୍ପ ଉପରେ ନଜର ରଖାଯାଇଛି। ଜ୍ୟାକବ କକ୍ସନ ଓ ଇଭାନ ହୁବିଙ୍ଗରଙ୍କ ପରି ଏଆଇ ଗବେଷକମାନେ ଦାବି କରିଛନ୍ତି ଯେ, ଏଆଇ ଖୁବ୍ ଶୀଘ୍ର ମାନବଜାତିକୁ ଶେଷ କରିପାରେ। ଆନ୍ଥ୍ରୋପିକର ସିଇଓ ଡାରିଓ ଆମୋଡେଇ ମଧ୍ୟ ସ୍ୱୀକାର କରିଛନ୍ତି ଯେ, ଏହା ଏହି ପ୍ରଯୁକ୍ତିର ସବୁଠାରୁ ବଡ଼ ବିପଦ ହୋଇ ରହିଛି। ଏଆଇ ବିକାଶରେ ମନ୍ଥରତା ପାଇଁ ଆହ୍ୱାନ ପରେ, କିଛି ବଡ଼ ଆମେରିକୀୟ ଟେକ୍ କମ୍ପାନୀ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସୁରକ୍ଷିତ ଏଆଇ ବିକାଶ ପାଇଁ ଏକ ସ୍ୱେଚ୍ଛାକୃତ ଚୁକ୍ତିନାମାରେ ସ୍ୱାକ୍ଷର କରିଛନ୍ତି।

## ଅନୁପ୍ରବେଶ ଉଦ୍ୟମ ପଣ୍ଡ, ୨ ପାକ ଆତଙ୍କୀ ନିହତ

**ଅମୃତସର:** ପଞ୍ଜାବର ତରନ୍ ତାରାନ୍ ସେକ୍ଟରସ୍ଥିତ ଭାରତ-ପାକିସ୍ତାନ ଆନ୍ତର୍ଜାତୀୟ ସୀମାରେ ସୀମା ସୁରକ୍ଷା ବଳ (ବିଏସଏଫ୍) ଯବାନମାନଙ୍କୁ ମିଳିଛି ବଡ଼ ସଫଳତା। ଶୁକ୍ରବାର ରାଜୋକେ ଗ୍ରାମ ନିକଟରେ ସୀମା ପାର ହୋଇ ଭାରତୀୟ ସୀମା ମଧ୍ୟକୁ ପ୍ରବେଶ କରିବାକୁ ଚେଷ୍ଟା କରୁଥିବା ୨ ଜଣ ପାକିସ୍ତାନୀ ଅନୁପ୍ରବେଶକାରୀଙ୍କୁ ବିଏସ୍ଏଫ୍ ଯବାନମାନେ ଗୁଳି କରି ନିହତ କରିଛନ୍ତି। ଏହାସହ ସୀମା ପାର୍ଶ୍ୱରୁ ହେଉଥିବା ଏକ ବଡ଼ ଧରଣର ଅନୁପ୍ରବେଶ ଉଦ୍ୟମକୁ ସୁରକ୍ଷା ବଳ ସଫଳତାର ସହ ପଣ୍ଡ କରିଦେଇଛନ୍ତି। ପ୍ରାଥମିକ ସୂଚନାନୁସାରେ, ସନ୍ଦିଗ୍ଧ ପାକିସ୍ତାନୀ ନାଗରିକ ଦ୍ୱୟ ପାକିସ୍ତାନ ପଟୁ ଭାରତୀୟ ସୀମା ମଧ୍ୟକୁ ଅନୁପ୍ରବେଶ କରୁଥିବା ସମୟରେ ସୀମାରେ ମୁତୟନ ଥିବା ବିଏସ୍ଏଫ୍ ସୁରକ୍ଷା କର୍ମୀ ସେମାନଙ୍କ ଗତିବିଧି ଚିହ୍ନଟ କରିଥିଲେ। ଯବାନମାନେ ତୁରନ୍ତ ସେମାନଙ୍କୁ ସତର୍କ କରାଇବା ସହ ସେହିଠାରେ ଅଟକି ଯିବାକୁ ଚେତାବନୀ ଦେଇଥିଲେ। ତେବେ ସୁରକ୍ଷା ବଳଙ୍କ ସତର୍କତା ଓ ଚେତାବନୀକୁ ନଡରି ସୀମା ପାର୍ ହୋଇ ଭରତରେ ପ୍ରବେଶ କରିବାକୁ ପ୍ରୟାସ କରିଥିଲେ। ପରିସ୍ଥିତିକୁ ଦୃଷ୍ଟିରେ ରଖି ବିଏସ୍ଏଫ୍ ପକ୍ଷରୁ ଗୁଳିଚାଳନା କରାଯାଇଥିଲା, ଯାହାଫଳରେ ଗୁଳିବାଜି ଘଟଣାସ୍ଥଳରେ ହିଁ ଉଭୟ ଅନୁପ୍ରବେଶକାରୀଙ୍କ ମୃତ୍ୟୁ ଘଟିଛି। ସ୍ଥାନୀୟ ସୁରକ୍ଷା ଏଜେନ୍ସିଗୁଡ଼ିକ ପକ୍ଷରୁ ଉକ୍ତ ସୀମାନ୍ତ ଅଞ୍ଚଳରେ ବ୍ୟାପକ ସର୍ଚ୍ଚ ଅପରେସନ୍ ଜାରି ରହିଛି।

## ମିନ୍ତ୍ରାର ବିଗ୍ ଫ୍ୟାଶନ ଫେଷ୍ଟିଭାଲରେ ରଣବୀର-ଆଲିଆ

**ମୁମ୍ବାଇ:** ଅନଲାଇନ୍ ଫ୍ୟାଶନ ପ୍ଲାଟଫର୍ମ ମିନ୍ତ୍ରାର ବିଗ୍ ଫ୍ୟାଶନ ଫେଷ୍ଟିଭାଲ (ବିଏଫ୍ଏଫ୍) କ୍ୟାମ୍ପେନରେ ଅଭିନେତା ରଣବୀର କପୁର ଓ ଆଲିଆ ଭଟ୍ଟ ସାମିଲ ହୋଇଛନ୍ତି । ପାର୍ବଣ ଋତୁକୁ ଦୃଷ୍ଟିରେ ରଖି ମିନ୍ତ୍ରା ପକ୍ଷରୁ ପୋଷାକ, ବିୟୁଟି, ଫୁଟଓ୍ୱାର, ଆକ୍ସେସରିଜ୍ ଓ ହୋମ୍ ବର୍ଗରେ ୮.୬ ଲକ୍ଷରୁ ଅଧିକ ଷ୍ଟାଇଲ୍ ଉପଲବ୍ଧ କରାଯାଇଛି। ଦୁର୍ଗାପୂଜା ଅବସରରେ ଜାମଦାନି, ଲାଲପାର ଓ ବାଲୁଚାରି ଭଳି ପାରମ୍ପରିକ ପୋଷାକ ସହ ଆଞ୍ଚଳିକ ହସ୍ତଶିଳ୍ପକୁ ମଧ୍ୟ ପ୍ରୋତ୍ସାହନ ଦିଆଯିବ । ଏଥିରେ ୨୦୦ରୁ ଅଧିକ ଆଞ୍ଚଳିକ ବ୍ରାଣ୍ଡ ସାମିଲ ହୋଇଛନ୍ତି ।

## ଫ୍ଲାଇଦୁବାଇର ଓମାନୀ ସହ-ପାଇଲଟଙ୍କୁ ୟୁଏଇକୁ ହସ୍ତାନ୍ତର



**ରିୟାଧ/ଆବୁଧାବି:** ଦୁବାଇରୁ ତେଲ୍ ଆଭିଭ୍ ଯାଉଥିବା "ଫ୍ଲାଇଦୁବାଇ" ବିମାନର କକପିଟରେ ଭାରତୀୟ କ୍ୟାପ୍ଟେନ୍ ସ୍ମିଥ୍ ମଛାରଙ୍କୁ ଆକ୍ରମଣ କରି ବିମାନ କ୍ରାସ୍ କରିବାକୁ ଚେଷ୍ଟା କରିଥିବା ଅଭିଯୁକ୍ତ ଓମାନୀ ସହ-ପାଇଲଟଙ୍କୁ ସାଉଦି ଆରବ ସରକାର ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ) କର୍ତ୍ତୃପକ୍ଷଙ୍କୁ ହସ୍ତାନ୍ତର କରିଛନ୍ତି। ବୁଧବାର ସାଉଦି ଆରବର ତବୁକ୍ ସହରରେ ବିମାନଟି ଜରୁରୀକାଳୀନ ଅବତରଣ କରିବା ପରେ ସାଉଦି ଆଭ୍ୟନ୍ତରୀଣ ବ୍ୟାପାର ମନ୍ତ୍ରଣାଳୟ ଏବଂ ୟୁଏଇର ସୁରକ୍ଷା ଟିମ୍ ମିଳିତ ଭାବେ ପ୍ରାଥମିକ ତଦନ୍ତ କରିଥିଲେ। ତଦନ୍ତ ସମୟରେ ସହ-ପାଇଲଟ୍ ଜଣକ କ୍ୟାପ୍ଟେନଙ୍କୁ ଛୁରୀଆଘାତ କରି ଆକ୍ରମଣ କରିଥିବା ସ୍ପଷ୍ଟ ହୋଇଥିଲା। ଉଭୟ ପାଇଲଟଙ୍କୁ ଡାକ୍ତରଖାନାରେ ଚିକିତ୍ସା କରାଯିବା ପରେ ଡାକ୍ତରୀ ମଞ୍ଜୁରୀ ମିଳିବାରୁ ଗୁରୁବାର ସକାଳେ ସେମାନଙ୍କୁ ଆବୁଧାବି ପଠାଇ ଦିଆଯାଇଛି।ଏହି ସଂଘାତିକ ଘଟଣା ପଛରେ କୌଣସି ଆତଙ୍କବାଦୀ ଷଡ଼ଯନ୍ତ୍ର କିମ୍ବା ଉଦ୍ଦେଶ୍ୟ ରହିଛି କି ନାହିଁ, ସେ ନେଇ ୟୁଏଇର ଆଇନଗତ ଓ ତଦନ୍ତକାରୀ କର୍ତ୍ତୃପକ୍ଷ ଏକ ଉଚ୍ଚସ୍ତରୀୟ ତଦନ୍ତ ଆରମ୍ଭ କରିଛନ୍ତି। ଇରାନ୍ ସହ ଚାଲିଥିବା ଉତ୍ତେଜନାପୂର୍ଣ୍ଣ ଆଞ୍ଚଳିକ ପରିସ୍ଥିତି ମଧ୍ୟରେ ଏହି ଆକ୍ରମଣ ସୁରକ୍ଷା ଚିନ୍ତାକୁ ବହୁଗୁଣିତ କରିଦେଇଛି। ସହ-ପାଇଲଟ୍ ଜଣକ ନିଜ ନିୟନ୍ତ୍ରଣକୁ ବିମାନ ନେଇ ଏହାକୁ ଦୁର୍ଘଟଣାଗ୍ରସ୍ତ କରିବାକୁ ଯୋଜନାବଦ୍ଧ ଉଦ୍ୟମ କରିଥିଲେ କି ନାହିଁ, ସେ ନେଇ ସୂଚନା ସଂଗ୍ରହ କରାଯାଉଛି। ୟୁଏଇ ବୈଦେଶିକ ମନ୍ତ୍ରଣାଳୟ ଏହି ଘଟଣାର ସୂକ୍ଷ୍ମ ଅନୁଧ୍ୟାନ କରୁଥିବା ସ୍ପଷ୍ଟ କରିଛି। ଅପରପକ୍ଷରେ, ଆହତ ହୋଇ ଚିକିତ୍ସିତ ହେଉଥିବା ଭାରତୀୟ କ୍ୟାପ୍ଟେନ୍ ସ୍ମିଥ୍ ମଛାରଙ୍କୁ ୟୁଏଇରେ ଥିବା ଭାରତୀୟ ରାଷ୍ଟ୍ରଦୂତ ଦୀପକ ମିତ୍ତଲ ହସ୍ପିଟାଲରେ ସାକ୍ଷାତ କରି ତାଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଛନ୍ତି।

## ପାକ ବିମାନ ଆକ୍ରମଣ: ୯ ଆଫଗାନ ନାଗରିକଙ୍କ ମୃତ୍ୟୁ

**କାବୁଲ:** ଆଫଗାନିସ୍ତାନର ଦୁଇଟି ପ୍ରଦେଶରେ ପାକିସ୍ତାନ ପକ୍ଷରୁ ରାତିସାରା ବିମାନ ଆକ୍ରମଣ କରାଯାଇଛି। ଏହି ବୋମା ବିସ୍ଫୋରଣରେ ମହିଳା ଓ ଶିଶୁଙ୍କ ସମେତ ୯ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ୧୧ ଜଣ ନାଗରିକ ଆହତ ହୋଇଥିବା ଆଫଗାନିସ୍ତାନ ପକ୍ଷରୁ କୁହାଯାଇଛି। ଅନ୍ୟପଟେ, ପାକିସ୍ତାନର ସୂଚନା ମନ୍ତ୍ରଣାଳୟ ପ୍ରକାଶ କରିଛି ଯେ ଦୁଇଟି ସ୍ଥାନରେ ଥିବା ଆତଙ୍କବାଦୀ ଆଡ଼ା ଉପରେ ଏହି ଆକ୍ରମଣ କରାଯାଇଛି। ପ୍ରାଥମିକ ରିପୋର୍ଟ ଅନୁସାରେ, ଏଥିରେ ୨୨ ଜଣ ଆତଙ୍କବାଦୀ ନିହତ ହୋଇଛନ୍ତି। ତେବେ ଦୁଇ ଦେଶ ପକ୍ଷରୁ କରାଯାଇଥିବା ମୃତାହତ ଦାବିର ସ୍ୱାଧୀନ ସତ୍ୟାସତ୍ୟ ଯାଞ୍ଚ ହୋଇପାରି ନାହିଁ।ଚଳିତ ବର୍ଷ ଆରମ୍ଭରୁ ଦୁଇ ଦେଶ ମଧ୍ୟରେ ଉତ୍ତେଜନା ଚରମରେ ପହଞ୍ଚିଥିବା ବେଳେ, ବାରମ୍ବାର ସୀମାପାର ସଂଘର୍ଷ ଜାରି ରହିଛି। ଏହି ସମୟ ମଧ୍ୟରେ ପାକିସ୍ତାନ ଆଫଗାନିସ୍ତାନ ଭିତରେ କ୍ରମାଗତ ବିମାନ ଆକ୍ରମଣ କରିଆସୁଛି। ଆଫଗାନିସ୍ତାନରେ ସୀମାପାର ହିଂସା ଯୋଗୁଁ ଚଳିତ ବର୍ଷ ଏପର୍ଯ୍ୟନ୍ତ ୧,୧୦୦ରୁ ଅଧିକ ନାଗରିକ ମୃତାହତ ହୋଇଥିବା ନେଇ ଆଫଗାନିସ୍ତାନସ୍ଥିତ ଜାତିସଂଘ ମିସନ୍ ଗତ ସପ୍ତାହରେ ସୂଚନା ଦେଇଥିଲା। ଅନ୍ୟପକ୍ଷରେ ନାଗରିକଙ୍କ ଉପରେ ଆକ୍ରମଣକୁ ପାକିସ୍ତାନ ପ୍ରତ୍ୟାଖ୍ୟାନ କରିବା ସହ ନିଜ ଦେଶରେ ଆକ୍ରମଣ କରୁଥିବା ଆତଙ୍କବାଦୀଙ୍କୁ ନିଶାଣ କରାଯାଉଥିବା କହିଛି।

## ମନି ଲଣ୍ଡରିଂ ମାମଲା: ଇଡି ଦ୍ୱାରା ୨ ଅଭିଯୁକ୍ତ ଗିରଫ



**ଚେନ୍ନାଇ:** କୃଷି ରପ୍ତାନି ବ୍ୟବସାୟରେ ଅଧିକ ଲାଭର ପ୍ରଲୋଭନ ଦେଖାଇ ପ୍ରାୟ ୩୬,୦୦ରେଜିଷ୍ଟ୍ରଡ୍ ନିବେଶକଙ୍କଠାରୁ ୧,୪୧୭.୮୬ କୋଟି ଟଙ୍କା ଠକେଇ କରିବା ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ୨ ଜଣ ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ହୋଇଥିବା ଅଭିଯୁକ୍ତ ଦ୍ୱୟ ହେଲେ ଏସ୍. ନବୀନ କୁମାର ଓ ଏସ୍. ମୁଥୁସେଲଭମ୍। ଗତ ସେପ୍ଟେମ୍ବର ୨୯ ତାରିଖରେ ମନି ଲଣ୍ଡରିଂ ନିରୋଧୀ ଆଇନ (ପିଏମ୍ଏଲ୍ଏ) ଅଧୀନରେ ସେମାନଙ୍କୁ ଗିରଫ କରାଯିବା ପରେ ପିଏମ୍ଏଲ୍ଏ ସ୍ୱତନ୍ତ୍ର କୋର୍ଟରେ ହାଜର କରାଯାଇଥିଲା, ଯେଉଁଠାରେ କୋର୍ଟ ସେମାନଙ୍କୁ ୧୫ ଦିନ ପାଇଁ ନ୍ୟାୟିକ ହାଜତ (ଜୁଡିସିଆଲ୍ କଷ୍ଟଡି) କୁ ପଠାଇ ଦେଇଛନ୍ତି।ଇଡିର ସୂଚନାନୁସାରେ, ତାମିଲନାଡୁର ଇରୋଡ୍ ଜିଲ୍ଲା କ୍ରାଇମ୍ ବ୍ରାଞ୍ଚ ପକ୍ଷରୁ ରୁଜୁ ହୋଇଥିବା ମାମଲା ଆଧାରରେ ଏହି ତଦନ୍ତ ଆରମ୍ଭ ହୋଇଥିଲା। ଅଭିଯୁକ୍ତମାନେ 'ଏମଏସ୍ ୟୁନିକ୍ ଏକ୍ସପୋର୍ଟ' ଓ 'ଇଷ୍ଟ୍ ଭ୍ୟାଲି ଆର୍ଗୋ ଫାର୍ମସ୍' ନାମକ ସଂସ୍ଥା ମାଧ୍ୟମରେ 'ୟୁଏନ୍ଆଇ', 'ଏଫ୍ଏନପି', 'ଏଫ୍ଏପି' ଓ 'ୟୁଏନ୍ଆର୍' ଭଳି ବିଭିନ୍ନ ପ୍ରଲୋଭନକାରୀ ନିବେଶ ଯୋଜନା ଚଲାଉଥିଲେ। କୃଷିଜାତ ଦ୍ରବ୍ୟ ରପ୍ତାନିରୁ ଅଧିକ ଲାଭ ମିଳୁଥିବା କହି ସେମାନେ ୩୫,୭୫୯ ଜଣ ନିବେଶକଙ୍କଠାରୁ ବିପୁଳ ପରିମାଣର ଅର୍ଥ ସଂଗ୍ରହ କରିଥିଲେ। ମାତ୍ର ଆର୍ଥିକ ଯାଞ୍ଚରୁ ଜଣାପଡ଼ିଛି ଯେ, ଏହି କମ୍ପାନୀଗୁଡ଼ିକ ପ୍ରକୃତରେ କୌଣସି ରପ୍ତାନି ବ୍ୟବସାୟ କରୁନଥିଲେ ଏବଂ ଏହା କେବଳ ଲୋକଙ୍କୁ ଠକିବା ପାଇଁ ଏକ ଜାଲ୍ ବିଛାଯାଇଥିଲା।ତଦନ୍ତରୁ ଆହୁରି ସ୍ପଷ୍ଟ ହୋଇଛି ଯେ, ନିବେଶକଙ୍କ ୭୧୯ କୋଟିରୁ ଅଧିକ ଟଙ୍କା ୧୦୦ରୁ ଊର୍ଦ୍ଧ୍ୱ ବିଭିନ୍ନ ବ୍ୟାଙ୍କ ଆକାଉଣ୍ଟ, ସହଯୋଗୀ ସଂସ୍ଥା, ପରିବାର ସଦସ୍ୟ ଏବଂ ନିକଟତର ଲୋକଙ୍କ ଆକାଉଣ୍ଟକୁ ପଠାଯାଇଥିଲା। ଏହି ପୁରା ଠକେଇର ମୁଖ୍ୟ ନାୟକ ନବୀନ କୁମାର ନିଜେ ସମସ୍ତ ବ୍ୟାଙ୍କିଙ୍ଗ କାରବାର ନିୟନ୍ତ୍ରଣ କରୁଥିଲେ। କମ୍ପାନୀରେ କେବଳ ୪ ଜଣ କର୍ମଚାରୀ ଥିବା ସତ୍ତ୍ୱେ ୩୯୦.୯୦ କୋଟି ଟଙ୍କା ମିଛରେ ଦରମା ବାବଦରେ ଦିଆଯାଇଥିବା ଦେଖାଯାଇଥିଲା ଏବଂ କୌଣସି ପ୍ରକୃତ କାରବାର ବିନା ୭୯.୫୬ କୋଟି ଟଙ୍କାର ପିଆଜ ଓ ଅନ୍ୟାନ୍ୟ କୃଷି ଦ୍ରବ୍ୟ କିଣାଯାଇଥିବା ଦର୍ଶାଯାଇଥିଲା।

## ମେକ୍ ମାଇଁ ଟ୍ରିପ୍ ପକ୍ଷରୁ "ପ୍ରାଇସ୍ ଡ୍ରପ୍ ପ୍ରୋଟେକ୍ସନ' ସୁବିଧା ଆରମ୍ଭ

**ମୁମ୍ବାଇ:** ଅନଲାଇନ୍ ଟ୍ରାଭେଲ୍ ପ୍ଲାଟଫର୍ମ ମେକ ମାଇଁ ଟ୍ରିପ୍ ପକ୍ଷରୁ ବିମାନ ଟିକେଟ୍ ବୁକିଂ ପରେ ଭଡ଼ା ହ୍ରାସ ପାଇଲେ ଯାତ୍ରୀଙ୍କୁ ମୂଲ୍ୟ ପାର୍ଥକ୍ୟ ଫେରସ୍ତ କରିବା ପାଇଁ "ପ୍ରାଇସ୍ ଡ୍ରପ୍ ପ୍ରୋଟେକ୍ସନ' ସୁବିଧା ଆରମ୍ଭ କରାଯାଇଛି। ଏହାଦ୍ୱାରା ଯାତ୍ରୀମାନେ ଆଗୁଆ ଟିକେଟ୍ ବୁକ୍ କରିବା ପରେ ଭଡ଼ା କମିଲେ ମଧ୍ୟ ଲାଭ ପାଇପାରିବେ। କମ୍ପାନୀର ଫ୍ଲାଇଟ୍ସ, କର୍ପୋରେଟ୍, ଜିସିସି ଓ ମାର୍କେଟିଂ ବିଭାଗର ସିଓଓ ରାଜ୍ ଋଷି ସିଂହଙ୍କ କହିବାନୁଯାୟୀ, ଏହି ସୁବିଧା ଯାତ୍ରୀଙ୍କୁ ଭଡ଼ା ହ୍ରାସ ନେଇ ଚିନ୍ତାମୁକ୍ତ କରିବା ସହ ଯାତ୍ରା ଯୋଜନାକୁ ସହଜ କରିବ। ଏହି ସୁବିଧାରେ ଘରୋଇ ବିମାନ ପାଇଁ ପ୍ରତି ଯାତ୍ରୀ ସର୍ବାଧିକ ୨,୫୦୦ ଟଙ୍କା ଏବଂ ଅନ୍ତର୍ଜାତୀୟ ବିମାନ ପାଇଁ ୩,୦୦୦ ଟଙ୍କା ପର୍ଯ୍ୟନ୍ତ ଭଡ଼ା ପାର୍ଥକ୍ୟ ଫେରସ୍ତ ମିଳିପାରିବ।

## ସ୍ମିତ ମଛାରଙ୍କ ସାହସକୁ ପ୍ରଶଂସା, ଦିଆଯାଉ ମହାବୀର ଚକ୍ର



**ନୂଆଦିଲ୍ଲୀ:** ଅଭିନେତ୍ରୀ ରବୀନା ଟଣ୍ଡନ ଓ ସୋନମ କପୁରଙ୍କ ସମେତ ଅନେକ ଭାରତୀୟ ସେଲିବ୍ରିଟି ଫ୍ଲାଇଦୁବାଇର ଏକ ବିମାନରେ ଘଟିଥିବା ଘଟଣା ସମୟରେ ଭାରତୀୟ ପାଇଲଟ୍ କ୍ୟାପ୍ଟେନ୍ ସ୍ମିତ ମଛାରଙ୍କ ସାହସ ଓ ଉପସ୍ଥିତ ବୁଦ୍ଧିର ପ୍ରଶଂସା କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଧ୍ୟ କହିଛନ୍ତି ଯେ, ସ୍ମିତଙ୍କ କାର୍ଯ୍ୟ ଯୋଗୁଁ ଏକ ବଡ଼ ଦୁର୍ଘଟଣା ଟଳିଯାଇଛି। ଏବେ ଜାଭେଦ ଅଖତର ମଧ୍ୟ ସ୍ମିତଙ୍କୁ ଖୋଲାଖୋଲି ପ୍ରଶଂସା କରିବା ସହ ତାଙ୍କୁ ମହାବୀର ଚକ୍ର ଦିଆଯିବା ଉଚିତ ବୋଲି କହିଛନ୍ତି।ରବୀନା ଟଣ୍ଡନ ନିଜ ଇନ୍ଷ୍ଟାଗ୍ରାମ ଷ୍ଟୋରିରେ ଅନେକ ପୋଷ୍ଟ ସେୟାର କରି ସ୍ମିତ ମଛାରଙ୍କ ସାହସିକତା ଏବଂ ବିମାନରେ ଥିବା ଯାତ୍ରୀମାନଙ୍କ ଜୀବନ ରକ୍ଷାରେ ତାଙ୍କ ଭୂମିକାକୁ ପ୍ରଶଂସା କରିଛନ୍ତି।ଜାଭେଦ ଅଖତର ଲେଖିଛନ୍ତି, 'ସ୍ମିତ ମଛାରଙ୍କୁ ସଲାମ!! ନିଃସନ୍ଦେହରେ ସେ ମହାବୀର ଚକ୍ର ଭଳି ସମ୍ମାନ ପାଇବାର ଅଧିକାରୀ। ସମିତା ଶେଟ୍ଟୀ ଏବଂ ରିଦ୍ଧିମା କପୁର ସାହନୀଙ୍କ ସମେତ ଅନେକ ପ୍ରସିଦ୍ଧ ବ୍ୟକ୍ତି ମଧ୍ୟ ଭାରତୀୟ ପାଇଲଟଙ୍କ ସାହସିକତାର ପ୍ରଶଂସା କରିଛନ୍ତି। ଏହି ମଧ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶୁକ୍ରବାର ଭିଡିଓ କଲ୍ ମାଧ୍ୟମରେ କ୍ୟାପ୍ଟେନ୍ ସ୍ମିତ ମଛାରଙ୍କ ସହ କଥା ହୋଇଥିଲେ। ତେଲ ଆଭିଭ୍ ଯାଉଥିବା ଫ୍ଲାଇଦୁବାଇର ଏକ ବିମାନରେ ତାଙ୍କ କୋ-ପାଇଲଟ୍ ତାଙ୍କ ଉପରେ ଛୁରୀରେ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି।କଥାବାର୍ତ୍ତା ସମୟରେ ସ୍ମିତ ମଛାର ଭାବପ୍ରବଣ ହୋଇଯାଇଥିଲେ। ସେ ମୋଦୀଙ୍କୁ କହିଥିଲେ ଯେ, ତାଙ୍କ ସହ କଥା ହେବା ତାଙ୍କ ପାଇଁ ଏକ ବିଶେଷ ମୁହୂର୍ତ୍ତ। ସେ ପ୍ରଧାନମନ୍ତ୍ରୀଙ୍କୁ ନିଜର ସବୁଠାରୁ ବଡ଼ ଆଦର୍ଶ ବୋଲି ମଧ୍ୟ କହିଥିଲେ।ଭିଡିଓ କଲ୍ ସମୟରେ ସ୍ମିତ ମଛାର ମୋଦୀଙ୍କୁ କହିଥିଲେ ଯେ, ସେ ଯେତେବେଳେ କୌଣସି କଠିନ ପରିସ୍ଥିତିରେ ପଡ଼ନ୍ତି, ସେତେବେଳେ ହନୁମାନ ଚାଳିଶା ପାଠ କରନ୍ତି। ଫ୍ଲାଇଦୁବାଇ ବିମାନରେ ସଙ୍କଟର ସେହି କଠିନ ସମୟରେ ମଧ୍ୟ ସେ ହନୁମାନ ଚାଳିଶା ପଢୁଥିଲେ ।

# ଏସିଆଡରେ ଭାରତର ସ୍ୱର୍ଣ୍ଣିମ ଦିନ

## ଗୋଟିଏ ଦିନରେ ୬ ସ୍ୱର୍ଣ୍ଣ, ୪୪ ବର୍ଷର ଅପେକ୍ଷା ଅନ୍ତ; ହକିରୁ ବକ୍ସିଂ, କୁସ୍ତିରୁ ଆର୍ଚ୍ଚେରୀ—ଭାରତର ସୁନା ଝଡ଼

ଗୋଟିଏ ଦିନ, ଛଅଟି ସ୍ୱର୍ଣ୍ଣ ଏବଂ ଭାରତୀୟ କ୍ରୀଡ଼ା ଇତିହାସରେ ଅନେକ ନୂଆ ଅଧ୍ୟାୟ। ଏସିଆନ୍ ଗେମ୍ସ ୨୦୨୬ର ଦିନ-୧୩ ଭାରତୀୟ କ୍ରୀଡ଼ା ପାଇଁ ପାଲଟିଛି ଏକ ସ୍ମରଣୀୟ ସୁବର୍ଣ୍ଣ ଦିନରେ। ହକିରେ ଦୀର୍ଘ ୪୪ ବର୍ଷର ଅପେକ୍ଷାର ଅନ୍ତ, ବକ୍ସିଂ ରିଙ୍ଗରେ ତିନିଟି ସ୍ୱର୍ଣ୍ଣ, କୁସ୍ତି ମ୍ୟାଟ୍ରେ ଅବିଶ୍ୱସନୀୟ ପ୍ରତ୍ୟାବର୍ତ୍ତନ ଏବଂ ରିକର୍ଭ ଆର୍ଚ୍ଚେରୀରେ ଐତିହାସିକ ପ୍ରଥମ ସ୍ୱର୍ଣ୍ଣ—ଏକାଧିକ ଖେଳରେ ଭାରତୀୟ କ୍ରୀଡ଼ାବିମାନେ ଦେଶକୁ ଗର୍ବିତ କରିଛନ୍ତି। ଦିନଟିରେ ଭାରତୀୟ ଦଳର ପ୍ରଦର୍ଶନ ଏତେ ପ୍ରଭାବଶାଳୀ ଥିଲା ଯେ ଅଳ୍ପ ସମୟ ମଧ୍ୟରେ ପଦକ ତାଲିକାରେ ଦେଶର ସ୍ଥିତିରେ ବଡ଼ ପରିବର୍ତ୍ତନ ଆସିଥିଲା। ଦିନର ସବୁଠାରୁ ଭାବପ୍ରବଣ ମୁହୂର୍ତ୍ତ ଆସିଥିଲା ମହିଳା ହକି ଫାଇନାଲ୍ରେ। ଡିଫେଣ୍ଡିଂ ଚାମ୍ପିଅନ୍ ଚୀନକୁ ୧-୦ରେ ପରାସ୍ତ କରି ଭାରତୀୟ ମହିଳା ଦଳ ୧୯୮୨ ପରେ ପୁଣିଥରେ ଏସିଆନ୍ ଗେମ୍ସରେ ସ୍ୱର୍ଣ୍ଣ ଜିତିଛି। ଲାଲରେମସିଆମିଙ୍କ ନିର୍ଣ୍ଣାୟକ ଗୋଲ୍ ଓ ଶେଷ ପର୍ଯ୍ୟନ୍ତ ଭାରତୀୟ ରକ୍ଷଣଭାଗର ଦୃଢ଼ ପ୍ରଦର୍ଶନ ଦଳକୁ ଐତିହାସିକ ବିଜୟ ଦେଇଛି। ଏହି ସ୍ୱର୍ଣ୍ଣ ସହ ଭାରତ ୨୦୨୮ ଲସ୍ ଆଞ୍ଜେଲସ୍ ଅଲିମ୍ପିକ୍ସ ପାଇଁ ମହିଳା ହକିରେ ସିଧାସଳଖ ଯୋଗ୍ୟତା ମଧ୍ୟ ହାସଲ କରିଛି। ଅନ୍ୟପଟେ ବକ୍ସିଂ ରିଙ୍ଗରେ ଭାରତର ସୁନା ଅଭିଯାନକୁ ଆହୁରି ମଜବୁତ କରିଥିଲେ ଲଭଲିନା ବୋର୍ଗୋହେନ୍, ପରଭୀନ୍ ହୁଡ୍ଡା ଓ ଅଙ୍କୁଶ ପାଙ୍ଗହାଲ। ଲଭଲିନା ମହିଳା ୭୫ କେଜି, ପରଭୀନ୍ ୬୫ କେଜି ଏବଂ ଅଙ୍କୁଶ ପୁରୁଷ ୮୦ କେଜି ବର୍ଗରେ ସ୍ୱର୍ଣ୍ଣ ଜିତି ଭାରତ ପାଇଁ ଏକ ଦିନରେ ବକ୍ସିଂରେ ତିନିଟି ସୁନା ନିଶ୍ଚିତ କରିଥିଲେ। କୁସ୍ତିରେ ସୁଜିତ କଲକାଲଙ୍କ କମ୍ବ୍ୟାକ୍ ଦିନଟିର ଆଉ ଏକ ବଡ଼ ଆକର୍ଷଣ ଥିଲା। ପୁରୁଷ ୬୫ କେଜି ଫ୍ରିଷ୍ଟାଇଲ୍ ଫାଇନାଲରେ ସେ ତାଜିକିସ୍ତାନର ଅବଦୁଲମାଜିଦ୍ କୁଦିଏଭଟଠାରୁ ୨-୯ରେ ପଛୁଆ ଥିବା ସତ୍ତ୍ୱେ ଲଗାତାର ୮ ପଏଣ୍ଟ ହାସଲ କରି ୧୦-୯ରେ ବିଜୟୀ ହୋଇ ସ୍ୱର୍ଣ୍ଣ ଛଡ଼ାଇ ଆଣିଥିଲେ। ଏହାପରେ ରିକର୍ଭ ଆର୍ଚ୍ଚେରୀରେ ଅଙ୍କିତା ଭକତ, କୀର୍ତ୍ତି ଶର୍ମା ଓ କୁମକୁମ ମହୋଦଙ୍କ ତ୍ରୟୀ ଦକ୍ଷିଣ କୋରିଆକୁ ୫-୩ରେ ହରାଇ ଏହି ବିଭାଗରେ ଭାରତ ପାଇଁ ପ୍ରଥମ ଏସିଆନ୍ ଗେମ୍ସ ସ୍ୱର୍ଣ୍ଣ ଜିତି ଇତିହାସ ରଚିଥିଲେ। ଏକ ଦିନରେ ଛଅଟି ସ୍ୱର୍ଣ୍ଣ ସହ ଭାରତୀୟ ଅଭିଯାନ ଏବେ ନୂଆ ଉତ୍ସାହ ଓ ଆଶା ସହ ଆଗକୁ ବଢ଼ିଛି।



### ହକି ଇଣ୍ଡିଆର ବଡ଼ ପୁରସ୍କାର ଘୋଷଣା; ଖେଳାଳିଙ୍କୁ ୧୧ ଲକ୍ଷ, ସପୋର୍ଟ ଷ୍ଟାଫଙ୍କୁ ୫.୫ ଲକ୍ଷ

୪୪ ବର୍ଷର ଦୀର୍ଘ ଅପେକ୍ଷାର ଅନ୍ତ ଘଟାଇ ଏସିଆଡରେ ମହିଳା ହକିରେ ସ୍ୱର୍ଣ୍ଣ ପଦକ ଜିତିଥିବା ଭାରତୀୟ ଦଳ ଏବେ ପୁରସ୍କାରରେ ବି ସମ୍ମାନିତ ହେବ। ଐତିହାସିକ ସଫଳତା ପରେ ହକି ଇଣ୍ଡିଆ ପ୍ରତ୍ୟେକ ଖେଳାଳିଙ୍କ ପାଇଁ ୧୧ ଲକ୍ଷ ଟଙ୍କାର ନଗଦ ପୁରସ୍କାର ଘୋଷଣା କରିଛି। ସେହିପରି ଦଳର ପ୍ରତ୍ୟେକ ସପୋର୍ଟ ଷ୍ଟାଫ୍ ସଦସ୍ୟଙ୍କୁ ୫.୫ ଲକ୍ଷ ଟଙ୍କା ଲେଖାଏଁ ପୁରସ୍କାର ମିଳିବ। ୧୯୮୨ରେ ଦିଲ୍ଲୀ ଏସିଆଡରେ ପ୍ରଥମଥର ମହିଳା ହକିରେ ସ୍ୱର୍ଣ୍ଣ ଜିତିଥିବା ଭାରତ ପାଇଁ ଏହା ଦ୍ୱିତୀୟ ଏସିଆଡ୍ ସ୍ୱର୍ଣ୍ଣ। ଦୀର୍ଘ ୪୪ ବର୍ଷ ପରେ ଦଳ ପୁଣି ଏସିଆର ଶୀର୍ଷ ସ୍ଥାନକୁ ଫେରିଛି। ଏହି ବିଜୟ ସହ ଭାରତୀୟ ମହିଳା ହକି ଦଳ ୨୦୨୮ ଲସ୍ ଏଞ୍ଜେଲସ୍ ଅଲିମ୍ପିକ୍ସ ପାଇଁ ସିଧାସଳଖ ଯୋଗ୍ୟତା ମଧ୍ୟ ହାସଲ କରିଛି। ହକି ଇଣ୍ଡିଆ ସମ୍ପାଦକ ଭୋଳାନାଥ ସିଂହ ଦଳର ପ୍ରଦର୍ଶନକୁ ପ୍ରଶଂସା କରି ଏହି ପୁରସ୍କାର ଘୋଷଣା କରିଛନ୍ତି। ତାଙ୍କ ଅନୁଯାୟୀ, ଚୀନ୍ ଭଳି ଶକ୍ତିଶାଳୀ ଦଳ ବିପକ୍ଷରେ ଭାରତୀୟ ଖେଳାଳିମାନେ ଯେଉଁ ସାହସ, ଧୈର୍ଯ୍ୟ ଓ ଦୃଢ଼ତା ଦେଖାଇଛନ୍ତି, ତାହା ଏହି ଐତିହାସିକ ବିଜୟକୁ ଅଧିକ ସ୍ମରଣୀୟ କରିଛି।



### ୪୪ ବର୍ଷ ପରେ ସୁନା, ଏସିଆଡରେ ଅଲିମ୍ପିକ୍ସ ଯୋଗ୍ୟତା

ଦିନର ସବୁଠାରୁ ବଡ଼ ଅଧ୍ୟାୟ ଲେଖିଥିଲା ଭାରତୀୟ ମହିଳା ହକି ଦଳ। ଫାଇନାଲରେ ଡିଫେଣ୍ଡିଂ ଚାମ୍ପିଅନ୍ ଚୀନକୁ ୧-୦ରେ ପରାସ୍ତ କରି ଭାରତ ୧୯୮୨ ପରେ ପ୍ରଥମ ଥର ପାଇଁ ଏସିଆନ୍ ଗେମ୍ସ ମହିଳା ହକିରେ ସ୍ୱର୍ଣ୍ଣ ଜିତିଛି। ଅର୍ଥାତ୍ ଦୀର୍ଘ ୪୪ ବର୍ଷର ଅପେକ୍ଷାର ଅନ୍ତ ଘଟିଛି। ଭାରତର ଏହି ଐତିହାସିକ ବିଜୟର ମୁଖ୍ୟ ନାୟିକା ଥିଲେ ଲାଲରେମସିଆମି। ମ୍ୟାଚର ଦଶମ ମିନିଟରେ ତାଙ୍କ ଦୁର୍ଦ୍ଦାନ୍ତ ରିଭର୍ସ-ଷ୍ଟିକ୍ ଷ୍ଟ୍ରାଇକ୍ ଚୀନ୍ର ଗୋଲ୍ପୋଷ୍ଟକୁ ଭେଦ କରିଥିଲା। ଏହି ଏକମାତ୍ର ଗୋଲ୍ ଶେଷ ପର୍ଯ୍ୟନ୍ତ ଭାରତର ଜିତର ଆଧାର ହୋଇଥିଲା। କିନ୍ତୁ ଗୋଲ୍ ପରେ ଭାରତର ପାଇଁ ଆରମ୍ଭ ହୋଇଥିଲା ପ୍ରକୃତ ପରୀକ୍ଷା। ଚୀନ୍ ଲଗାତାର ଆକ୍ରମଣ କରିଥିଲା। ଭାରତୀୟ ରକ୍ଷଣଭାଗ ଉପରେ ଚାପ ବଢୁଥିଲା। ତଥାପି ଗୋଲକିପର୍ ବିଚ୍ଚୁ ଦେବୀ ଓ ଡିଫେନ୍ସର ଖେଳାଳିମାନେ ଏକାଧିକ ଆକ୍ରମଣକୁ ରୋକିଥିଲେ। ଖେଳାଳିମାନେ ଗୋଲ୍ ବଞ୍ଚାଇବା ପାଇଁ ଶରୀର ଲଗାଇ ଖେଳିଥିଲେ। ଶେଷ ସିଟି ବାଜିବା ସହ ଭାରତୀୟ ଶିବିରରେ ଆରମ୍ଭ ହୋଇଥିଲା ସୁବର୍ଣ୍ଣ ଉତ୍ସବ। ଏହି ବିଜୟର ଆଉ ଏକ ବଡ଼ ଗୁରୁତ୍ୱ ରହିଛି। ଏସିଆନ୍ ଗେମ୍ସରେ ଚାମ୍ପିଅନ୍ ହେବା ଫଳରେ ଭାରତ ୨୦୨୮ ଲସ୍ ଆଞ୍ଜେଲସ୍ ଅଲିମ୍ପିକ୍ସ ପାଇଁ ସିଧାସଳଖ ଯୋଗ୍ୟତା ହାସଲ କରିଛି।

### ବକ୍ସିଂ ରିଙ୍ଗରେ ସୁନାର ହ୍ୟାଟ୍ରିକ୍

ହକିର ସ୍ୱର୍ଣ୍ଣ ପରେ ଭାରତୀୟ ବକ୍ସିଂ ଦିନକୁ ଆହୁରି ସୁନାରେ ରଙ୍ଗାଇ ଦେଇଥିଲା। ଏକା ଦିନରେ ଭାରତ ତିନିଟି ବକ୍ସିଂ ସ୍ୱର୍ଣ୍ଣ ଜିତିଥିଲା। ଲଭଲିନା ବୋର୍ଗୋହେନ୍, ପରଭୀନ୍ ହୁଡ୍ଡା ଓ ଅଙ୍କୁଶ ପାଙ୍ଗହାଲ ନିଜ ନିଜ ଫାଇନାଲ୍ରେ ବିଜୟୀ ହୋଇ ଦେଶ ପାଇଁ ସୁନା ଆଣିଥିଲେ। ୭୫ କେଜି ମହିଳା ବର୍ଗର ଫାଇଲେରେ ଲଭଲିନା ବୋର୍ଗୋହେନ୍ ଚୀନ୍ର ବାଓ ଜିୟିଙ୍କୁ ୫-୦ରେ ପରାସ୍ତ କରିଥିଲେ। ଏହି ବିଜୟ ତାଙ୍କ ପାଇଁ ବିଶେଷ, କାରଣ ଏହା ତାଙ୍କ ୨୯ତମ ଜନ୍ମଦିନରେ ଆସିଥିଲା। ପୂର୍ବ ଏସିଆନ୍ ଗେମ୍ସରେ ରୌପ୍ୟ ଜିତିଥିବା ଲଭଲିନା ଏଥର ତାହାକୁ ସ୍ୱର୍ଣ୍ଣରେ ପରିଣତ କରିଛନ୍ତି। ୬୫ କେଜି ବର୍ଗରେ ପରଭୀନ୍ ହୁଡ୍ଡାଙ୍କ ବିଜୟ ମଧ୍ୟ ଉଲ୍ଲେଖନୀୟ। ସେ ପ୍ୟାରିସ୍ ଅଲିମ୍ପିକ୍ସର କାଂସ୍ୟ ପଦକ ବିଜେତା ଚାଇନିଜ୍ ତାଇପେଇର ଚେନ୍ ନିଏନ୍-ଚିନଠୁ କଡ଼ା ମୁକାବିଲାରେ ୩-୨ରେ ହରାଇଥିଲେ। ଏହି ବିଜୟ ପରଭୀନ୍ଙ୍କ ପାଇଁ ଏକ ବଡ଼ ପ୍ରତ୍ୟାବର୍ତ୍ତନର ଅଧ୍ୟାୟ ମଧ୍ୟ ହୋଇଛି। ପୁରୁଷ ୮୦ କେଜି ବର୍ଗରେ ଅଙ୍କୁଶ ପାଙ୍ଗହାଲ ମଧ୍ୟ ସ୍ୱର୍ଣ୍ଣ ଜିତି ଭାରତର ବକ୍ସିଂ ସଫଳତାକୁ ହ୍ୟାଟ୍ରିକରେ ପରିଣତ କରିଥିଲେ। ଏସିଆନ୍ ଗେମ୍ସରେ ଅମିତ ପାଙ୍ଗହାଲଙ୍କ ୨୦୧୮ ସ୍ୱର୍ଣ୍ଣ ପରେ ଅଙ୍କୁଶ ପୁରୁଷ ବକ୍ସିଂରେ ପୁଣି ଏକ ସୁନା ଆଣିଛନ୍ତି। ଏହି ତିନି ସ୍ୱର୍ଣ୍ଣ ସହ ଭାରତୀୟ ବକ୍ସିଂ ଦଳର ମୋଟ ପଦକ ସଂଖ୍ୟା ୬ରେ ପହଞ୍ଚିଥିଲା। ପ୍ରିୟା ଘାଙ୍ଗାସ୍, କପିଲ ପୋଖରିୟା ଓ ନରେନ୍ଦର ବେରୱାଲ୍ କାଂସ୍ୟ ପଦକ ଜିତିଥିଲେ। ଗୁଆଞ୍ଜୁ ୨୦୧୦ରେ ଭାରତୀୟ ବକ୍ସିଂ ଦଳର ସର୍ବଶ୍ରେଷ୍ଠ ୯ ପଦକର ରେକର୍ଡ ଥିବାବେଳେ ଏଥର ଅଭିଯାନ ଏପର୍ଯ୍ୟନ୍ତ ମଧ୍ୟ ଶକ୍ତିଶାଳୀ ରହିଛି।

### ହାରିବାକୁ ମାନିଲେନି ସୁଜିତ

ଦିନ-୧୩ର ଆଉ ଏକ ବଡ଼ ନାଟକୀୟ ଅଧ୍ୟାୟ ଲେଖିଥିଲେ କୁସ୍ତିଯୋଦ୍ଧା ସୁଜିତ କଲକାଲ। ପୁରୁଷ ୬୫ କେଜି ଫ୍ରିଷ୍ଟାଇଲ୍ ଫାଇନାଲରେ ତାଜିକିସ୍ତାନର ଅବଦୁଲମାଜିଦ୍ କୁଦିଏଭଟି ବିପକ୍ଷରେ ସୁଜିତ ଏକ ସମୟରେ ୨-୯ରେ ପଛରେ ଥିଲେ। ଲାଗୁଥିଲା ସ୍ୱର୍ଣ୍ଣ ତାଙ୍କ ହାତରୁ ଖସିଯାଉଛି। କିନ୍ତୁ ସୁଜିତ ହାର ମାନିନଥିଲେ। ଶେଷ ପର୍ଯ୍ୟାୟରେ ସେ ଗତି ଓ କୌଶଳର ଅଦ୍ଭୁତ ପ୍ରଦର୍ଶନ କରି ଲଗାତାର ୮ ପଏଣ୍ଟ ହାସଲ କରିଥିଲେ। ସ୍କୋର୍ ୮-୯କୁ ଆସିବା ପରେ ନିର୍ଣ୍ଣାୟକ ଟେକଡାଉନରେ ସେ ୧୦-୯ର ଅଗ୍ରଣୀ ନେଇଥିଲେ। ପ୍ରାୟ ୨୦ ସେକେଣ୍ଡ ବାକି ଥିବାବେଳେ ମିଳିଥିବା ଏହି ଅଗ୍ରଣୀକୁ ଶେଷ ପର୍ଯ୍ୟନ୍ତ ସୁରକ୍ଷିତ ରଖି ସୁଜିତ ସ୍ୱର୍ଣ୍ଣ ଜିତିଥିଲେ। ତାଙ୍କ ଅଭିଯାନ ମଧ୍ୟ ଦୃଢ଼ ଥିଲା। ପ୍ରଥମ ମୁକାବିଲାରେ ସେ ଆଫଗାନିସ୍ତାନର ସୟଦ ଓମାର ଜାଜାଇଙ୍କୁ ୧୩-୩ରେ ପରାସ୍ତ କରିଥିଲେ। ପରେ ଇରାନର ଅବ୍ବାସ୍ ଇବ୍ରାହିମଜାଦେହସାଭାଦକୋହିଙ୍କୁ ଟେକ୍ନିକାଲ୍ ସୁପିରିଅରିଟିରେ ହରାଇଥିଲେ। ସେମିଫାଇନାଲରେ ଜାପାନର ଅଲିମ୍ପିକ୍ ଚାମ୍ପିଅନ୍ କୋଟାରୋ କିୟୋକୋଙ୍କୁ ୩-୩ ସ୍କୋର୍ରେ କ୍ରାଇଟେରିଆ ଆଧାରରେ ହରାଇ ଫାଇନାଲକୁ ଆସିଥିଲେ।

### ଆର୍ଚ୍ଚେରୀରେ ନୂଆ ଇତିହାସ

ଭାରତର ସୁବର୍ଣ୍ଣ ଅଭିଯାନ ଆରମ୍ଭ ହୋଇଥିଲା ଆର୍ଚ୍ଚେରୀ ରେଞ୍ଜରେ। ଅଙ୍କିତା ଭକତ, କୀର୍ତ୍ତି ଶର୍ମା ଓ ୧୭ ବର୍ଷୀୟ କୁମକୁମ ମହୋଦଙ୍କ ଭାରତୀୟ ମହିଳା ରିକର୍ଭ ଦଳ ଫାଇନାଲରେ ଶକ୍ତିଶାଳୀ ଦକ୍ଷିଣ କୋରିଆକୁ ୫-୩ରେ ପରାସ୍ତ କରି ଇତିହାସ ରଚିଥିଲା। ମହିଳା ରିକର୍ଭ ଟିମ୍ ଇଭେଣ୍ଟରେ ଏହା ଭାରତର ପ୍ରଥମ ଏସିଆନ୍ ଗେମ୍ସ ସ୍ୱର୍ଣ୍ଣ।

ବିଶେଷ କଥା ହେଉଛି, ଦକ୍ଷିଣ କୋରିଆ ଏହି ଇଭେଣ୍ଟରେ ଦୀର୍ଘ ସମୟ ଧରି ଏକ ପ୍ରମୁଖ ଶକ୍ତି ରହିଆସିଛି। ତେଣୁ ତାଙ୍କୁ ଫାଇନାଲରେ ପରାସ୍ତ କରିବା ଭାରତୀୟ ରିକର୍ଭ ଆର୍ଚ୍ଚେରୀ ପାଇଁ ବିଶେଷ ମାନ୍ୟତା ବହନ କରୁଛି। ପବନର କଠିନ ପରିସ୍ଥିତି ମଧ୍ୟରେ ଭାରତୀୟ ତ୍ରୟୀ ନିଜ ନିୟନ୍ତ୍ରଣ ଓ ଏକାଗ୍ରତା ବଜାୟ ରଖିଥିଲେ। କୁମକୁମଙ୍କ ପାଇଁ ଦିନଟି ଆହୁରି ବିଶେଷ ହୋଇଥିଲା। ମହିଳା ଦଳ ସହ ସ୍ୱର୍ଣ୍ଣ ଜିତିବା ପରେ ସେ ଧୀରଜ ବୋମ୍ମାଦେବରାଙ୍କ ସହ ମିଶ୍ରିତ ରିକର୍ଭ ଦଳରେ ରୌପ୍ୟ ମଧ୍ୟ ଜିତିଥିଲେ। ଫାଇଲେରେ ଭାରତୀୟ ଯୋଡ଼ି ଚୀନରୁ ୩-୫ରେ ପରାସ୍ତ ହୋଇଥିଲେ। ପୁରୁଷ ରିକର୍ଭ ଦଳ ମଧ୍ୟ ରୌପ୍ୟ ଜିତିଥିଲା। ଏହା ସହ ଏସିଆନ୍ ଗେମ୍ସ ୨୦୨୬ରେ ଭାରତର ଆର୍ଚ୍ଚେରୀ ପଦକ ସଂଖ୍ୟା ୭କୁ ବଢ଼ିଥିଲା—୪ ସ୍ୱର୍ଣ୍ଣ, ୨ ରୌପ୍ୟ ଓ ୧ କାଂସ୍ୟ। କମ୍ପାଉଣ୍ଡ ବିଭାଗରେ ଭାରତୀୟ ଖେଳାଳିମାନେ ପୂର୍ବରୁ ଦଳଗତ ସ୍ୱର୍ଣ୍ଣରେ ଦମ୍ ଦେଖାଇଥିଲେ।

### କେବଳ ୬ ସ୍ୱର୍ଣ୍ଣ ନୁହେଁ, ଆଉ ପଦକ ମଧ୍ୟ

ଦିନ-୧୩ରେ ଭାରତୀୟ ଖେଳାଳିମାନେ ଅନ୍ୟ ଇଭେଣ୍ଟରେ ମଧ୍ୟ ପଦକ ଜିତିଥିଲେ। ନେତ୍ରା କୁମାନନ୍ ମହିଳା ଡିଙ୍ଗି ଇଭେଣ୍ଟରେ କାଂସ୍ୟ ଜିତିଥିଲେ। ହର୍ଷିତା ତୋମାର ଓ ଶୀତଲ ବର୍ମା ମହିଳା ସ୍କିଫ୍ରେ କାଂସ୍ୟ ହାସଲ କରିଥିଲେ। ପୁରୁଷ କ୍ୱାଡ୍ରାଣ୍ଟ ଦଳ ମଧ୍ୟ ସେପାକ୍ ଟାକ୍ରୋରେ କାଂସ୍ୟ ପଦକ ଜିତିଥିଲା। ଏହି ଫଳାଫଳ ଦେଖାଇଛି ଯେ ଦିନ-୧୩ରେ ଭାରତର ସଫଳତା କେବଳ ଗୋଟିଏ କିମ୍ବା ଦୁଇଟି କ୍ରୀଡ଼ାରେ ସୀମିତ ରହିନଥିଲା। ହକି, ବକ୍ସିଂ, କୁସ୍ତି ଓ ଆର୍ଚ୍ଚେରୀ ଭଳି ଭିନ୍ନ ଭିନ୍ନ ଖେଳରେ ଭାରତୀୟ ଖେଳାଳିମାନେ ସ୍ୱର୍ଣ୍ଣ ଜିତିଥିବା ବେଳେ ସେଲିଂ ଓ ସେପାକ୍ ଟାକ୍ରୋ ଭଳି ଖେଳରୁ ମଧ୍ୟ ପଦକ ଆସିଥିଲା।

### ଏସିଆଡ୍ ଉଦଯାପନୀ ନୀରୁ ପତାକା ବାହକ

ଏସିଆଡରେ ଚମତ୍କାର ପ୍ରଦର୍ଶନ କରି ଦୁଇଟି ସ୍ୱର୍ଣ୍ଣ ଓ ଗୋଟିଏ ରୌପ୍ୟ ପଦକ ଜିତିଥିବା ଭାରତୀୟ ଟ୍ରାପ୍ ଶୁଟର ନୀରୁ ଧାଣ୍ଡାଙ୍କୁ ମିଳିଛି ଆଉ ଏକ ବଡ଼ ସମ୍ମାନ। ରବିବାର ଏସିଆନ୍ ଗେମ୍ସର ଉଦଯାପନୀ ସମାରୋହରେ ନୀରୁ ଭାରତର ମହିଳା



ଫ୍ଲାଗ୍ ବିଅରର ଭାବେ ତ୍ରିରଙ୍ଗା ଧରିବେ। ଡେପୁଟି ଚେଫ୍ ଡି ମିସନ୍ ଅଞ୍ଜଳି ଭଗବତ୍ ଶୁକ୍ରବାର ଏହି ସୂଚନା ଦେଇଛନ୍ତି। ୨୭ ବର୍ଷୀୟା ନୀରୁ ଏଥର ଏସିଆଡ୍ରେ ମହିଳା ବ୍ୟକ୍ତିଗତ ଟ୍ରାପରେ ସ୍ୱର୍ଣ୍ଣ ଜିତିଥିଲେ। ପରେ ମନୀଷା କୀର ଓ ଆଶିମା ଅହଲାୱତଙ୍କ ସହ ମହିଳା ଟିମ୍ ଟ୍ରାପରେ ରୌପ୍ୟ ପଦକ ହାସଲ କରିଥିଲେ। ଏହାପରେ କାଇନାନ୍ ଚେନାଇଙ୍କ ସହ ମିଶି ମିକ୍ସଡ୍ ଟିମ୍ ଟ୍ରାପରେ ଆଉ ଏକ ସ୍ୱର୍ଣ୍ଣ ଜିତି ନିଜ ପଦକ ସଂଖ୍ୟା ୩ରେ ପହଞ୍ଚାଇଥିଲେ। ତୃତୀୟ ପଦକ ଜିତିବା ପରେ ନୀରୁ ଭାରତ ଫେରିଥିଲେ। ଏବେ ଉଦଯାପନୀ ସମାରୋହରେ ଭାରତୀୟ ଦଳର ନେତୃତ୍ୱ ନେବା ପାଇଁ ସେ ଶନିବାର ସକାଳେ ପୁଣି ନାଗୋୟା ଫେରିବେ। ତାଙ୍କ ଦୁଇ ସ୍ୱର୍ଣ୍ଣ ଓ ଗୋଟିଏ ରୌପ୍ୟ ପଦକ ତାଙ୍କୁ ଏହି ଏସିଆଡର ଭାରତୀୟ ଦଳର ଅନ୍ୟତମ ସଫଳ ପ୍ରଦର୍ଶନକାରୀ ଭାବେ ପରିଚିତ କରିଛି।

## ଗ୍ରାଣ୍ଡ ମାଷ୍ଟର୍ ସ୍ୱୟଂସ ମିଶ୍ରଙ୍କୁ ସମ୍ବର୍ଦ୍ଧନା



ଭୁବନେଶ୍ୱର,୨।୧୦(ସବ୍ୟୁ): ଭୁବନେଶ୍ୱର ନିକଟରେ ଉଜବେକିସ୍ତାନରେ ସମ୍ପନ୍ନ ୪୬ତମ ମର୍ଯ୍ୟାଦାଜନକ ଚେସ୍ ଅଲିମ୍ପିଆଡରେ ଦଳଗତ ବ୍ରୋଞ୍ଜ ପଦକ ଜିତିଥିବା ଭାରତୀୟ ମହିଳା ଚେସ୍ ଦଳର ପ୍ରଶିକ୍ଷକ ଏବଂ ଅଧିନାୟକ ଓଡ଼ିଶାର ଦ୍ୱିତୀୟ ଗ୍ରାଣ୍ଡ ମାଷ୍ଟର୍ ସ୍ୱୟଂସ ମିଶ୍ରଙ୍କୁ ଏଓସିଏର ସଭାପତି ସତ୍ୟ ରଞ୍ଜନ ପଟ୍ଟନାୟକ, ଏଓସିଏର କାର୍ଯ୍ୟକାରୀ ସମ୍ପାଦକ ତଥା କେନ୍ଦ୍ରାପଡ଼ା ଜିଲ୍ଲା ଚେସ ସଂଘ ସମ୍ପାଦକ ଭବେଶ ମହାନ୍ତି, ଖୋର୍ଦ୍ଧା ଜିଲ୍ଲା ଚେସ୍ ସଂଘ ସମ୍ପାଦକ ସୁଭାଶିଷ ପଟ୍ଟନାୟକ ଏବଂ ଏଆଇସିଏଫର ଇଭେଣ୍ଟସ୍ କମିଟିର ସଦସ୍ୟ ରଞ୍ଜନ ମହାନ୍ତି (ଆଇଆର୍ଏସ) ଉପସ୍ଥିତ ରହି ସମ୍ମାନିତ କରିଥିଲେ। ଏହି ଅବସରରେ ଭାରତର ସର୍ବ କନିଷ୍ଠା ବାଳିକା ରେଟେଡ ଚେସ ଖେଳାଳି ବିସ୍ମୟୀ ବାଳିକା ଏଲିନା ମିଶ୍ର ଙ୍କୁ ମଧ୍ୟ ସମ୍ବର୍ଦ୍ଧନା କରାଯାଇଥିଲା। ଉତ୍ସବରେ ସ୍ୱୟଂସଙ୍କ ପିତାମାତା ଦିଲ୍ଲୀପ ମିଶ୍ର ଏବଂ ପ୍ରତିଭା ମିଶ୍ର ଏବଂ ପତ୍ନୀ ଚନ୍ଦ୍ରିମା ଘୋଷ ଉପସ୍ଥିତ ଥିଲେ।

## ଭୁବନେଶ୍ୱରରେ 'ଜି ଅଟମ୍ ଲିଗ୍ ୨୦୨୬' ଆରମ୍ଭ

ଭୁବନେଶ୍ୱର,୨।୯(ସବ୍ୟୁ): ପ୍ରମୁଖ ରିଅଲ୍ ଇଷ୍ଟେଟ୍ ଡେଭଲପର୍ ଗ୍ରୁପ୍ ଜି ପକ୍ଷରୁ 'ଜି ଅଟମ୍ ଲିଗ୍ ୨୦୨୬'ର ଆନୁଷ୍ଠାନିକ ଶୁଭାରମ୍ଭ ହୋଇଛି। ଦୁଇ ମାସ ଧରି ଚାଲିବାକୁ ଥିବା ଏହି କ୍ରୀଡ଼ା ଓ ସ୍ୱାସ୍ଥ୍ୟକେନ୍ଦ୍ରିକ ପଦକ୍ଷେପର ଲକ୍ଷ୍ୟ ହେଉଛି ଲୋକଙ୍କୁ ଅଧିକ ସକ୍ରିୟ ଜୀବନଶୈଳୀ ଆପଣାଇବାକୁ ପ୍ରେରିତ କରିବା ସହ କ୍ରୀଡ଼ା ମାଧ୍ୟମରେ ସମୁଦାୟ ମଧ୍ୟରେ ସଂଯୋଗ ବଢ଼ାଇବା। ଅକ୍ଟୋବର ୨, ୨୦୨୬ରୁ ଆରମ୍ଭ ହୋଇଥିବା ଏହି ଲିଗ୍ରେ କର୍ପୋରେଟ୍ ଟିମ୍, ବାସିନ୍ଦା ଓ କ୍ରୀଡ଼ାପ୍ରେମୀଙ୍କ ପାଇଁ ୪ଟି ପ୍ରମୁଖ କ୍ରୀଡ଼ା ପ୍ରତିଯୋଗିତା ଆୟୋଜନ କରାଯିବ। ଶୁକ୍ରବାର 'ଜି କର୍ପୋରେଟ୍ ଟେବୁଲ୍ ଟେନିସ୍ ଟୁର୍ଣ୍ଣାମେଣ୍ଟ'ରୁ ଲିଗ୍ର ଶୁଭାରମ୍ଭ ହୋଇଛି। ଏହା ପରେ ନଭେମ୍ବର ମାସ ପର୍ଯ୍ୟନ୍ତ ଅନ୍ୟ ପ୍ରତିଯୋଗିତାଗୁଡ଼ିକ ଚାଲିବ। ଆଧୁନିକ ଜୀବନଶୈଳୀରେ ଶାରୀରିକ ପରିଶ୍ରମର ଅଭାବ, ଖେଳପଡ଼ିଆ ଓ ମନୋରଞ୍ଜନ ପାଇଁ ଖୋଲା ସ୍ଥାନ କମିବା ଏବଂ ମୋବାଇଲ-ସ୍କ୍ରିନ୍ରେ ଅଧିକ ସମୟ ବିତାଇବା ଭଳି ସମସ୍ୟା ଉପରେ ଏହି ଲିଗ୍ ଗୁରୁତ୍ୱ ଦେଉଛି। ଉଭୟ ବୟସ୍କ ଓ ଶିଶୁଙ୍କ ମଧ୍ୟରେ ନିୟମିତ ଶାରୀରିକ କ୍ରିୟାକଳାପ ଓ କ୍ରୀଡ଼ା ପ୍ରତି ଆଗ୍ରହ ବଢ଼ାଇବା ଏହାର ଅନ୍ୟତମ ଉଦ୍ଦେଶ୍ୟ। ଗ୍ରୁପ୍ ଜିର ଆଶିଷ ଗର୍ଗ କହିଛନ୍ତି, "ରିଅଲ୍ ଇଷ୍ଟେଟ୍ରେ ପ୍ରତ୍ୟେକ ବର୍ଗଫୁଟର ମୂଲ୍ୟ ରହିଛି ଏବଂ ତାହା ବିକ୍ରି କରାଯାଇପାରେ। କିନ୍ତୁ କ୍ରୀଡ଼ା ଓ ମନୋରଞ୍ଜନ ପାଇଁ ଆମେ ଯେତେବେଳେ ଏକ ବଡ଼ ଅଞ୍ଚଳ ଖୋଲା ରଖିବାକୁ ସଚେତନ ଭାବେ ନିଷ୍ପତ୍ତି ନେଉଛୁ, ଏହା ସୁସ୍ଥ ଓ ସକ୍ରିୟ ଜୀବନଶୈଳୀ ପ୍ରତି ଆମର



ଗୁରୁତ୍ୱକୁ ପ୍ରତିଫଳିତ କରେ। ଏହି ସ୍ଥାନଗୁଡ଼ିକ କେବଳ ସୁବିଧା ନୁହେଁ, ବରଂ ବାସିନ୍ଦାଙ୍କ ସ୍ୱାସ୍ଥ୍ୟ, ଖୁସି ଓ ସୁସ୍ଥତା ପାଇଁ ଏକ ନିବେଶ। ପରିବାରଗୁଡ଼ିକୁ ଖେଳିବା ପାଇଁ ଦୂରକୁ ଯିବାକୁ ନପଡ଼ି, କ୍ରୀଡ଼ାକୁ ଦୈନନ୍ଦିନ ଜୀବନର ଅଂଶ କରିବା ଆମର ଲକ୍ଷ୍ୟ।" 'ଜି ଅଟମ୍ ଲିଗ୍ ୨୦୨୬'ରେ ଭୁବନେଶ୍ୱରର ବିଭିନ୍ନ ସ୍ଥାନରୁ ୨,୦୦୦ରୁ ଅଧିକ କର୍ପୋରେଟ୍ ପେସାଦାର, ଯୁବପିଢ଼ି ଓ କ୍ରୀଡ଼ାପ୍ରେମୀ ଅଂଶଗ୍ରହଣ କରିବେ ବୋଲି ଆଶା କରାଯାଉଛି। ଲିଗ୍ର ଅନ୍ତିମ କାର୍ଯ୍ୟକ୍ରମ 'ଜି ରନ୍'ରେ ଶତାଧିକ ଧାବକଙ୍କ ସହ ଅଭିନେତା ତଥା ସମାଜସେବୀ ସୋନୁ ସୁଦ୍ ଯୋଗଦେବେ। ଏହି କାର୍ଯ୍ୟକ୍ରମ ଫିଟନେସ୍ ସହ ସାମାଜିକ ସଂଯୋଗ ଓ ସାମୂହିକ ଅଂଶଗ୍ରହଣର ବାର୍ତ୍ତାକୁ ଆହୁରି ମଜବୁତ କରିବ। ଗ୍ରୁପ୍ ଜି ପକ୍ଷରୁ କୁହାଯାଇଛି ଯେ, ଏହି ଲିଗ୍ ତାହାର ବ୍ୟାପକ ବିକାଶ ଦର୍ଶନର ଏକ ଅଂଶ। ଏକୀକୃତ ଟାଉନ୍ସିପ୍ ଗଠନ ସହ କ୍ରୀଡ଼ା ଭିତ୍ତିଭୂମି, ଖୋଲା ସ୍ଥାନ ଓ ସବୁଜ କରିଡର୍କୁ ଆବାସିକ ଜୀବନର ଅଂଶ କରି ଅଧିକ ସୁସ୍ଥ, ଖୁସି ଓ ସକ୍ରିୟ ପଡ଼ୋଶ ଗଢ଼ିବା ଏହାର ଲକ୍ଷ୍ୟ।




Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Dr. Gurukalyan Mohapatra, ମୁଖ୍ୟ ସମ୍ପାଦକ: ଡ. ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି